ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ | ସଂଖ୍ୟା-୧୦୦ | ବୁଧବାର | ୨ ଜୁଲାଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-100 | Wednesday | 2 July 2025 | Bhubaneswar | Pages-8 | Rs. 2.00

## ପ୍ରଶାସନିକ ଅଧିକାରୀ, ସେବାୟତ ଓ ବିଭିନ୍ନ ନିଯୋଗ ସହିତ ସମୀକ୍ଷା ବୈଠକ

# 'ବାହୁଡ଼ାଯାତ୍ରା ଓ ସୁନାବେଶ ସହ ନୀଳାଦ୍ରି ବିଜେରେ ତ୍ରୁଟି ନହେବାକୁ ଗୁରୁତ୍ୱ ଦିଆଯାଉଛି'



ପୁରୀ, ୧।୭ (ହି.ସ): ମହାପ୍ରଭୁଙ୍କ ଶୃଙ୍ଖଳିତ ଯାତ୍ରା ଓ ଦର୍ଶନ ବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ସନ୍ଧ୍ୟାରେ ପୁରୀରେ ପ୍ରଶାସନିକ ଅଧିକାରୀ, ସେବାୟତ ଓ ବିଭିନ୍ନ ନିଯୋଗ ସହିତ ସମୀକ୍ଷା ବୈଠକ କରିଛନ୍ତି। ସମୀକ୍ଷା ପରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଆମ ଆଗରେ ବାହୁଡ଼ାଯାତ୍ରା, ସୁନାବେଶ ଓ ନୀଳାଦ୍ରି ବିଜେ ଭଳି ବଡ଼ ଯାତ୍ରାର ପରିଚାଳନା ପାଇଁ ଚ୍ୟାଲେଞ୍ଜ ରହିଛି। ଏହି ତିନି ଯାତ୍ରାରେ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ସମାଗମ ହେବ। ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇପାରେ। କିନ୍ତୁ ଟ୍ରାଫିକ୍ର ସୁପରିଚାଳନା ପାଇଁ ଆଲୋଚନା ହୋଇଛି। ଆଗାମୀ ଦିନରେ ଆୟୋଜନ ହେବାକୁଥିବା ମହାପ୍ରଭୁଙ୍କ ଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ପ୍ରବଳ ଭିଡ଼ ହେବ। କିନ୍ତୁ ଭିଡ଼କୁ ସଫଳ ପରିଚାଳନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଟ୍ରାଫିକ ପରିଚାଳନା ପାଇଁ ମଧ୍ୟ ଆଲୋଚନା ହୋଇଛି। ଭୁବନେଶ୍ୱରରୁ ପୁରୀ ଓ କୋଣାର୍କରୁ ପୁରୀ ରାସ୍ତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ଦୁଇଟି ରାସ୍ତାରେ ପ୍ରବଳ ଭିଡ଼ ରହିବାର ସମ୍ଭାବନା ରହିଛି। ଏଥର ଭିଡ଼କୁ ପରିଚାଳନା ପାଇଁ ପ୍ରସ୍ତୁତି ଜୋର କରାଯାଇଛି। ରଥଯାତ୍ରାକୁ ସଫଳ ପରିଚାଳନା କରିପାରିବା ଭଳି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସେବାୟତମାନେ ସେମାନଙ୍କର ସମସ୍ୟା ସଂପର୍କରେ ଦରଖାସ୍ତ ମାଧ୍ୟମରେ ଜଣାଇଛନ୍ତି। ରଥଯାତ୍ରା ଓ ଅନ୍ୟ ସମୟରେ ହେଉଥିବା କାର୍ଯ୍ୟକ୍ରମ ଉପରେ ସକରାତ୍ମକ ଭାବରେ ଆଲୋଚନା ହୋଇଛି। ସେବାୟତମାନେ ସେମାନଙ୍କର ଦାବି ରଖିଛନ୍ତି। ସେବାୟତମାନଙ୍କର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର ଖୋଲା ଅଛି। ଅନ୍ୟପଟରେ ମହାପ୍ରଭୁଙ୍କ ଯାତ୍ରା ସଫଳ କରିବା ପାଇଁ ଆମେ ଚେଷ୍ଟା କରିବୁ ବୋଲି ସେବାୟତ ସଂଘ ପକ୍ଷରୁ କୁହାଯାଇଛି। ମହାପ୍ରଭୁଙ୍କ ପବିତ୍ର ହେରାପଞ୍ଚମୀ ଅବସରରେ ପୁରୀରେ ବିଭିନ୍ନ ପ୍ରସଙ୍ଗ ଉପରେ ଆମେ ତଦାରଖ କରିଛୁ। ଆଇନମନ୍ତ୍ରୀ, ସାଂସଦ, ତିନିଜଣ ବିଧାୟକ ମଧ୍ୟ ରଥଯାତ୍ରା ପାଇଁ ତଦାରଖ ଜାରି ରଖିଛନ୍ତି। ମନ୍ତ୍ରୀସ୍ତରୀୟ ଏକ କମିଟି ଗଠନ କରାଯାଇଛି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କମିଟିର ଅଧ୍ୟକ୍ଷା ଅଛନ୍ତି। ସେମାନେ ମଧ୍ୟ ତଦାରଖ • ପୃଷ୍ଠା ୭ ଦେଖନ୍ତୁ...

## ୧୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୧।୭ (ହି.ସ): ଓଡ଼ିଶା ଆସିବେ ମହାମହିମ ରାଷ୍ଟ୍ରପତି। ଜୁଲାଇ ୧୪ରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଜୁଲାଇ ୧୪ ତାରିଖରେ ଭୁବନେଶ୍ୱର ଏମ୍ସ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୧୫ରେ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର • ପୃଷ୍ଠା ୭ ଦେଖନ୍ତୁ...

## ଅରୁଣ ସ୍ତମ୍ଭ ଘରି ପାଖରେ ଲାଗିଲା ପିତଳ ବ୍ୟାରିକେଡ଼

ପୁରୀ, (ଡିକେ ନ୍ୟୁଜ): ଶ୍ରୀମନ୍ଦିର ଅରୁଣ ସ୍ତମ୍ଭ ଘରି ପାଖରେ ପିତଳ ବ୍ୟାରିକେଡ଼ ଲାଗିଛି। ପୂର୍ବରୁ ଥିବା ଲୁହା ବ୍ୟାରିକେଡ଼କୁ ହଟାଇ ଦେଇ ୪ ଫୁଟର ଉଚ୍ଚର ଏହି ପିତଳ ବ୍ୟାରିକେଡ଼ ଲଗାଯାଇଛି। ଏହି ବ୍ୟାରିକେଡ଼ ଲାଗିବା ପରେ ଭକ୍ତମାନେ ଅରୁଣ ସ୍ତମ୍ଭ ଛୁଇଁବାର ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଏହା ଜଗନ୍ନାଥ ପ୍ରେମୀ ଓ ଶ୍ରୀମନ୍ଦିର ସେବାୟତମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଟିଏ ପ୍ରଥମେ ଅରୁଣ ସ୍ତମ୍ଭକୁ ସ୍ପର୍ଶ କରି ଅଥବା ମୁଣ୍ଡିଆ ମାରି ଶ୍ରୀମନ୍ଦିରକୁ ଯାଇଥାଏ। କିନ୍ତୁ ଏହି ପିତଳ ବ୍ୟାରିକେଡ଼ ଲାଗିବା ଦ୍ୱାରା ସଧାରଣ ଭକ୍ତଟି ତାର ଧାର୍ମିକ ବିଶ୍ୱାସରୁ ବଞ୍ଚିତ ହେବ। ଏଭଳି ନିଷ୍ପତ୍ତିକୁ ବରିଷ୍ଠ ସେବାୟତମାନେ ମଧ୍ୟ ବିରୋଧ କରିଛନ୍ତି।

## ଓଡ଼ିଶା ଆସିବେ ରାହୁଲଙ୍କ ସହ ଖଡଗେ

ଭୁବନେଶ୍ୱର, ୧।୭ (ହି.ସ): ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତସୂଚୀରେ ପରିବର୍ତ୍ତନ ହୋଇଛି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଆସନ୍ତା ୯ ତାରିଖରେ ଓଡ଼ିଶା ଆସିବେ ନାହିଁ। ଓଡ଼ିଶାକୁ ତାଙ୍କର ଗସ୍ତ ଆସନ୍ତା ୧୧ ତାରିଖରେ ହେବ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ଗଣମାଧ୍ୟମକୁ • ପୃଷ୍ଠା ୭ ଦେଖନ୍ତୁ...

## ନିଯୁକ୍ତି-ସଂଯୁକ୍ତ ପ୍ରୋତ୍ସାହନ ଯୋଜନାକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

ନୂଆଦିଲ୍ଲୀ, ୧।୭ (ପିଆଇବି): କେନ୍ଦ୍ର କ୍ୟାବିନେଟ୍ ସମସ୍ତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ଏବଂ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ନିଯୁକ୍ତି-ସଂଯୁକ୍ତ ପ୍ରୋତ୍ସାହନ ଯୋଜନାକୁ ମଞ୍ଜୁରୀ ଦେଇଛି। ଏହାର ବିଶେଷ ଲକ୍ଷ୍ୟ ଉତ୍ପାଦନ କ୍ଷେତ୍ର ଉପରେ ରହିଛି। ମଙ୍ଗଳବାର ନୂଆଦିଲ୍ଲୀରେ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଏହି ଯୋଜନା ଅଧୀନରେ ପ୍ରଥମ ଥର ପାଇଁ କର୍ମଚାରୀମାନେ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଏକ ମାସର ମଜୁରୀ ପାଇବେ। ସେ କହିଛନ୍ତି ଯେ ନିଯୁକ୍ତିଦାତାମାନଙ୍କୁ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ଦୁଇ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ଦିଆଯିବ, ଉତ୍ପାଦନ କ୍ଷେତ୍ର ପାଇଁ ଆହୁରି ଦୁଇ ବର୍ଷ ପାଇଁ ଅତିରିକ୍ତ ଲାଭ ଦିଆଯିବ। ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ସରକାର ଅତି କମରେ ଛଅ ମାସ ପାଇଁ ସ୍ଥାୟୀ ନିଯୁକ୍ତି ସହିତ ପ୍ରତ୍ୟେକ ଅତିରିକ୍ତ କର୍ମଚାରୀଙ୍କ ପାଇଁ ନିଯୁକ୍ତିଦାତାମାନଙ୍କୁ ଦୁଇ ବର୍ଷ ପାଇଁ ପ୍ରତି ମାସରେ ତିନି ହଜାର ପର୍ଯ୍ୟନ୍ତ ପ୍ରୋତ୍ସାହନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପାଞ୍ଚଟି ଯୋଜନାର ପ୍ୟାକେଜର ଅଂଶ ଭାବରେ ନିଯୁକ୍ତି-ସଂଯୁକ୍ତ ପ୍ରୋତ୍ସାହନ ଯୋଜନା ଘୋଷଣା କରାଯାଇଥିଲା ଯାହାର ମୋଟ ବଜେଟ୍ ଦୁଇ ଲକ୍ଷ କୋଟି ଟଙ୍କା। ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ କେନ୍ଦ୍ର କ୍ୟାବିନେଟ୍ ଏକ ଲକ୍ଷ କୋଟି ଟଙ୍କା କର୍ପସ ସହିତ ଗବେଷଣା ବିକାଶ ଏବଂ ନବସୃଜନ ଯୋଜନାକୁ ମଧ୍ୟ ମଞ୍ଜୁରୀ ଦେଇଛି। ଏହି ଯୋଜନାର ଲକ୍ଷ୍ୟ ଦେଶର ଗବେଷଣା ଏବଂ ନବସୃଜନ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଘରୋଇ କ୍ଷେତ୍ର ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଦୀର୍ଘକାଳୀନ ଆର୍ଥିକ ସହାୟତା କିମ୍ବା ପୁନଃଅର୍ଥ ପ୍ରଦାନ କରିବା। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁସନ୍ଧାନ ଜାତୀୟ ଗବେଷଣା ଫାଉଣ୍ଡେସନର ପରିଚାଳନା ବୋର୍ଡ ଗବେଷଣା ବିକାଶ ଏବଂ ନବସୃଜନ ଯୋଜନାକୁ ବ୍ୟାପକ ରଣନୈତିକ ଦିଗ ପ୍ରଦାନ କରିବ। ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି ଯେ ଦେଶର କ୍ରୀଡ଼ା ଦୃଶ୍ୟପଟକୁ ପରିବର୍ତ୍ତନ କରିବା ଏବଂ ନାଗରିକମାନଙ୍କୁ କ୍ରୀଡ଼ା କାର୍ଯ୍ୟକଳାପ ସହିତ ସଶକ୍ତ କରିବା ପାଇଁ ଜାତୀୟ କ୍ରୀଡ଼ା ନୀତି ୨୦୨୫ ମଧ୍ୟ ଅନୁମୋଦନ କରାଯାଇଛି। ସେ କହିଛନ୍ତି ଯେ, ଏହି ନୀତି କାର୍ଯ୍ୟକାରୀ ହେବା ସହିତ, ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି କ୍ରୀଡ଼ା ରାଷ୍ଟ୍ର ହେବା ଲକ୍ଷ୍ୟ ରଖାଯାଇଛି। ସେ ଆଲୋକପାତ କରିଥିଲେ ଯେ ଏହି ନୀତି ପ୍ରତିଭାର ପ୍ରାରମ୍ଭିକ ଚିହ୍ନଟ ଏବଂ ପୋଷଣ ସହିତ ତୃଣମୂଳ ସ୍ତରରୁ • ପୃଷ୍ଠା ୭ ଦେଖନ୍ତୁ...

## ୫ ଯାଏ ବର୍ଷା: ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧।୭ (ହି.ସ): ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଥିବା ବେଳେ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ବର୍ଷିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜରେ କୁହାଯାଇଛି। କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ଆଉ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ (କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରୁହନ୍ତୁ) ଓ ୟେଲୋ (ସତର୍କ ରୁହନ୍ତୁ) ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାର ରାଜ୍ୟର ଅନେକ ଅଞ୍ଚଳରେ ବର୍ଷା ହେଉଥିବା ବେଳେ ବୁଧବାର ସକାଳ ସାଢେ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତା'ସାଙ୍ଗକୁ ବିଜୁଳି ମାରିବ ଓ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିପାରେ। ସେଥିପାଇଁ ଏହି ତିନି ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ଏହି ସମୟ ମଧ୍ୟରେ ବରଗଡ଼, ମୟୂରଭଞ୍ଜ, ନବରଙ୍ଗପୁର, ବଲାଙ୍ଗିର, ସୋନପୁର, ବୌଦ୍ଧ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ଦେବଗଡ଼, କଳାହାଣ୍ଡି, ନୂଆପଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବରଗଡ଼ ଜିଲ୍ଲାରେ ବିଜୁଳି ଓ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ସହିତ ବର୍ଷା ହୋଇପାରେ। ତେଣୁ ଏହି ଜିଲ୍ଲାକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବୁଧବାର ସକାଳ ସାଢେ ୮ଟାରୁ ୩ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ତା' ସହିତ ଘଡ଼ଘଡ଼ି ଓ ବିଜୁଳି ମାରିପାରେ ଏବଂ ଝଟକା ପବନ ବହିପାରେ। ସେଥିପାଇଁ ଏହି ସବୁ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ବରଗଡ଼, ଅନୁଗୁଳ, ଝାରସୁଗୁଡ଼ା, ଢେଙ୍କାନାଳ, ଦେବଗଡ଼ ଓ ସମ୍ବଲପୁର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ଝଟକା ପବନ ସହିତ ପ୍ରବଳ • ପୃଷ୍ଠା ୭ ଦେଖନ୍ତୁ...

## ଆଇସିଆଇସିଆଇ, ଆକ୍ସିସ୍ ଓ ଏଚଡିଏଫସି ବ୍ୟାଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର, ୧।୭ (ହି.ସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଆଇସିଆଇସିଆଇ, ଆକ୍ସିସ୍ ଓ ଏଚଡିଏଫସି ବ୍ୟାଙ୍କର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି। ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଗରିବ ଲୋକମାନଙ୍କୁ ଅଧିକ ଋଣ ଦେବାପାଇଁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯେପରିକି କୃଷି ଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା (ପିଏମଇଜିପି), ପିଏମ୍ ସ୍ୱନିଧି ଯୋଜନା, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା, ଗୃହଋଣ, ଶିକ୍ଷାଋଣ ଓ ରପ୍ତାନୀ ଋଣ ଆଦି ବିଭିନ୍ନ ଯୋଜନାରେ ଏହି ବ୍ୟାଙ୍କଗୁଡିକର ପ୍ରଦର୍ଶନ ଅତ୍ୟନ୍ତ କମ୍ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜୁନ୍ ୨୧ ତାରିଖରେ ଏହି ବ୍ୟାଙ୍କଗୁଡିକୁ ସରକାରୀ ତାଲିକାରୁ କାଢିଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକମାନଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ। କିନ୍ତୁ ଏହି ସବୁ ଯୋଜନାଗୁଡିକରେ ଏହି ତିନୋଟି ବ୍ୟାଙ୍କର ପ୍ରଦର୍ଶନ ଓଡିଶାରେ ଆଦୌ ସନ୍ତୋଷ ଜନକ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାରଙ୍କ ଗରିବ କଲ୍ୟାଣ ଯୋଜନାରେ ବ୍ୟାଙ୍କଗୁଡିକ ହେଉଛନ୍ତି ଏକ ବଡ ମାଧ୍ୟମ। ତେଣୁ, ଏହି ସବୁ ବ୍ୟାଙ୍କଗୁଡିକ ବିଭିନ୍ନ ଯୋଜନାରେ ଯେଉଁଥିରେ ଗରିବ ଲୋକମାନେ ଉପକୃତ ହେଉଛନ୍ତି, ସେଥିରେ ଅଧିକ ଲୋକଙ୍କୁ ଋଣ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବ୍ୟାଙ୍କମାନଙ୍କ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କରି କହିଛନ୍ତି ଯେ, ସେମାନେ ଏହି ସବୁ ଯୋଜନାରେ ଲୋକଙ୍କୁ ଋଣଦେବା ପାଇଁ • ପୃଷ୍ଠା ୭ ଦେଖନ୍ତୁ...

## ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାରେ ଆଉ ୨ ଗିରଫ

ଭୁବନେଶ୍ୱର, ୧।୭ (ହି.ସ): ସୋମବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ଆକ୍ରମଣ ଘଟଣାରେ ଆଉ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ସେମାନେ ହେଉଛନ୍ତି- ସଞ୍ଜୀବ ମିଶ୍ର ଓ ସଚ୍ଚିକାନ୍ତ ସ୍ୱାଇଁ। ଏହା ସହିତ ଏହି ମାମଲାରେ ଏଯାବତ ୫ ଜଣଙ୍କୁ ଗିରଫ କରିଛି ପୋଲିସ। ସଞ୍ଜୀବ ମିଶ୍ର ଓ ସଚ୍ଚିକାନ୍ତ ମିଶ୍ର ମଧ୍ୟ ବିଜେପିର କର୍ମକର୍ତ୍ତା ଥିଲେ। ସେମାନେ ଗିରଫ ହେବାର କିଛି ସମୟ ପୂର୍ବରୁ ସେମାନଙ୍କୁ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରିଥିଲେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ। ସଞ୍ଜୀବ ଓ ସଚ୍ଚିକାନ୍ତଙ୍କ ପୂର୍ବରୁ କର୍ପୋରେଟର ଅପରୂପ ନାରାୟଣ ରାଉତ, ରଶ୍ମୀ ରଞ୍ଜନ ମହାପାତ୍ର ଓ ଦେବାଶିଷ ପ୍ରଧାନଙ୍କୁ ଗିରଫ କରିଥିଲା ପୋଲିସ। କୋର୍ଟରେ ଅପରୂପ, ରଶ୍ମୀ ଓ ଦେବାଶିଷଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣା ପାଇଁ ସଞ୍ଜୀବ ଓ ସଚ୍ଚିକାନ୍ତଙ୍କ ସହିତ କର୍ପୋରେଟର ଅପରୂପ ନାରାୟଣ ରାଉତ, ରଶ୍ମୀ ରଞ୍ଜନ ମହାପାତ୍ର ଓ ଦେବାଶିଷ ପ୍ରଧାନଙ୍କୁ ବିଜେପି ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରିଛି। ଏହି ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛି ରାଜ୍ୟ ଓଏଏସ୍ ସଂଘ। ଏଥିପାଇଁ ସରକାରଙ୍କୁ ୨୪ ଘଣ୍ଟା ମହଲତ ଦେଇଛି ସଂଘ। ଅନ୍ୟପକ୍ଷରେ ୧୪ଟି ଜିଲ୍ଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ଯାଇଛନ୍ତି ଓଏଏସ୍ ଓ ଓଆରଏସ ଅଫିସର। କଟକ, ଜଗତସିଂହପୁର, ଭଦ୍ରକ, ରାୟଗଡ଼ା, ଦେବଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର, ବାଲେଶ୍ୱର, ଗଞ୍ଜାମ, କନ୍ଧମାଳ, ବଲାଙ୍ଗିର, ସମ୍ବଲପୁର, କେନ୍ଦୁଝର ଓ ଯାଜପୁର ଜିଲ୍ଲାରେ ସମୂହ ଛୁଟିରେ ଯାଇଛନ୍ତି ଓଏଏସ ଓ ଓଆରଏସ୍ ଅଫିସରମାନେ। ଏହି ମାମଲାରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନ ହେବା ଯାଏଁ ସେମାନେ ଛୁଟିରେ ରହିବେ ବୋଲି କହିଛନ୍ତି।

## ଫାର୍ମା ପ୍ଲାଣ୍ଟ ବିସ୍ଫୋରଣ ଘଟଣା: ମୃତ୍ୟୁସଂଖ୍ୟା ୩୬ ଛୁଇଁଲା



ସଙ୍ଗାରେଡ୍ଡୀ, ୧।୭ (ହି.ସ): ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଥିବା ଗୋଟିଏ ଫାର୍ମା ପ୍ଲାଣ୍ଟରେ ସୋମବାର ହୋଇଥିବା ଭୟଙ୍କର ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୩୬ ଜଣଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ଏବେ ବି ଅନେକ ଶ୍ରମିକ ନିଖୋଜ ରହିଛନ୍ତି। ଉଦ୍ଧାରକାରୀ ଟିମ ବିସ୍ଫୋରଣ ସ୍ଥଳରେ ଧ୍ୱଂସାବଶେଷ ସଫା କରିବାରେ ଲାଗି ପଡ଼ିଛନ୍ତି। ଜିଲ୍ଲାର ଏସପି ପରିତୋଶ ପଙ୍କଜ ମଙ୍ଗଳବାର ନିଶ୍ଚିତ କରିଛନ୍ତି ଯେ ସିଗାଚି ଇଣ୍ଡଷ୍ଟ୍ରୀଜ ଫାର୍ମ ପ୍ଲାଣ୍ଟରେ ହୋଇଥିବା ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି। ତାଙ୍କ କହିବା କଥା ଯେ ବିସ୍ଫୋରଣ ଯୋଗୁ ୩ ମହଲା ବିଶିଷ୍ଟ ପ୍ଲାଣ୍ଟ ଭୁଶୁଡ଼ି ପଡ଼ିଥିଲା। ଏବେ ଧ୍ୱଂସାବଶେଷ ତଳୁ କର୍ମଚାରୀ ଓ ଶ୍ରମିକଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ଧ୍ୱଂସାବଶେଷ ତଳୁ ମୋଟ ୩୧ଟି ମୃତଦେହ ମିଳିଛି। ହସ୍ପିଟାଲରେ ମଧ୍ୟ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ମୋଟ ୩୬ ଜଣ ଜୀବନ ଯାଇଛି। ଏବେ ବି ଅନେକ ଶ୍ରମିକ ନିଖୋଜ ଅଛନ୍ତି ବୋଲି ସେ କହିଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ ରେଭନ୍ତ ରେଡ୍ଡୀ ଓ ଅନ୍ୟ କିଛି କ୍ୟାବିନେଟ ସଦସ୍ୟ ମଙ୍ଗଳବାର ସକାଳୁ ବିସ୍ଫୋରଣ ସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଛନ୍ତି। ସ୍ଥିତି ସମୀକ୍ଷା କରିବା ପରେ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ କହିଛନ୍ତି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ଆମ ମନ୍ତ୍ରୀ ମ୍ୟାନେଜମେଣ୍ଟ ସହ କଥା ହୋଇଛନ୍ତି। ସରକାରୀ ଅଧିକାରୀ ଓ ଉଦ୍ଧାରକାରୀ ଟିମ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି। ମୃତକଙ୍କ ମଧ୍ୟରେ ବିହାର, ଓଡ଼ିଶା, ମଧ୍ୟପ୍ରଦେଶ ଓ ଆନ୍ଧ୍ର ପ୍ରଦେଶର ଶ୍ରମିକ ରହିଛନ୍ତି। ଘଟଣା ବେଳେ ପ୍ଲାଣ୍ଟରେ ମୋଟ ୧୪୩ ଜଣ ରହିଥିଲେ। ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ମୃତକଙ୍କ ପରିବାର ବର୍ଗଙ୍କ ପାଇଁ ୧ କୋଟିର କ୍ଷତି ପୂରଣ ରାଶି ଘୋଷଣା କରିଥିବା ବେଳେ ଗୁରୁତର ଆହତଙ୍କ ପାଇଁ ୧୦ ଲକ୍ଷ ଓ କେବଳ ଆହତ ହୋଇଥିବା ଲୋକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ମିଳିବ ବୋଲି କହିଛନ୍ତି। ସୋମବାର ସକାଳ ୮.୧୫ରୁ ୯.୩୫ ମଧ୍ୟରେ ପ୍ଲାଣ୍ଟର ରିଆକ୍ଟରରେ • ପୃଷ୍ଠା ୭ ଦେଖନ୍ତୁ...

## ସୁବର୍ଣ୍ଣରେଖାରେ ବନ୍ୟା ପ୍ରକୋପ କମୁଛି: ୪୬ଟି ପଞ୍ଚାୟତ ପ୍ରଭାବିତ

ବାଲେଶ୍ୱର/ଜଳେଶ୍ୱର, ୧।୭ (ହି.ସ): ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ଧୀରେଧୀରେ ହ୍ରାସ ପାଇବାରେ ଲାଗିଛି ଏବଂ ବନ୍ୟାର ପ୍ରକୋପ ମଧ୍ୟ କମୁଛି। ତେବେ, ବନ୍ୟା ଯୋଗୁ ଉତ୍ତର ବାଲେଶ୍ୱରର ବହୁ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ହଜାର ହଜାର ଏକର ଚାଷ ଜମିରେ ପାଣିର ସୁଅ ଚାଲିଛି। ମଙ୍ଗଳବାର କେନ୍ଦ୍ରାଞ୍ଚଳ ଆରଡିସି ବି. ପରମେଶ୍ୱରନ୍ ଏଠାରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ରାଜଘାଟଠାରେ ମଙ୍ଗଳବାର ଅପରାହ୍ଣ ୨ଟା ସୁଦ୍ଧା ୧୧.୫୬ ମିଟରରେ ସ୍ଥିର ରହିଥିଲା। ଜାତୀୟ ରାଜପଥ ପୋଲ ନିକଟରେ ପ୍ରତି ସେକେଣ୍ଡରେ ୫୧୮୫.୦୬ କ୍ୟୁସେକ୍ ପାଣି ନିଷ୍କାସିତ ହେଉଥିଲା। ଅପରାହ୍ଣ ୪ଟା ସମୟରେ ଜଳପତ୍ତନ ହ୍ରାସ ପାଇ ୧୧.୫୩ ମିଟରରେ ପ୍ରବାହିତ ହେଉଥିଲା। ନଦୀର ଉପର ମୁଣ୍ଡରେ ଆଉ ବର୍ଷା ନହେଲେ ସୁବର୍ଣ୍ଣରେଖା ବନ୍ୟା ପରିସ୍ଥିତିରେ ସୁଧାର ଆସିବ ବୋଲି ଜଳସମ୍ପଦ ବିଭାଗର ଇଞ୍ଜିନିୟର ଇନ୍ ଚିଫ୍ (ସର୍ବୋଚ୍ଚ ଯନ୍ତ୍ରୀ) ମୁକୁଳ ଚନ୍ଦ୍ର ବେରା କହିଛନ୍ତି। ଅନ୍ୟପକ୍ଷରେ, ବନ୍ୟା ଯୋଗୁ ଉତ୍ତର ବାଲେଶ୍ୱରର ଅନେକ ପଞ୍ଚାୟତ ପ୍ରଭାବିତ ହୋଇଛି। ଜିଲ୍ଲାର ୪୬ଟି ପଞ୍ଚାୟତ ପ୍ରଭାବିତ ହୋଇଥିବା ବେଳେ ୨୯୧୬ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେଥିମଧ୍ୟରୁ ବସ୍ତା ବ୍ଲକର ୧୪ଟି ପଞ୍ଚାୟତ ପ୍ରଭାବିତ ହୋଇଥିବା ବେଳେ ଜଳେଶ୍ୱରର ୧୦ଟି ପଞ୍ଚାୟତ ଓ ପେରାଞ୍ଚଳର ୭ଟି ୱାର୍ଡ, ବାଲିଆପାଳ ବ୍ଲକର ୨ପଞ୍ଚାୟତ, ଭୋଗରାଇ ବ୍ଲକର ୧୩ଟି ପଞ୍ଚାୟତ, ରେମୁଣା ଓ ସୋର ବ୍ଲକର ଗୋଟିଏ ଲେଖାଏଁ ପଞ୍ଚାୟତ ପ୍ରଭାବିତ ହୋଇଛି। ଏସବୁ ପଞ୍ଚାୟତର ହଜାର ହଜାର ଏକର ଚାଷ ଜମିରେ ପାଣିର ସୁଅ ଚାଲିଥିବା ଦେଖିବାକୁ ମିଳିଛି। କେନ୍ଦ୍ରାଞ୍ଚଳ ଆରଡିସି ବି. ପରମେଶ୍ୱରନ୍ ପୂର୍ବାହ୍ଣ ସାଢେ ୧୦ଟା ସମୟରେ ଜଳେଶ୍ୱର ପୌରପାଳିକା କାର୍ଯ୍ୟାଳୟରେ ପହଞ୍ଚି ବନ୍ୟା ମୁକାବିଲା ପାଇଁ ପୌର ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଥିଲେ। ଏହାପରେ ଶାସନବାଡ଼ସ୍ଥିତ ସୁବର୍ଣ୍ଣରେଖା ନଦୀ କୂଳକୁ ଯାଇ ବନ୍ୟା ସ୍ଥିତି ଓ ନଦୀକା ନିକଟରେ ଜଳ ନିଷ୍କାସନ ସମସ୍ୟାର ଅନୁଧ୍ୟାନ • ପୃଷ୍ଠା ୭ ଦେଖନ୍ତୁ...






# କମିଲା ଗ୍ୟାସ୍ ଦର



**ନୂଆଦିଲ୍ଲୀ,(ହି.ସ):** ଜୁଲାଇ ମାସର ପ୍ରଥମ ଦିନରେ ଏଲ୍‌ପିଜି ସିଲିଣ୍ଡର ସମ୍ପର୍କରେ ଏକ ବଡ଼ ଘୋଷଣା କରାଯାଇଛି। ଏହା ଏଲ୍‌ପିଜି ବ୍ୟବହାରକାରୀଙ୍କ ପାଇଁ ଏକ ଖୁସି ଖବର ନେଇ ଆସିଛ। ମଙ୍ଗଳବାର ୧ ଜୁଲାଇ ଠାରୁ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ପ୍ରତି ମାସର ପ୍ରଥମ ତାରିଖରେ ତୈଳ ବିପଣନ କମ୍ପାନିଗୁଡ଼ିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ସଂଶୋଧନ କରିଥାନ୍ତି। ଚଳିତ ମାସରେ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। କମ୍ପାନିଗୁଡ଼ିକ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୫୮.୫୦ ଟଙ୍କା ହ୍ରାସ କରିଛନ୍ତି। ତେବେ ୧୪.୨ କିଲୋଗ୍ରାମ ଘରୋଇ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରକାଶିତ ନୂତନ ଦର ତାଲିକା ଅନୁଯାୟୀ, ମଙ୍ଗଳବାର ଜୁଲାଇ ୧ ଠାରୁ ଦିଲ୍ଲୀରେ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ଖୁଚୁରା ବିକ୍ରୟ ମୂଲ୍ୟ ୧୭୨୩.୫୦ ଟଙ୍କା ପରିବର୍ତ୍ତେ ୧୬୬୫ ଟଙ୍କା ହେବ। ସେହିପରି ନୋଏଡାରେ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୧୭୪୭.୫୦ ଟଙ୍କା ହେବ। କୋଲକାତାରେ ଏଲ୍‌ପିଜି ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୮୨୬ ଟଙ୍କା ପରିବର୍ତ୍ତେ ୧୭୬୯ ଟଙ୍କା ହେବ। ମୁମ୍ବାଇରେ ଏବେ ଏହା ୧୬୭୪.୫୦ ଟଙ୍କା ପରିବର୍ତ୍ତେ ୧୬୧୬ ଟଙ୍କାରେ ଉପଲବ୍ଧ ହେବ। ଚେନ୍ନାଇରେ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୮୨୩.୫୦ ଟଙ୍କା ପରିବର୍ତ୍ତେ ୧୮୮୧ ଟଙ୍କା ହେବ। ବାଣିଜ୍ୟିକ ସିଲିଣ୍ଡର ଶସ୍ତା ହେବା ଯୋଗୁ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ବ୍ୟବସାୟୀମାନଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ସୂଚନାଯୋଗ୍ୟ, ଜୁନ୍ ୨୦୨୫, ମେ' ୨୦୨୫, ଏପ୍ରିଲ୍ ୨୦୨୫ ରେ ମଧ୍ୟ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ହ୍ରାସ କରାଯାଇଥିଲା। ଜୁନ୍ ମାସରେ ୨୪ ଟଙ୍କା ହ୍ରାସ କରାଯାଇଥିଲା। ମେ' ମାସରେ ମୂଲ୍ୟ ୧୪.୫୦ ଟଙ୍କା ଏବଂ ଏପ୍ରିଲ୍ ମାସରେ ୪୧ ଟଙ୍କା ହ୍ରାସ କରାଯାଇଥିଲା। ଫେବ୍ରୁଆରିରେ ୭ ଟଙ୍କା ହ୍ରାସ ହୋଇଥିଲା। କିନ୍ତୁ ମାର୍ଚ୍ଚରେ ୬ ଟଙ୍କା ବୃଦ୍ଧି କରାଯାଇଥିଲା। ଏବେ ଜୁଲାଇ ମାସରେ ମଧ୍ୟ ଦର ଚତୁର୍ଥ ଥର ପାଇଁ ହାର ହ୍ରାସ କରାଯାଇଛି।

# ୨୦୨୪-୨୫ରେ ରେକର୍ଡ ଜିଏସ୍‌ଟି ସଂଗ୍ରହ




**ନୂଆଦିଲ୍ଲୀ,(ହି.ସ):** ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସଟି) ସଂଗ୍ରହ ଦୁଇ ଗୁଣ ହୋଇ ୨୨.୦୮ ଲକ୍ଷ କୋଟି ଟଙ୍କାର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ପୂର୍ବରୁ ୨୦୨୦-୨୧ ଆର୍ଥିକବର୍ଷରେ ଜିଏସଟି ସଂଗ୍ରହ ୧୧.୩୭ ଲକ୍ଷ କୋଟି ଟଙ୍କା ଥିଲା। ବିଶେଷ କଥା ହେଉଛି ଯେ ଏହି ଜିଏସଟି ସଂଗ୍ରହ ଗତ ୫ବର୍ଷରେ ଦ୍ୱିଗୁଣିତ ହୋଇଛି। ଯାହାଫଳରେ ଜିଏସଟି ସଂଗ୍ରହରେ ଭାଙ୍ଗିଛି ୫ ବର୍ଷର ପୁରୁଣା ରେକର୍ଡ। ବର୍ତ୍ତମାନ ଜିଏସଟି ସଂଗ୍ରହ ସହିତ ଏକ ବଡ଼ ରେକର୍ଡ ମଧ୍ୟ ହୋଇଛି। ବାସ୍ତବରେ ୨୦୨୫ ଆର୍ଥିକ ବର୍ଷରେ ସରକାର ରେକର୍ଡ ଜିଏସଟି ସଂଗ୍ରହ କରିଛନ୍ତି। ବିଶେଷ କଥା ହେଉଛି ଯେ ଗତ ୫ ବର୍ଷରେ ସରକାରଙ୍କ ଜିଏସଟି ସଂଗ୍ରହ ଦୁଇ ଗୁଣ ହୋଇଛି। ଯଦି ବିଶେଷଜ୍ଞଙ୍କ କଥାକୁ ବିଶ୍ୱାସ କରାଯାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଜିଏସଟି ସଂଗ୍ରହ ଆହୁରି ବୃଦ୍ଧି ପାଇପାରେ। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ଜିଏସଟି ସଂଗ୍ରହ ୨ ଗୁଣ ବୃଦ୍ଧି ପାଇ ୨୨.୦୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଯାହା ୨୦୨୦-୨୧ ଆର୍ଥିକ ବର୍ଷରେ ୧୧.୩୭ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ଜିଏସ୍‌ଟି ସଂଗ୍ରହ ୨୨.୦୮ ଲକ୍ଷ କୋଟି ଟଙ୍କାର ଶୀର୍ଷରେ ପହଞ୍ଚିଛି, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୯.୪ ପ୍ରତିଶତ ଅଧିକ। ବିଶେଷ କଥା ହେଉଛି ଗତ ୫ ବର୍ଷ ମଧ୍ୟରେ ବାର୍ଷିକ ଆଧାରରେ ଏହି ସଂଗ୍ରହ ପ୍ରାୟ ଦ୍ୱିଗୁଣିତ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ହାରାହାରି ମାସିକ ଜିଏସଟି ସଂଗ୍ରହ ୧.୮୪ ଲକ୍ଷ କୋଟି ଟଙ୍କା ଥିଲା, ଯାହା ୨୦୨୩-୨୪ରେ ୧.୬୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୧-୨୨ରେ ୧.୫୧ ଲକ୍ଷ କୋଟି ଟଙ୍କା ଥିଲା। ବିଶେଷଜ୍ଞଙ୍କ ମତରେ, ଆଗାମୀ ବର୍ଷଗୁଡ଼ିକରେ ଏହି ମାସିକ ହାରାହାରି ସଂଗ୍ରହ ପ୍ରାୟ ୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିପାରେ। କରଦାତାଙ୍କ ସଂଖ୍ୟା ଦ୍ୱିଗୁଣିତରୁ ଅଧିକ ହୋଇଛି। ଜିଏସଟି ଅଧୀନରେ ପଞ୍ଜୀକୃତ କରଦାତାଙ୍କ ସଂଖ୍ୟା ୨୦୧୭ରେ ୬୫ ଲକ୍ଷରୁ ବୃଦ୍ଧି ପାଇ ୧.୫୧ କୋଟିରୁ ଅଧିକ ହୋଇଛି।

# ଭର୍ଚୁଆଲ ରଥଯାତ୍ରାର ଅନୁଭୂତି ପ୍ରଦାନ କରୁଛି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ




**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ଉଜ୍ଜୀବନ ଏସଏଫବି) ପକ୍ଷରୁ 'ମନ୍ କୀ ରଥ'ର ଶୁଭାରମ୍ଭ କରାଯାଇଛି, ଏହା ହେଉଛି ଏକ ଅଭିନବ ଗ୍ରାହକ ସମ୍ପୃକ୍ତି କ୍ୟାମ୍ପେନ ଯେଉଁଠାରେ ଅଂଶଗ୍ରହଣକାରୀ ମାନେ ନିଜ ମସ୍ତିଷ୍କର ଶକ୍ତିକୁ ବ୍ୟବହାର କରି ଏକ ଭର୍ଚୁଆଲ ରଥ ଟାଣି ପାରିବେ। ଏହି ଅଭିନବ ପଦ୍ଧତି ଧ୍ୟାନ ଓ ଶାନ୍ତ ଭଳି ମସ୍ତିଷ୍କ ତରଙ୍ଗଗୁଡିକୁ ଚିହ୍ନଟ କରିବା ପାଇଁ ଇଲେକ୍‌ଟ୍ରୋଏନ୍ ସେଫାଲୋଗ୍ରାପ (ଇଇଜି) ନ୍ୟୁରୋ-ସେନ୍ସିଙ୍ଗ ହେଡବ୍ୟାଣ୍ଡ ଗୁଡିକର ବ୍ୟବହାର କରୁଛି। ଏହାକୁ ବ୍ରେନ-କମ୍ପ୍ୟୁଟର ଇଣ୍ଟରଫେସ୍ ଟେକ୍ନୋଲୋଜି ମାଧ୍ୟମରେ କରାଯାଉଛି। ଯେତେବେଳେ ଅଂଶଗ୍ରହଣକାରୀ ହେଡ୍ ବ୍ୟାଣ୍ଡ କନ୍‌ସେନ୍‌ଟ୍ରେଟକୁ ପିନ୍ଧିବେ, ଭର୍ଚୁଆଲ ରଥ ଆଗକୁ ବଢିବା ଆରମ୍ଭ କରିବ, ଯାହା ଏକ ପ୍ରଥମ ଧରଣର ଅନୁଭୂତିରେ ନ୍ୟୁରୋଟେକ୍ନୋଲୋଜି ସହ ଆଧ୍ୟାତ୍ମିକତାକୁ ମିଶ୍ରଣ କରୁଛି। 'ମନ୍ କୀ ରଥ' କ୍ୟାମ୍ପେନ ହେଉଛି ଏକ ଚାରି ଦିନିଆ ଆକ୍ଟିଭେଶନ ଇଭେଣ୍ଟ, ଯାହା ଜୁଲାଇ ୧ ତାରିଖରୁ ଆରମ୍ଭ ହେଉଛି। ଏହି ଇଭେଣ୍ଟକୁ ଉଜ୍ଜୀବନ ଏସଏଫବିର ବ୍ରାଞ୍ଚଗୁଡିକରେ ପରିଚାଳନା କରାଯିବ, ଯେପରିକି ଭୁବନେଶ୍ୱରରେ ସାମନ୍ତରାପୁର ଓ ସହିଦ ନଗର ବ୍ରାଞ୍ଚ, ଚନ୍ଦ୍ରଶେଖରପୁର ବ୍ରାଞ୍ଚ, ପୁରୀ ବ୍ରାଞ୍ଚ ଓ କଟକର ବକ୍ସିବଜାର ବ୍ରାଞ୍ଚରେ ପରିଚାଳିତ ହେବ। ଏହି ଅନୁଭୂତି ଏକ ନିମଜ୍ଜିତ ଯାତ୍ରା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଉଛି, ଯାହା ଆଧ୍ୟାତ୍ମିକତାକୁ ସଚେତନ ଆର୍ଥିକ ନିଷ୍ପତି ଗ୍ରହଣ ସହ ଏକତ୍ରିତ କରିଥାଏ । ରଥକୁ ଦିଗ ଓ ଉଦ୍ଦେଶ୍ୟ ପାଇଁ ଏକ ସୂଚକ ଭାବେ ବ୍ୟବହାର କରି ଏହି କ୍ୟାମ୍ପେନ ଏକ ଚିନ୍ତାଶୀଳ ଓ ବିଶ୍ୱସନୀୟ ଆର୍ଥିକ ସହଯୋଗୀ ଭାବେ ଉଜ୍ଜୀବନ ଏସଏଫବିର ସ୍ଥିତିକୁ ସୁଦୃଢ କରିଛି, ଯିଏ ସଚେତନ ବ୍ୟାଙ୍କିଙ୍ଗ ସେବାଗୁଡିକୁ ଅନୁସରଣ କରିବା ପାଇଁ ଏହାର ଗ୍ରାହକଙ୍କୁ ପ୍ରୋତ୍ସାହିତ କରିଥାଏ।

# ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ସାରା ଭାରତରେ ଜୀବନ ବୀମା ସୁବିଧାର ଉପଲବ୍ଧତା ପାଇଁ ଏଲ୍ଆଇସି ସହିତ ସହଭାଗୀତା

**ମୁମ୍ବାଇ,(ହି.ସ):** ଭାରତର ସର୍ବବୃହତ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, ଇଟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ (ଏୟୁ ଏସ୍‌ଏଫ୍‌ବି), ଦେଶର ସର୍ବବୃହତ ଜୀବନ ବୀମା କମ୍ପାନୀ, ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ସହିତ ଏକ ଯୋଜନାବଦ୍ଧ ସହଭାଗୀତା ଘୋଷଣା କରିଛି। ଏହି ମିଳିତ-ସହଯୋଗ ଜାତୀୟ ଦୃଷ୍ଟିକୋଣ '୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା'କୁ ସମର୍ଥନ କରେ, ଯାହାର ଲକ୍ଷ୍ୟ ହେଉଛି ଭାରତର ଅବହେଳିତ ଜନସଂଖ୍ୟାଙ୍କୁ ବୀମା ସହଜରେ ଉପଲବ୍ଧ କରି ସେମାନଙ୍କୁ ଆର୍ଥିକ ସୁରକ୍ଷା ଯଥେଷ୍ଟ ଭାବରେ ପ୍ରଦାନ କରିବା। ଏୟୁ ଏସ୍‌ଏଫ୍‌ବି, ଏହି ସହବନ୍ଧନ ଅନ୍ତର୍ଗତ, ଏଲ୍ଆଇସିର ଜୀବନ ବୀମାର ବ୍ୟାପକ ସ୍କିମ୍ ବଣ୍ଟନ କରିବ, ଯେଉଁଥିରେ ଟର୍ମ ଇନ୍‌ସ୍ୟୁରାନ୍ସ, ଏଣ୍ଡୋମେଣ୍ଟ ଯୋଜନା, ହୋଲ୍ ଲାଇଫ୍ ପଲିସି, ପେନସନ ଏବଂ ବାର୍ଷିକୀ ଉତ୍ପାଦ ଏବଂ ଶିଶୁଙ୍କର ଅନେକ ସୁରକ୍ଷା ଆବଶ୍ୟକତା ପୂରଣ କରୁଥିବା ଯୋଜନା ଏବଂ ଅବସର କାଳୀନ ଯୋଜନା ଅନ୍ତର୍ଭୁକ୍ତ। ଏହି ଅଫର ଗୁଡ଼ିକ ଏୟୁ ଏସ୍‌ଏଫ୍‌ବିର ୨୧ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ୨,୪୫୬+ ବ୍ୟାଙ୍କିଂ ସୁବିଧା ସ୍ଥାନ ଗୁଡିକରେ ଉପଲବ୍ଧ ହେବ। ଉଲ୍ଲେଖନୀୟ ଭାବରେ ଏହା ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ଏଲ୍ଆଇସିର ପହଞ୍ଚକୁ ବିସ୍ତାର କରିବ। ଉତ୍ତମ ଟିବ୍ରେୱାଲ, ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ଡେପୁଟି ସିଇଓ କହିଛନ୍ତି: ଏହି ଯୋଜନା-ବଦ୍ଧ ସହଭାଗୀତା ଦୁଇଟି ପ୍ରସିଦ୍ଧ ସଂସ୍ଥାକୁ ଏକାଠି କରିବ, ଆଜି ପର୍ଯ୍ୟନ୍ତ ଜୀବନ ବୀମା ସୁରକ୍ଷା ଲାଭରୁ ବଞ୍ଚିତ ହୋଇଥିବା ଏବଂ ଆବଶ୍ୟକ ପରିମାଣରେ ଏହି ପ୍ରକାର ଲାଭ ପାଇ ପାରି ନଥିବା ଲୋକଙ୍କୁ ସର୍ବ-ସଂପର୍ଣ୍ଣ ଆର୍ଥିକ ସେବା ପ୍ରଦାନ କରିବାର ପ୍ରତିବଦ୍ଧତା ପୂରଣ କରିବ। ଆମର ବଣ୍ଟନ ଦକ୍ଷତା ଏବଂ ଏଲ୍ଆଇସିର ବିଶ୍ୱସ୍ତ ବୀମା ଉତ୍ପାଦ-ସମୂହର ଉପଯୁକ୍ତ ସଙ୍ଗମ ମାଧ୍ୟମରେ, ଆମେ ସାରା ଭାରତରେ ଗ୍ରାହକମାନଙ୍କୁ ବ୍ୟାପକ ସୁରକ୍ଷା ଏବଂ ଅବସର କାଳୀନ ଯୋଜନା ପ୍ରଦାନ କରିବା ଏବଂ ବ୍ୟାଙ୍କିଂ ସୁବିଧା ବିସ୍ତାର କରିବାର ଲକ୍ଷ୍ୟ ରଖିଛୁ। ଏହି ସହଭାଗୀତା ଏୟୁ ଏସ୍‌ଏଫ୍‌ବିକୁ ଏକ ସର୍ବ-ଦିଗୀୟ ଆର୍ଥିକ ସେବା ପ୍ରଦାରକ ଭାବରେ ସ୍ଥାପିତ କରୁଛି। ଗୋଟିଏ ଛତା ତଳେ ବ୍ୟାଙ୍କିଂ, ସୁରକ୍ଷା ଏବଂ ଦୀର୍ଘକାଳୀନ ଆର୍ଥିକ ଯୋଜନା ଏକୀକୃତ କରୁଛି। ଏଲ୍ଆଇସି ଦୃଷ୍ଟିକୋଣରୁ, ଏହା ହେଉଛି ଏକ ଯୋଜନାବଦ୍ଧ ପଦକ୍ଷେପ ଯେପରିକି ଏହା ବିଶ୍ୱସନୀୟ, ଗ୍ରାହକ-କେନ୍ଦ୍ରିକ ବ୍ୟାଙ୍କିଂ ଅଂଶୀଦାରଙ୍କ ମାଧ୍ୟମରେ ନିଜର ଉପଲବ୍ଧତା ବିସ୍ତାର କରିପାରିବ।

# ଗତ ସପ୍ତାହକରେ ୩,୨୦୦ ଟଙ୍କା ଶସ୍ତା ହେଲା ସୁନା



**ନୂଆଦିଲ୍ଲୀ,(ହି.ସ.):** ଲଗାତାର ୭ମ ବ୍ୟବସାୟିକ ଦିନରେ ଦେଶର ରାଜଧାନୀ ଦିଲ୍ଲୀରେ ସୁନାର ମୂଲ୍ୟ ହ୍ରାସ ପାଇଛି। ବିଶେଷ କଥା ହେଉଛି ଏହି ୭ ଦିନ ମଧ୍ୟରେ ସୁନାର ମୂଲ୍ୟ ୩୨୦୦ ଟଙ୍କାରୁ ଅଧିକ ହ୍ରାସ ପାଇଛି। ସୁନାର ମୂଲ୍ୟ ହ୍ରାସ ପଛରେ ଅନେକ କାରଣ ଥିବା ବିଚାର କରାଯାଉଛି। ଯେଉଁଥିରେ ଡଲାର ସୂଚକାଙ୍କରେ ହ୍ରାସ, ମୁଦ୍ରାସ୍ଫୀତିରେ ହ୍ରାସ, ଆର୍ଥିକ ଏବଂ ଭୂ-ରାଜନୈତିକ ଉତ୍ତେଜନାରେ ହ୍ରାସ, ଇରାନରେ ଇସ୍ରାଏଲ ଉତ୍ତେଜନା ହ୍ରାସ ଆଦିକୁ ଗୁରୁତ୍ୱପୂର୍ଣ୍ଣ କାରଣ ବୋଲି ବିବେଚନା କରାଯାଉଛି। ବିଶେଷଜ୍ଞଙ୍କ ମତରେ, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ତିକ୍ତତା ରହିଛି ଏବଂ ଆମେରିକା ଇସ୍ରାଏଲକୁ ସମର୍ଥନ କରୁଛି। ଏହା ସହିତ, ଇରାନ ତାର ପରମାଣୁ କାର୍ଯ୍ୟକ୍ରମ ପୁନଃ ଆରମ୍ଭ କରୁଛି। ଏହା ଦେଖାଯାଉଛି ଯେ ମଧ୍ୟପ୍ରାଚ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇପାରେ। ଏପରି ପରିସ୍ଥିତିରେ, ସୁନାର ମୂଲ୍ୟ ବୃଦ୍ଧି ପାଇପାରେ। ଅଖିଳ ଭାରତୀୟ ସରାଫା ସଂଘ ଅନୁଯାୟୀ, ସୋମବାର ଦିନ ଦେଶର ରାଜଧାନୀ ଦିଲ୍ଲୀରେ ସୁନାର ମୂଲ୍ୟ ୨୦୦ ଟଙ୍କା ହ୍ରାସ ପାଇ ପ୍ରତି ୧୦ ଗ୍ରାମକୁ ୯୭,୪୭୦ ଟଙ୍କାରେ ପହଞ୍ଚିଛି। ସୋମବାର ଦିନ ରୁପାର ମୂଲ୍ୟ ମଧ୍ୟ ୨୦୦ ଟଙ୍କା ହ୍ରାସ ପାଇ ପ୍ରତି କିଲୋଗ୍ରାମ (ସମସ୍ତ ଟିକସ ସହିତ) ୧,୦୨,୮୦୦ ଟଙ୍କା ହୋଇଛି।

ଡୁମାଣୀ ଖବର

## ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

# ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷାରେ ଅସ୍ତବ୍ୟସ୍ତ: ଚାରି ମୃତ, ୧୬ ନିଖୋଜ

**ଶିମ୍ଲା,(ହି.ସ.):** ହିମାଚଳ ପ୍ରଦେଶରେ ମୌସୁମୀ ପୁଣିଥରେ ତା'ର ପ୍ରଭାବ ଦେଖାଇଛି। ଗତ ୨୪ ଘଣ୍ଟାରେ ପ୍ରବଳ ବର୍ଷା ଏବଂ ବାଦଲ ଫଟା ଘଟଣାରେ ରାଜ୍ୟର କେତେକ ଅଂଚଳ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ମଣ୍ଡି, କୁଲ୍ଲୁ, ହମୀରପୁର, ଶିମଲା, ସିରମୌର ଏବଂ ସୋଲନ ଜିଲ୍ଲାରେ ଆସନ୍ତା ୨୪ ଘଣ୍ଟା ପାଇଁ ବର୍ଷାର ୟେଲୋ ଆଲର୍ଟ ଜାରି କରାଯାଇଛି। ପାଣିପାଗ ବିଭାଗ ଚେତାବନୀ ଦେଇଛି ଯେ ଆଗାମୀ ଜୁଲାଇ ୭ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଏବଂ ବିଜୁଳିର ଆଶଙ୍କା ଅଛି। ଏହାକୁ ଦୃଷ୍ଟିରେ ରଖି ଅରେଞ୍ଜ ଏବଂ ୟେଲୋ ଆଲର୍ଟ ମଧ୍ୟ ଜାରି କରାଯାଇଛି। ଏହାସହ ପୁରା ରାଜ୍ୟରେ ଉଦ୍ଧାର କାର୍ଯ୍ୟ ତୀବ୍ର ଗତିରେ ଜାରି ରହିଛି। ରାଜ୍ୟରେ ଗତ ୨୪ ଘଣ୍ଟାରେ ସବୁଠାରୁ ବଡ଼ ମୌସୁମୀ ବର୍ଷା ରେକର୍ଡ କରାଯାଇଛି। ମଂଡି ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି, ଯେଉଁଠାରେ ବିଭିନ୍ନ ସ୍ଥାନରେ ବାଦଲ ଫଟା ବର୍ଷାରେ ବନ୍ୟା ଘଟଣାରେ ୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୬ଜଣ ନିଖୋଜ ଅଛନ୍ତି। ମଂଡିର ଥୁନାଗ, କରସୋଗ, ଓଲ୍ଡ ବଜାର ଏବଂ ରିକ୍କୀ ପରି ଅଂଚଳରେ ବାଦଲ ଫଟା ବର୍ଷା ହୋଇଛି। କରସୋଗରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଏବଂ ୪ ନିଖୋଜ ରହିଛନ୍ତି। ରିକ୍କୀରୁ ୭ ଲୋକଙ୍କୁ ସୁରକ୍ଷିତ ବାହାର କରାଯାଇଛି। ମଂଡି ଜିଲ୍ଲାର ଗୋହର ଅଂଚଳରେ ପରିସ୍ଥିତି ସବୁଠାରୁ ଅଧିକ ଗମ୍ଭୀର ରହିଛି। ଏଠାରେ ସିୟାଂଜ ଗାଆଁରେ ଦୁଇ ଘର ଧୋଇହୋଇ ଯାଇଛି ଏବଂ ୯ଜଣ ନିଖୋଜ ଅଛନ୍ତି। ବାଡା ଗାଆଁରେ ବାଦଲ ଫଟା ବର୍ଷାରେ ୨ଜଣଙ୍କ ମୃତ୍ୟୁ ଏବଂ ୪ଜଣ ଆହତ ହୋଇଛନ୍ତି। ତଲୱାରା ଗାଆଁରେ ଗୋଟିଏ ପରିବାରର ତିନି ସଦସ୍ୟ ନିଖୋଜ ଏବଂ ଜଣେ ଶିଶୁକୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଗତ ୨୪ ଘଣ୍ଟାରେ ମଂଡି ଜିଲ୍ଲାର ସଂଧୋଲ ଏବଂ ମଂଡି ସହରରେ ସବୁଠାରୁ ଅଧିକ ୨୨୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ପଂଡୋହରେ ୨୧୦ ମି.ମି., ବିଭାଗ ଅନୁଯାୟୀ ଏହି ମୌସୁମୀ ସିଜନ୍‌ର ଏବେ ପର୍ଯ୍ୟନ୍ତର ସବୁଠାରୁ ବଡ଼ ବର୍ଷା।

# ରବୀନ୍ଦ୍ର ଚହ୍ୱାଣ ହେବେ ମହାରାଷ୍ଟ୍ର ବିଜେପିର ନୂଆ ରାଜ୍ୟ ସଭାପତି

**ମୁମ୍ବାଇ,(ହି.ସ.):** ବରିଷ୍ଠ ବିଜେପି ନେତା ଓ ପୂର୍ବତନ ମନ୍ତ୍ରୀ ରବୀନ୍ଦ୍ର ଚହ୍ୱାଣଙ୍କୁ ଆଜି (ମଙ୍ଗଳବାର) ମହାରାଷ୍ଟ୍ର ବିଜେପିର ନୂଆ ରାଜ୍ୟ ସଭାପତି ଭାବେ ନିର୍ବାଚିତ କରାଯାଇଛି। ବିଜେପି ନେତା ଓ କେନ୍ଦ୍ରୀୟ ସଂସଦୀୟ କାର୍ଯ୍ୟ ଏବଂ ଅଲ୍ପସଂଖ୍ୟକ ବିକାଶ ମନ୍ତ୍ରୀ କିରେନ ରିଜିଜୁ ଏ ସମ୍ପର୍କରେ ଘୋଷଣା କରିଛନ୍ତି । ଚହ୍ୱାଣ, ବର୍ତ୍ତମାନ ରାଜ୍ୟ ସଭାପତିଚନ୍ଦ୍ରଶେଖର ବାୱଣକୁଳେଙ୍କ ସ୍ଥାନରେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡଣବିସ୍, ପୂର୍ବତନ ରାଜ୍ୟ ସଭାପତି ଚନ୍ଦ୍ରଶେଖର ବାୱଣକୁଳେ, ଆଶିଷ ଶେଲାର, ବିନୋଦ ତାୱଡେ ସହିତ ବିଜେପିର ଅନେକ ବିଧାୟକ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ରବୀନ୍ଦ୍ର ଚହ୍ୱାଣ ନିର୍ବିରୋଧରେ ବିଜେପିର ରାଜ୍ୟ ସଭାପତିଭାବେ ଚୟନ ହୋଇଛନ୍ତି, ଯଦିଓ କିଛି ଦିନ ପୂର୍ବରୁ ସେ ବିଜେପିର କାର୍ଯ୍ୟକାରୀ ରାଜ୍ୟ ସଭାପତିପଦର ଦାୟିତ୍ୱ ଗ୍ରହଣ କରିଥିଲେ। ମୁମ୍ବାଇର ୱର୍ଲି ଡୋମରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ମନ୍ତ୍ରୀ କିରେନ ରିଜିଜୁ ରବୀନ୍ଦ୍ର ଚହ୍ୱାଣ ସଭାପତି ଭାବେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏତେ ବେଶି ଭିଡ଼ ହୋଇଥିଲା ଯେ ବିଜେପି କାର୍ଯ୍ୟକର୍ତ୍ତାମାନେ ଠିଆ ହୋଇ କାର୍ଯ୍ୟକ୍ରମ ଦେଖିବାକୁ ବାଧ୍ୟ ହୋଇଥିଲେ। ମହାରାଷ୍ଟ୍ର ବିଜେପି ରାଜ୍ୟ ସଭାପତିପଦ ପାଇଁ କେବଳ ରବୀନ୍ଦ୍ର ଚହ୍ୱାଣ ମାନେ ଏକମାତ୍ର ଆବେଦନ ଦାଖଲ କରିଥିଲେ। ଯେହେତୁ ଅନ୍ୟ କେହି ଆବେଦନ ଦାଖଲ କରିନଥିଲେ, ତେଣୁ ରବୀନ୍ଦ୍ର ଚହ୍ୱାଣଙ୍କୁ ବିଜେପିର ନୂଆ ରାଜ୍ୟ ସଭାପତିଭାବରେ ନିର୍ବିରୋଧରେ ଚୟନ କରାଯାଇଛି। ଆଗାମୀ ନଗର ନିଗମ ନିର୍ବାଚନକୁ ଦୃଷ୍ଟିରେ ରଖି ରବୀନ୍ଦ୍ର ଚହ୍ୱାଣଙ୍କ ଚୟନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନାଯାଉଛି। ରବୀନ୍ଦ୍ର ଚହ୍ୱାଣ ଡୋମ୍ବିଭିଲି ବିଧାନସଭା ଅଞ୍ଚଳରୁ ୪ଥର ନିର୍ବାଚିତ ହୋଇଛନ୍ତି। ସେ ଜଣେ ପ୍ରଭାବଶାଳୀ ନେତା ଓ ତୃଣମୂଳ ବିଜେପି କାର୍ଯ୍ୟକର୍ତ୍ତାମାନଙ୍କ ସହିତ ତାଙ୍କର ଭଲ ସଂପର୍କ ରହିଛି। ରବୀନ୍ଦ୍ର ଚହ୍ୱାଣ ବିଜେପି ଯୁବ ମୋର୍ଚ୍ଚା ମାଧ୍ୟମରେ ରାଜନୀତିରେ ପ୍ରବେଶ କରିଥିଲେ ଓ କଲ୍ୟାଣ-ଡୋମ୍ବିଭିଲି ନଗର ନିଗମରେ ପାର୍ଷଦ, ସ୍ଥାୟୀ ସମିତି ଅଧ୍ୟକ୍ଷ, ୪ଥର ବିଧାୟକ, ବିଜେପିର ରାଜ୍ୟ ମହାସଚିବ ଓ ମନ୍ତ୍ରୀ ଭାବେ ବିଭିନ୍ନ ଦାୟିତ୍ୱ ନିଭାଇଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସ୍ୱୟଂସେବକ ଭାବେ ନିଜର କ୍ୟାରିୟର ଆରମ୍ଭ କରି ବିଜେପିର ରାଜ୍ୟ ସଭାପତିପଦ ପର୍ଯ୍ୟନ୍ତ ରବୀନ୍ଦ୍ର ଚହ୍ୱାଣଙ୍କ ଯାତ୍ରା ଲୋକପ୍ରଶଂସାର ଯୋଗ୍ୟ। ରବୀନ୍ଦ୍ର ଚହ୍ୱାଣଙ୍କ ଚୟନ ସହିତ ମହାରାଷ୍ଟ୍ରରେ ବିଜେପିର ସଂଗଠନାତ୍ମକ କାର୍ଯ୍ୟକଳାପକୁ ଏକ ନୂଆ ନେତୃତ୍ୱ ମିଳିଛି ଏବଂ ଆଶା କରାଯାଉଛି ଯେ ଦଳ ଆସନ୍ତା ନିର୍ବାଚନଗୁଡ଼ିକ ପାଇଁ ପୁଣିଥରେ ସକ୍ରିୟ ହେବ।

# ରାଜଧାନୀରେ ୬୨ ଲକ୍ଷ ଗାଡ଼ିକୁ ପେଟ୍ରୋଲ ଓ ଡିଜେଲ ମନା

**ନୂଆଦିଲ୍ଲୀ,(ହି.ସ.):** ଜୀବନ ନଥିବା ଗାଡ଼ିକୁ ତେଲ ଦିଆଯିବ ନାହିଁ। ଦେଶର ରାଜଧାନୀ ଦିଲ୍ଲୀରେ ଏଭଳି ପୋଷ୍ଟର ଦେଖି କେହି ବି ବିଚଳିତ ହେବାର କୌଣସି କାରଣ ନାହିଁ। କାରଣ ଦିଲ୍ଲୀ ସରକାର ରାଜଧାନୀରେ ବର୍ଦ୍ଧିତ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଏପରି ନିୟମ ଲାଗୁ କରିଛନ୍ତି। ଆଜି ଠାରୁ ଏହା କାର୍ଯ୍ୟକାରୀ ହୋଇଛି। ନୂଆ ନିୟମ ଅନୁସାରେ, ୧୫ ବର୍ଷ ପୁରୁଣା ପେଟ୍ରୋଲ ଚାଳିତ ଗାଡ଼ି ଓ ୧୦ ବର୍ଷ ପୁରୁଣା ଡିଜେଲ ଚାଳିତ ଗାଡ଼ିକୁ ଆଜି ଠାରୁ ଦିଲ୍ଲୀରେ ତେଲ ମିଳୁ ନାହିଁ। ଗୋଟିଏ ସର୍ଭେ ଅନୁସାରେ, ଦିଲ୍ଲୀ ପ୍ରଦୂଷଣରେ ଗାଡ଼ି ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ମୋଟ ପ୍ରଦୂଷଣର ୫୧% ଗାଡ଼ି ଜନିତ। ଏଥିପାଇଁ ପୁରୁଣା ଗାଡ଼ିଗୁଡ଼ିକ ଉପରେ ଦିଲ୍ଲୀ ସରକାର ରୋକ ଲଗାଇଛନ୍ତି। ଏହି ନିୟମ ଦ୍ୱାରା ଦିଲ୍ଲୀରେ ପ୍ରାୟ ୬୨ ଲକ୍ଷ ଗାଡ଼ି ତେଲ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ନିୟମ ପରିବହନ ଠାରୁ ଆରମ୍ଭ କରି ବାଇକ ଯାଏ ଲାଗୁ ହେବ। ଦିଲ୍ଲୀରେ ୬୧,୧୪,୭୨୮ଟି ୧୫ ବର୍ଷ ପୁରୁଣା ଗାଡ଼ି ରହିଛି। ଏହା ବାଦ ହରିୟାଣାରେ ୨୭.୫ ଲକ୍ଷ, ଉତ୍ତର ପ୍ରଦେଶରେ ୧୨.୬୯ ଲକ୍ଷ ଓ ରାଜସ୍ଥାନରେ ୬.୨ ଲକ୍ଷ ପୁରୁଣା ଗାଡ଼ି ଗଡୁଛି। ପୁରୁଣା ଗାଡ଼ିଗୁଡ଼ିକୁ ଚିହ୍ନଟ କରିବା ପାଇଁ ଦିଲ୍ଲୀର ସମସ୍ତ ପେଟ୍ରୋଲ ପମ୍ପରେ ଦିଲ୍ଲୀ ପୁଲିସ୍, ଟ୍ରାଫିକ ପୁଲିସ ଓ ଏମସିଡି ଅଧିକାରୀମାନଙ୍କୁ ମୁତୟନ କରାଯାଇଛି। ସେମାନେ ଯାଞ୍ଚ କରି ଗାଡ଼ିଗୁଡ଼ିକୁ ଚିହ୍ନଟ କରିବେ।

## ସଂପାଦକୀୟ

# ଆଧୁନିକ ସମାଜରେ ମଧ୍ୟବିତ୍ତ ବର୍ଗ

ଏକ ମଧ୍ୟବିତ୍ତ ପରିବାର ସାଧାରଣତଃ ଏକ ସାମାଜିକ-ଅର୍ଥନୈତିକ ଗୋଷ୍ଠୀକୁ ବୁଝାଏ ଯାହାର ଜୀବନଶୈଳୀ ଶ୍ରମିକ ଶ୍ରେଣୀଠାରୁ ଅଧିକ କିନ୍ତୁ ଧନୀକ କିମ୍ବା ଉଚ୍ଚବର୍ଗଠାରୁ କମ୍। ମଧ୍ୟବିତ୍ତ ବର୍ଗ ସାଧାରଣତଃ ଏକ ଆରାମଦାୟକ ଜୀବନଶୈଳୀ, ଆବଶ୍ୟକତା ପାଇଁ ପର୍ଯ୍ୟାପ୍ତ ଆୟ, କିଛି ଇଚ୍ଛାକୃତ ଖର୍ଚ୍ଚ ଏବଂ ଭବିଷ୍ୟତ ପାଇଁ ସଞ୍ଚୟ କରିବାର ଆକାଂକ୍ଷା ରଖିଥାନ୍ତି। ଯେ କୌଣସି ଏକ ମଧ୍ୟବିତ୍ତ ପରିବାରକୁ ଅର୍ଥନୈତିକ କ୍ଷେତ୍ରରେ ବାର୍ଷିକ ୩ ଲକ୍ଷରୁ ୫୦ ଲକ୍ଷ ରୋଜଗାର କରୁଥିବା ଭାବରେ ପରିଗଣିତ କରାଯାଇପାରେ।

ଭାରତୀୟ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଅନେକ ସମୟରେ ବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଚାପର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି। ମଧ୍ୟବିତ୍ତ ପରିବାରର ସଂଖ୍ୟା ବୃଦ୍ଧି ପାଉଥିବାବେଳେ, ଅନେକ ସ୍ଥିର ଆୟ, ବୃଦ୍ଧି ପାଉଥିବା ଋଣ ଏବଂ ଜୀବନଯାପନର ବୃଦ୍ଧି ପାଉଥିବା ଖର୍ଚ୍ଚ ସହିତ ସଂଘର୍ଷ କରୁଛନ୍ତି। ବିଶେଷକରି ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକୀୟ ସେବା ପାଇଁ ସେମାନେ ସର୍ବଦା ସଂଘର୍ଷ କରୁଥିବା ଦେଖାଯାଉଛି। ଏହା ଏପରି ପରିସ୍ଥିତି ସୃଷ୍ଟି କରିଛି ଯେଉଁଠାରେ ଜୀବନଶୈଳୀର ଆକାଂକ୍ଷାକୁ ପ୍ରାୟତଃ ବର୍ଦ୍ଧିତ ଆୟ ବଦଳରେ ଋଣ ଅକାରରେ ଗ୍ରାସ କରୁଥିବା ଭଳି ଅନୁମେୟ କରି ହେଉଛି। ଯଦିଓ ସମାଜରେ ମଧ୍ୟବିତ୍ତ ବର୍ଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ତାକୁ ଦୃଷ୍ଟିରେ ରଖି ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ସୁଦ୍ଧା ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟବିତ୍ତ ବର୍ଗ ପ୍ରତିନିଧିତ୍ୱ କରିବ ବୋଲି ଆକଳନ କରାଯାଉଛି। ତଥାପି ଏହାର ଆର୍ଥିକ ସୁସ୍ଥତା ଏବଂ ବର୍ଦ୍ଧିତ ଜୀବନଯାପନ ଖର୍ଚ୍ଚ ମଧ୍ୟରେ ଏହାର ଜୀବନଶୈଳୀ ବଜାୟ ରଖିବା ନେଇ ମଧ୍ୟ ଚିନ୍ତା ରହିଛି। ପ୍ରତିଟି ଦୃଷ୍ଟିକୋଣରୁ ମଧ୍ୟବିତ୍ତ ବର୍ଗ ହେଉଛି ଭାରତୀୟ ଜନସଂଖ୍ୟାର ସବୁଠାରୁ ଦ୍ରୁତ ବଢୁଥିବା ବର୍ଗ। ଆୟ ଏବଂ ବ୍ୟବହାରର ଅଭିବୃଦ୍ଧି ସମାଜରେ ମଧ୍ୟବିତ୍ତ ବର୍ଗ ଚଳିତ ଅର୍ଥନୀତିର ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିବା ନେଇ ସମ୍ଭାବନା ରହିଥିବା ଆକଳନ କରାଯାଉଛି। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଉଭୟରେ ଆୟ ଏବଂ ବ୍ୟବହାର ବୃଦ୍ଧି ପାଉଛି। ବର୍ଦ୍ଧିତ ଆୟ ସତ୍ତ୍ୱେ, ଅନେକ ମଧ୍ୟବିତ୍ତ ପରିବାର ମୁଦ୍ରାସ୍ଫୀତି, ଜୀବନଯାପନ ଶୈଳୀରେ ବୃଦ୍ଧି ଏବଂ ଏକ ସୀମିତ ବୃଦ୍ଧି ଯୋଗୁଁ ଚାପ ଅନୁଭବ କରୁଛନ୍ତି। ପାରିବାରିକ ଜୀବନଶୈଳୀ ଖର୍ଚ୍ଚ, ସଞ୍ଚୟ, ବୀମା ଏବଂ ସ୍ୱାସ୍ଥ୍ୟସେବା ନେଇ ଏକ ସୀମିତ ପାଣ୍ଠି ସଞ୍ଚୟ କରୁଥିବା ବେଳେ ଏହା କିନ୍ତୁ ଅନେକ କ୍ଷେତ୍ରରେ ଆର୍ଥିକ ଅନଟନର ସମ୍ମୁଖୀନ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ସାଂପ୍ରତିକ ସ୍ଥିତିରେ ପରିବାର ପ୍ରତିପୋଷଣ ଖର୍ଚ୍ଚ ଓ ବଜାର ଦରବୃଦ୍ଧି ମଧ୍ୟବିତ୍ତ ପରିବାର ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। ଅନେକ ଲୋକ ସେମାନଙ୍କର ସ୍ୱଚ୍ଛଳ ଏବଂ ସ୍ୱଇଚ୍ଛା ଜୀବନ ଧାରଣ ପାଇଁ ବିଶେଷକରି ବିଭିନ୍ନ ଋଣରେ ଛନ୍ଦି ହୋଇ ପଡନ୍ତି।

ଅର୍ଥନୀତି ବୃଦ୍ଧି ପାଉଥିବାବେଳେ, ମଧ୍ୟମ ବର୍ଗର ରୋଜଗାର ବା ଆୟ ସମାନୁପାତିକ ଭାବରେ ବୃଦ୍ଧି ପାଉନାହିଁ, ଯାହା ସେମାନଙ୍କର ଜୀବନଚର୍ଯ୍ୟାକୁ ପ୍ରଭାବିତ କରୁଛି। ମଧ୍ୟବିତ୍ତ ବର୍ଗ ଆଧୁନିକୀକରଣ ଓ ସହରୀକରଣ ଭିତ୍ତିଭୂମି ଆଡକୁ ଆକର୍ଷିତ ହୋଇ ଆର୍ଥିକ କ୍ଷେତ୍ରରେ ନିଜକୁ ଅସଞ୍ଜମତ ଅନୁଭବ କରୁଛି। ଯାହା କିଛି ଲୋକଙ୍କ ଜୀବନର ଗୁଣବତ୍ତା ଉପରେ ପ୍ରଭାବ ପକାଇଛି। ଯାହାକି ଆଜିର ସାଂପ୍ରତିକ ସ୍ଥିତିରେ ଯେଉଁଭଳି ଭାବରେ ବିଭିନ୍ନ ବିଳାସ ବ୍ୟସନ ଓ ଆଧୁନିକୀକରଣ ଉପକରଣ ଆଡକୁ ଆକର୍ଷିତ ହେଉଛନ୍ତି ତାହା ମଧ୍ୟ ମଧ୍ୟବିତ୍ତ ବର୍ଗ ପାଇଁ ଚିନ୍ତାର କାରଣ ହୋଇଛି। ରାଜନୈତିକ କ୍ଷେତ୍ରରେ ମଧ୍ୟ ଆଧୁନିକ ସମୟରେ ମଧ୍ୟବିତ୍ତ ବର୍ଗ ଏକ ମୁଖ୍ୟ ପ୍ରସଙ୍ଗ କିନ୍ତୁ ଅନେକ ସମୟରେ ସମାଜର ବିଭିନ୍ନ କ୍ଷେତ୍ରରେ ଅବହେଳିତ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ମୂଳତଃ, ମଧ୍ୟବିତ୍ତ ବର୍ଗ ଏକ ଗତିଶୀଳ ଶକ୍ତି, ଯେଉଁମାନେ ଅଭିବୃଦ୍ଧି ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାର ସମ୍ମୁଖୀନ ହେଉଛନ୍ତି। ଯେତେବେଳେ ସେମାନେ ନିଜ ନିଜର ବ୍ୟବହାରକୁ ପରିଚାଳିତ କରୁଛନ୍ତି ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ଦେଉଛନ୍ତି, ସେମାନେ ଆର୍ଥିକ ଚାପ ଏବଂ ଭବିଷ୍ୟତକୁ ନେଇ ଅନିଶ୍ଚିତତାର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ଯାହାକି ସମାଜରେ ମଧ୍ୟବିତ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ। ଏଥିପ୍ରତି ସମୟ ଥାଉ ଥାଉ ସଜାଗ ନହେଲେ ସମାଜରେ ନିଶ୍ଚିତ ଭାବେ ମଧ୍ୟବିତ୍ତଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ସୁଧାରିବା କଷ୍ଟକର ହୋଇପଡିବ।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ଡିଜିଟାଲ୍ ଭାରତର ଏକ ଦଶନ୍ଧି



ଶ୍ରୀ ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଦଶ ବର୍ଷ ପୂର୍ବେ, ଆମେ ପୂର୍ଣ୍ଣ ବିଶ୍ୱାସ ସହିତ ଏପରି ଏକ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଥିଲୁ ଯେଉଁଠାକୁ ପୂର୍ବରୁ କେହି ଯାଇ ନଥିଲେ। ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରିବେ କି ନାହିଁ ତାହାକୁ ନେଇ ଅନେକ ଦଶନ୍ଧି ଧରି ଶଙ୍କା ବ୍ୟକ୍ତ କରାଯାଉଥିଲା। ଆମେ ସେହି ମାନସିକତାକୁ ପରିବର୍ତ୍ତନ କରିଛୁ ଏବଂ ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତାରେ ବିଶ୍ୱାସ କରିଛୁ। ପ୍ରଯୁକ୍ତିବିଦ୍ୟାର ବ୍ୟବହାର କେବଳ ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରିବ ବୋଲି ଅନେକ ଦଶନ୍ଧି ଧରି ଯେଉଁ ମାନସିକତା ରହିଥିଲା ଆମେ ସେହି ମାନସିକତାକୁ ପରିବର୍ତ୍ତନ କରି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବ୍ୟବଧାନକୁ ଦୂର କରିଛୁ।

ଉଦ୍ଦେଶ୍ୟ ସଠିକ୍ ଥିଲେ ନବସୃଜନ ଅବହେଳିତ ଲୋକଙ୍କୁ ସଶକ୍ତ କରିଥାଏ। ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ। ଏହି ବିଶ୍ୱାସ ଡିଜିଟାଲ୍ ଇଣ୍ଡିଆର ମୂଳଦୁଆ ପାଲଟିଥିଲା। ଏହାର ବିସ୍ତାରକୁ ସାର୍ବଜନୀନ କରିବା, ସମନ୍ୱିତ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇବାର ଏକ ମିଶନ ଆରମ୍ଭ ହୋଇଥିଲା।

୨୦୧୪ରେ, ଇଣ୍ଟରନେଟ୍ ଉପଲବ୍ଧତା ସୀମିତ ଥିଲା, ଡିଜିଟାଲ୍ ସାକ୍ଷରତା କମ୍ ଥିଲା ଏବଂ ସରକାରୀ ସେବା ପାଇଁ ଅନଲାଇନ୍ ପ୍ରବେଶ ଅତ୍ୟନ୍ତ ସୀମିତ ଥିଲା। ଅନେକ ସନ୍ଦେହ କରୁଥିଲେ ଯେ ଭାରତ ଭଳି ବିଶାଳ ଏବଂ ବିବିଧ ଦେଶ ପ୍ରକୃତରେ ଡିଜିଟାଲ୍ ହୋଇପାରିବ କି ନାହିଁ। ଆଜି, ଏହି ପ୍ରଶ୍ନର ଉତ୍ତର ତଥ୍ୟ କିମ୍ବା ଡ୍ୟାସବୋର୍ଡରେ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉପଲବ୍ଧ। ଶାସନ ଠାରୁ ଶିକ୍ଷା, କାରବାର ଏବଂ ଉତ୍ପାଦନ ପର୍ଯ୍ୟନ୍ତ, ଡିଜିଟାଲ ଇଣ୍ଡିଆ ସବୁଠି ରହିଛି।

**ଡିଜିଟାଲ ବିଭାଜନର ଦୂରୀକରଣ:** ୨୦୧୪ରେ, ଭାରତରେ ପ୍ରାୟ ୨୫ କୋଟି ଇଣ୍ଟରନେଟ୍ ସଂଯୋଗ ଥିଲା। ଆଜି, ଏହି ସଂଖ୍ୟା ୯୭ କୋଟିରୁ ଅଧିକ ହୋଇଛି। ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ୍ ଫାଇବର କେବୁଲ୍, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣା, ବର୍ତ୍ତମାନ ସବୁଠାରୁ ଉପାନ୍ତ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି।

ଭାରତରେ ୫ଜି ସେବା ବିଶ୍ୱର ସବୁଠାରୁ ଦ୍ରୁତତମ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି। ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେସନ୍ ସ୍ଥାପିତ ହୋଇଛି। ହାଇ-ସ୍ପିଡ୍ ଇଣ୍ଟରନେଟ୍ ବର୍ତ୍ତମାନ ସହରାଞ୍ଚଳ କେନ୍ଦ୍ରଗୁଡ଼ିକଠାରୁ ଆରମ୍ଭ କରି ଗଲୱାନ୍, ସିଆଚେନ୍ ଏବଂ ଲଦାଖ ଭଳି ସାମରିକ ପୋଷ୍ଟଗୁଡ଼ିକରେ ପହଞ୍ଚାଯାଇଛି। ଆମର ଡିଜିଟାଲ୍ ଭିତ୍ତିଭୂମି, ଇଣ୍ଡିଆ ଷ୍ଟାକ୍, ୟୁପିଆଇ ଭଳି ପ୍ଲାଟଫର୍ମକୁ ସକ୍ଷମ କରିଛି, ଯାହା ଏବେ ବାର୍ଷିକ ୧୦୦ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରିଥାଏ। ବିଶ୍ୱର ମୋଟ ବାସ୍ତବ ସମୟ ବା ରିଅଲ୍-ଟାଇମ୍ ଡିଜିଟାଲ୍ କାରବାରର ପ୍ରାୟ ଅଧା ଭାରତରେ ହେଉଛି।

ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ନାଗରିକମାନଙ୍କୁ ସିଧାସଳଖ ୪୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହସ୍ତାନ୍ତର କରାଯାଇଛି। ଦଲାଲଙ୍କ ଭୂମିକାକୁ ଦୂର କରି ଏବଂ ୩.୪୮ ଲକ୍ଷ କୋଟି ଟଙ୍କାର ବାଟମାରଣାକୁ ବନ୍ଦ କରାଯାଇପାରିଛି। ସ୍ୱାମୀତ୍ୱ ଭଳି ଯୋଜନାଗୁଡ଼ିକ ୨.୪ କୋଟିରୁ ଅଧିକ ସମ୍ପତ୍ତି କାର୍ଡ ଜାରି କରିଛି ଏବଂ ୬.୪୭ ଲକ୍ଷ ଗ୍ରାମକୁ ମ୍ୟାପ୍ ଅଧୀନକୁ ଆଣିଛି। ଫଳରେ ବର୍ଷ ବର୍ଷ ଧରି ଜମି ସମ୍ପର୍କିତ ଅନିଶ୍ଚିତତାର ସମାପ୍ତି ହୋଇଛି।

**ସମସ୍ତଙ୍କ ପାଇଁ ସୁଯୋଗର ଉପଲବ୍ଧତା :** ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥା ଏବେ ପୂର୍ବ ଅପେକ୍ଷା ଅଧିକ ଏମଏସଏମଇ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରୁଛି। ଓଏନଡିସି (ଓପନ୍ ନେଟୱାର୍କ ଫର୍ ଡିଜିଟାଲ କମର୍ସ) ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ ଯାହା ବିକ୍ରେତା ଏବଂ କ୍ରେତାଙ୍କୁ ଏକ ବିଶାଳ ବଜାର ସହିତ ସଂଯୋଗ କରି ନୂତନ ସୁଯୋଗର ଏକ ଦ୍ୱାର ଖୋଲିଥାଏ। ଜିଇଏମ (ସରକାରୀ ଇ-ମାର୍କେଟପ୍ଲେସ୍) ସାଧାରଣ ଲୋକଙ୍କୁ ସରକାରଙ୍କ ସମସ୍ତ ବିଭାଗକୁ ସାମଗ୍ରୀ ଏବଂ ସେବା ବିକ୍ରୟ କରିବାକୁ ଅନୁମତି ଦିଏ। ଏହା କେବଳ ସାଧାରଣ ନାଗରିକଙ୍କୁ ଏକ ବିଶାଳ ବଜାର ପ୍ରଦାନ କରେ ନାହିଁ ବରଂ ସରକାରଙ୍କ ପାଇଁ ଟଙ୍କା ମଧ୍ୟ ସଞ୍ଚୟ କରେ।

**କଳ୍ପନା କରନ୍ତୁ:** ଆପଣ ଅନଲାଇନରେ ମୁଦ୍ରା ଋଣ ପାଇଁ ଆବେଦନ କରିପାରୁଛନ୍ତି। ଆପଣଙ୍କର କ୍ରେଡିଟ ଯୋଗ୍ୟତା ଆକାଉଣ୍ଟ ଏଗ୍ରିଗେଟର ଫ୍ରେମୱାର୍କ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇପାରୁଛି। ଆପଣ ଋଣ ପାଉଛନ୍ତି, ଆପଣ ନିଜର ବ୍ୟବସାୟ ଆରମ୍ଭ କରନ୍ତି। ଆପଣ ଜିଇଏମରେ ପଞ୍ଜୀକରଣ କରିପାରୁଛନ୍ତି, ସ୍କୁଲ ଏବଂ ହସ୍ପିଟାଲଗୁଡ଼ିକୁ ଯୋଗାଣ କରୁଛନ୍ତି ଏବଂ ତା'ପରେ ଓଏନଡିସି ମାଧ୍ୟମରେ ଏହାକୁ ବୃଦ୍ଧି କରୁଛନ୍ତି।

ଓଏନଡିସି ବର୍ତ୍ତମାନ ୨୦ କୋଟି କାରବାର ସୀମା ଅତିକ୍ରମ କରିଛି, ଯେଉଁଥିରେ ୬ ମାସରେ ୧୦ କୋଟି କାରବାର ହୋଇଛି। ବନାରସୀ ବୁଣାକାରଙ୍କଠାରୁ ନାଗାଲାଣ୍ଡର ବାଉଁଶ କାରିଗର ପର୍ଯ୍ୟନ୍ତ, ସବୁ କ୍ଷେତ୍ରର ବିକ୍ରେତାମାନେ ଏବେ ଦଲାଲଙ୍କ ବିନା ଦେଶବ୍ୟାପୀ ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଛନ୍ତି। ଜିଇଏମ ୫୦ ଦିନରେ ୧ ଲକ୍ଷ କୋଟି ଟଙ୍କା ଜିଏମଭି ଅତିକ୍ରମ କରିଛି, ୧.୮ ଲକ୍ଷରୁ ଅଧିକ ମହିଳା ପରିଚାଳିତ ଏମଏସଏମଇ ସମେତ ୨୨ ଲକ୍ଷ ବିକ୍ରେତା ୪୬,୦୦୦ କୋଟି ଟଙ୍କାର ସାମଗ୍ରୀ ଯୋଗାଇଛନ୍ତି।

**ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି: ଭାରତର ବିଶ୍ୱ ଅବଦାନ :** ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) - ଯେପରିକି ଆଧାର, କୋୱିନ, ଡିଜିଲକର, ଫାସଟ୍ୟାଗ, ପିଏମ-ବାଣୀ, ଏବଂ ଏକ ରାଷ୍ଟ୍ର ଏକ ସବସ୍କ୍ରିପସନ୍ - ବର୍ତ୍ତମାନ ବିଶ୍ୱ ସ୍ତରରେ ଗ୍ରହଣ କରାଯାଉଛି। କୋୱିନ ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନକୁ ସକ୍ଷମ କରିଛି, ଯାହା ୨୨୦ କୋଟି କ୍ୟୁଆର-ଯାଞ୍ଚ ପ୍ରମାଣପତ୍ର ପ୍ରଦାନ କରିଛି। ୫୪ କୋଟି ଉପଭୋକ୍ତା ଥିବା ଡିଜିଲକର ୭୭୫ କୋଟିରୁ ଅଧିକ ଡକ୍ୟୁମେଣ୍ଟକୁ ସୁରକ୍ଷିତ ଏବଂ ସୁଗମ ଭାବରେ ପରିଚାଳିତ କରୁଛି। ଭାରତ ଏହାର ଜି-୨୦ ଅଧ୍ୟକ୍ଷତା ସମୟରେ ଗ୍ଲୋବାଲ୍ ଡିପିଆଇ ରିପୋଜିଟୋରୀ ଏବଂ ୨୫ ନିୟୁତ ଡଲାରର ସାମାଜିକ ପ୍ରଭାବ ପାଣ୍ଠି ଆରମ୍ଭ କରିଛି, ଯାହାଦ୍ୱାରା ଆଫ୍ରିକା ଏବଂ ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ସମନ୍ୱିତ ଡିଜିଟାଲ୍ ଇକୋସିଷ୍ଟମ ଗ୍ରହଣ କରି ପାରିବେ।

**ଷ୍ଟାର୍ଟଅପର ଶକ୍ତି ଏବଂ ଆତ୍ମନିର୍ଭର ଭାରତ :** ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ ଏବଂ ଭାରତରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛନ୍ତି। କିନ୍ତୁ ଏହା କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ଏହା ଏକ ପ୍ରଯୁକ୍ତିବିଦ୍ୟା ପୁନର୍ଜାଗରଣ। ଭାରତ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ଦକ୍ଷତା ଏବଂ ଏଆଇ ପ୍ରତିଭାରେ ବହୁତ ଆଗକୁ ବଢୁଛି।

୧.୨ ବିଲିୟନ ଡଲାର ଭାରତ ଏଆଇ ମିଶନ ଅଧୀନରେ, ଭାରତ ବିଶ୍ୱ ସ୍ତରରେ ସବୁଠାରୁ ସର୍ବନିମ୍ନ ମୂଲ୍ୟରେ ୩୪, ହଜାର ଜିପିୟୁ ଉପଲବ୍ଧ କରାଇଛି। ପ୍ରତ୍ୟେକ ଜିପିୟୁ ଘଣ୍ଟା ପ୍ରତି ୧ ଡଲାରରୁ କମରେ ଉପଲବ୍ଧ। ଏହା ଭାରତକୁ କେବଳ ସବୁଠାରୁ ଶସ୍ତା ଇଣ୍ଟରନେଟ୍ ଅର୍ଥବ୍ୟବସ୍ଥା ନୁହେଁ ବରଂ ସବୁଠାରୁ ସୁଲଭ କମ୍ପ୍ୟୁଟିଂ ହବ୍ କରିଛି। ଭାରତ ମାନବିକତା ଆଧାରିତ ଏଆଇକୁ ସମର୍ଥନ କରିଛି। ଏଆଇ ଉପରେ ନୂଆଦିଲ୍ଲୀ ଘୋଷଣାନାମା ଦାୟିତ୍ୱ ସହିତ ନବସୃଜନକୁ ପ୍ରୋତ୍ସାହିତ କରେ। ସାରା ଦେଶରେ ଏଆଇ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଉଛି।

**ଆଗକୁ ଯିବାର ମାର୍ଗ :** ଆଗାମୀ ଦଶନ୍ଧି ଆହୁରି ପରିବର୍ତ୍ତନକାରୀ ହେବ। ଆମେ ଡିଜିଟାଲ୍ ପ୍ରଶାସନ ଠାରୁ ଡିଜିଟାଲ୍ ନେତୃତ୍ୱ ଦିଗରେ ଆଗକୁ ବଢୁଛୁ। ଇଣ୍ଡିଆ ଫାଷ୍ଟରୁ ଇଣ୍ଡିଆ ଫର ଦି ୱାର୍ଲ୍ଡ ପର୍ଯ୍ୟନ୍ତ ଆମର ଯାତ୍ରା ଜାରି ରହିଛି। ଡିଜିଟାଲ ଇଣ୍ଡିଆ ଆଉ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହୋଇଛି।

**ସମସ୍ତ ଉଦ୍ଭାବକ, ଉଦ୍ୟୋଗୀଙ୍କ ପାଇଁ:** ପରବର୍ତ୍ତୀ ଡିଜିଟାଲ ବିପ୍ଳବ ନିମନ୍ତେ ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି। ଆସନ୍ତୁ ଯାହା ସମସ୍ତଙ୍କୁ ସଶକ୍ତ କରିବ ତାହା ନିର୍ମାଣ କରିବା। ଆସନ୍ତୁ ଏପରି ସମାଧାନ ବାହାର କରିବା ଯାହା ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ଆମେ ଏପରି ପ୍ରଯୁକ୍ତିବିଦ୍ୟା ସହିତ ନେତୃତ୍ୱ ନେବା ଯାହା ସମସ୍ତଙ୍କୁ ଏକତ୍ରିତ କରିବ, ଅନ୍ତର୍ଭୁକ୍ତୀକରଣକୁ ବଢାଇବ ଏବଂ ସାମଗ୍ରୀକ ବିକାଶ ଆଣିପାରିବ।

# ମହାଯୋଗୀ ଶ୍ରୀ ଅରବିନ୍ଦ - ମହାକାବ୍ୟ 'ସାବିତ୍ରୀ'



ଡାକ୍ତର ରାମ ପ୍ରସାଦ ରାୟ

'ସାବିତ୍ରୀ' ଏକ କବିତା ମାତ୍ର ନୁହେଁ, ଏହା ଇଂରାଜୀ ଭାଷା ସାହିତ୍ୟର ସର୍ବବୃହତ୍ ମହାକାବ୍ୟ । ତେଇଶ ହଜାରରୁ ଉର୍ଦ୍ଧ୍ୱ ଧାଡ଼ି ସମ୍ବଳିତ ଏହି ମହାକାବ୍ୟର ସର୍ବଜନାଦୃତ ପରିଚୟ ମଧ୍ୟ ଏହା ନୁହେଁ, ଏକ ପବିତ୍ର ଆବେଦନ ହିଁ ଏହାର ପାଠକୀୟ ସ୍ୱୀକୃତି । 'ସାବିତ୍ରୀ' ଆଧ୍ୟାତ୍ମିକ ଗତ୍ୟାତ୍ମକ ଶକ୍ତି ସଂଯୋଗକାରିଣୀ । ଚେତନାର କେନ୍ଦ୍ରବିନ୍ଦୁରେ ସଂସ୍ଥାପିତ ହୋଇ ବ୍ୟକ୍ତିସତ୍ତାର ଉର୍ଦ୍ଧ୍ୱାରୋହଣ ପାଇଁ ଏହା ଏକ ମନ୍ତ୍ରମାଳା । ଯାହାର ସତ୍ୟ ଓ ଜ୍ଞାନର ଶକ୍ତି ଜୀବନର ଗତିପଥରେ ଆଣେ ପରିବର୍ତ୍ତନ, ବିବର୍ତ୍ତନ, ଯାହା ପଠନ ମାତ୍ରକେ ଜୀବନର ଏକ ମହାର୍ଘ ଅଂଶରେ ହୁଏ ପରିଣତ, ସେହି ମହାକାବ୍ୟର ଅଧ୍ୟୟନରେ ମାନବାତ୍ମା କେବଳ ହୁଏନାହିଁ ତୃପ୍ତ - ଲୋଡ଼ିଥାଏ ଏକ ନିରନ୍ତର ହୃଦୟାଭ୍ୟାସ । 'ଓସ୍ଥ ଙଂବସ୍ଥ ସ୍ପଷର ଷକ୍ଟଙ୍କସ୍ୱ ଭରଲକ୍ଟସ୍ୱର ସ୍ପଷର ଶକ୍ଟୟସ୍ଥ ବଙ୍ଗବଳର' 'ବିଭୁ - ଜାଗୃତି ପୂର୍ବର ସେହି ବେଳା ।' ଏହି ଅନୁପମ - ଆତ୍ମ ବାକ୍ୟଟିରୁ ହିଁ ଶ୍ରୀ ଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଶୁଭାରମ୍ଭ । ବରୋଦାରେ ଥିବା ସମୟରେ ସେ ଏହାର ରଚନା ଆରମ୍ଭ କରିଥିଲେ । ତାଙ୍କର ଚୈତ୍ୟ-ସାଧନାର ଦୀର୍ଘାତିଦୀର୍ଘ ପଥରେ, ଚେତନାର ବିଭିନ୍ନ ସ୍ତରର ଅନୁଭୂତିର ପରିମାପକ ରୂପେ ସେ ଏହାର ରଚନାକାର୍ଯ୍ୟ ପ୍ରାୟ ପଚାଶବର୍ଷ ଅବ୍ୟାହତ ରଖିଥିଲେ । ତେବେ ସାବିତ୍ରୀ କାହିଁକି ? ପୁରାଣରେ ନିହିତ ଏହାର ମୂଳ କାହାଣୀ ବହୁ ପରିଚିତ ଓ ବହୁବାର ଆଲୋଚିତ । ସମ୍ରାଟ ଅଶ୍ୱପତି ନିଃସନ୍ତାନ । ତଦାନୀନ୍ତନ ସମୟର ପ୍ରଥାନୁସାରେ, ତପସ୍ୟା ଉଦ୍ଦେଶ୍ୟରେ ଅରଣ୍ୟ ଯାତ୍ରା କରନ୍ତି । ଦୀର୍ଘ ଅଠର ବର୍ଷର କଠୋର ତପସ୍ୟା ଅନ୍ତେ ଦେବମାତା ଗାୟତ୍ରୀ ତାଙ୍କ ସମ୍ମୁଖରେ ପ୍ରକଟିତ ହୋଇ, ସ୍ୱୟଂ ତାଙ୍କର ସ୍ୱନ୍ତିତ ରୂପେ ଜନ୍ମିତା ହେବେ ବୋଲି ବର ପ୍ରଦାନ କରନ୍ତି । ଅଶ୍ୱପତି ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରନ୍ତି । ସାବିତ୍ରୀ ଓ ଗାୟତ୍ରୀ - ଏକ ଦେବୀଙ୍କର ଦୁଇଟି ନାମ । ତେଣୁ ସେ କୃତକୃତ୍ୟ ଚିତ୍ତରେ ସେହି କନ୍ୟାର ନାମ ରଖନ୍ତି 'ସାବିତ୍ରୀ' ।

ଶ୍ରୀ ଅରବିନ୍ଦ ଜଣେ ଜାତ-କବି । ତାଙ୍କ ପାଇଁ କବିତା ଏକ ସ୍ୱାଭାବିକ ପ୍ରାକୃତିକ କର୍ମ । କିନ୍ତୁ ସେ ଏହି ମହାକାବ୍ୟ ବିରଚନା ପାଇଁ ନେଇଛନ୍ତି ପାଞ୍ଚ ଦଶନ୍ଧି ସମୟ । ତେରବର୍ଷ ବୟସରେ ଲଣ୍ଡନରେ ଥିବା ସମୟରେ ସେ ତାଙ୍କର ପ୍ରଥମ କବିତା ରଚନା କରିଥିଲେ । ଏକ ନିର୍ଦ୍ଦିଷ୍ଟ କବିତା 'ସାବିତ୍ରୀ'ର ନିରୀକ୍ଷଣ, ପୁନଃନିରୀକ୍ଷଣ ଏପରିକି କେତେକ ସ୍ଥଳେ ଏଗାର ଥରରୁ ଅଧିକ ସଂଶୋଧିତ ମଧ୍ୟ ହୋଇଛି । ଏଥି ସମ୍ବନ୍ଧରେ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ଏପରି କରିବା ପାଇଁ ସେ ଉପରୁ ନିର୍ଦ୍ଦେଶ ଓ ପ୍ରେରଣା ପାଇଛନ୍ତି । ଏକ ନିପୁଣ, ନିଖୁଣ ପୂର୍ଣ୍ଣତା ଲାଭ ନିମନ୍ତେ ସେ କରିଛନ୍ତି ସକଳ ପ୍ରୟାସ । ପରିପୂର୍ଣ୍ଣତା ଏକ ଚରମ ସ୍ଥିତି ନୁହେଁ । ଶ୍ରୀମାଙ୍କର ସ୍ୱତନ୍ତ୍ର ବ୍ୟାଖ୍ୟା ପ୍ରତିପାଦନ କରେ - ଏକ ଶୀର୍ଷ ବିନ୍ଦୁରେ ଆରୋହଣ କରିବାର ଅର୍ଥ ପରିପୂର୍ଣ୍ଣତା ନୁହେଁ । କିନ୍ତୁ ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ଉପଲବ୍ଧ ସମସ୍ତ ସୁଯୋଗର ସଦୁପଯୋଗ କରିବା ହିଁ ପରିପୂର୍ଣ୍ଣତା । ପ୍ରତ୍ୟେକ ସ୍ଥିତିରେ ଅନେକ ସୁଯୋଗ ଓ କାରଣମାନ ଉପସ୍ଥିତି ଥାଏ । କିନ୍ତୁ ଉପଲବ୍ଧ ସେହି ସମସ୍ତ ସୁଯୋଗର ସର୍ବାଧିକ ସଂହତି ଓ ବିନିଯୋଗ କରିପାରିବା ହିଁ ସେହି ମୁହୂର୍ତ୍ତର ପରିପୂର୍ଣ୍ଣତା । ଏକ ଦୃଷ୍ଟିରେ ପରିପୂର୍ଣ୍ଣତା ଏକ ଚଳନଶୀଳ ସ୍ଥିତି । ଏହା ଉତ୍କର୍ଷତା, ଅଭ୍ୟୁଦୟ ଓ ଜୀବନର ନୂତନ ଅର୍ଥ ବହନ କରୁଥିବା ଏକ ଉର୍ଦ୍ଧ୍ୱମୁଖୀ ଚେତନା । ଶ୍ରୀ ଅରବିନ୍ଦ କହନ୍ତି ଯେ, ଯାହା ସେ ରଚନା କରିଛନ୍ତି ପରେ ଚେତନାର ଯେଉଁ ସ୍ତରରେ ସେ ଉପନୀତ ହୋଇଛନ୍ତି, ତାହାର ପୂର୍ଣ୍ଣାଙ୍ଗ ପରିପ୍ରକାଶ ନିମନ୍ତେ ପୂର୍ବଲେଖାକୁ ସଂଶୋଧିତ କରିଛନ୍ତି । ଚେତନାର ଉର୍ଦ୍ଧ୍ୱତର ସ୍ତରକୁ ପୂର୍ବ ବକ୍ତବ୍ୟକୁ ଉତ୍ଥିତ କରାଇଛନ୍ତି । ସେହି ଦୂରଦ୍ରଷ୍ଟା ଭବିଷ୍ୟତର କବିତାକୁ କବି-ମାନସକନ୍ୟା ରୂପେ ଅବଲୋକନ କରି ନାହାନ୍ତି । ସେ ତାକୁ ଦେଇଛନ୍ତି ଏକ ବୈଦିକ ମନ୍ତ୍ରର ଉଚ୍ଚାସନ । ଶ୍ରୀ ଅରବିନ୍ଦଙ୍କ ତାଙ୍କ କବିତାରେ ସେହି ରୂପାନ୍ତରୀକରଣ ପରିପ୍ରକାଶ କରିଛନ୍ତି । କବି - ମାନସପୁତ୍ରୀରୁ ଏକ ଦୈବିକ ଅନୁଭବ, ସତ୍ୟର ବୀଜଧାରଣକାରୀ ଏକ ଦୈବ ପ୍ରେରଣାର କାବ୍ୟିକ ଉଚ୍ଚାରଣ - ତାଙ୍କର 'ସାବିତ୍ରୀ' ନିମନ୍ତେ ଏହାହିଁ ଥିଲା ମନଯୋଗ । ପାତିବ୍ରତ୍ୟ ଓ ପବିତ୍ରତାର ସେହି ସ୍ମରଣୀୟ କାହାଣୀ ପରିବର୍ତ୍ତିତ ହୋଇଛି ମୃତ୍ୟୁ ଉପରେ ମାନବର ବିଜୟର ଏକ ମହନୀୟ ଗାଥାରେ । ବିଭୁକୃପାରେ ଧରାପୃଷ୍ଠରେ ଦେବାବତାର ଅବତୀର୍ଣ୍ଣ ହୋଇ ମାନବ ଜାତି ପକ୍ଷରୁ ମୃତ୍ୟୁ ଅଧିପତିଙ୍କ ସହ କରିଛନ୍ତି ସଂଗ୍ରାମ । ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କର ଆଧ୍ୟାତ୍ମିକ ମହାଅନ୍ୱେଷା, ବିଭୁ-ବିଜ୍ଞାନ ସାଧନା, ଅତିମାନସ ଚିନ୍ତନ, ଚେତନାର ନବ ବିବର୍ତ୍ତନ, ଗୁପ୍ତଜ୍ଞାନ ଓ ପରିଶେଷରେ ଜୀବନର ସତ୍ ରୂପାନ୍ତରୀକରଣ - ମୃତ୍ୟୁରୁ ଜୀବନ, ଅନ୍ଧକାରରୁ ଆଲୋକ, ଅସଞ୍ଚାରୁ ସଞ୍ଚାର ଉପଲବ୍ଧି ସେହିପରି ଏକ ମହାସଂଗ୍ରାମ । ସମଗ୍ର ବିଶ୍ୱର ଧର୍ମ ଓ ଆଧ୍ୟାତ୍ମିକତାର ପରମ୍ପରା ମନୁଷ୍ୟର ପୃଥିବୀ ପ୍ରତି ବିରାଗଭାବ ଜାତ ହେବା ପାଇଁ ପରାମର୍ଶ ଦେଇ ଆସିଛନ୍ତି । କାରଣ ଏହି ପୃଥିବୀ ମୃତ୍ୟୁ, ତାମସିକତାର ଭୂମି । ଏହାର ଉର୍ଦ୍ଧ୍ୱରେ ରହିଛି ମୁକ୍ତି, ନିର୍ବାଣ, ବ୍ରହ୍ମ, ସଚ୍ଚିଦାନନ୍ଦର ଉପଲବ୍ଧି । ଏପରିକି ଖ୍ରୀଷ୍ଟୟାନ ଓ ଇସଲାମିକ ଧର୍ମରେ ଉଲ୍ଲିଖିତ, ଈପ୍ସିତ ଲକ୍ଷ୍ୟ - ସ୍ୱର୍ଗ । ଶ୍ରୀ ଅରବିନ୍ଦ ଏପରି ଚିନ୍ତାଧାରାକୁ ପ୍ରତିହତ କରିବା ପାଇଁ ଦେଇଛନ୍ତି ଏକ ବୈପ୍ଳବିକ ଆହ୍ୱାନ । ଔପନିଷଦିକ ଋଷି କଣ୍ଠରୁ ନିଃସୃତ ବାଣୀ - ସକଳ ପୂର୍ଣ୍ଣତା ଲାଭ କରିପାରିବା ) ଦ୍ୱାରା ଉଦ୍‌ବୁଦ୍ଧ ହୋଇ, ସେ ମାନବର ଚେତନା ନୁହେଁ - ଏହା ଏକ ଦେବଭୂମି - ପ୍ରାଣୀର ସକଳ କର୍ମ, ସମଗ୍ର ଜୀବନ ପାଇଁ ଏକ ଈଶ୍ୱର ପ୍ରଦତ୍ତ ମାଧ୍ୟମ । 'ସାବିତ୍ରୀ' ମହାକାବ୍ୟ ଏହି ସତ୍ୟର ଉଦ୍‌ଘୋଷକ, ମାନବ ସଭ୍ୟତାର ବିକାଶ ଓ ପରମ୍ପରାରେ 'ପ୍ରେମ ଓ ମୁକ୍ତି'ର ଏକ ବିସ୍ତୃତ ପରିବେଶ, ଏକ ବିପୁଳ ସତ୍ୟର ଆଦର୍ଶ ସ୍ଥାପନା ନିମନ୍ତେ ମାନବ ଚେତନା ନିକଟରେ ବିଶ୍ୱାତ୍ମା ଶ୍ରୀ ଅରବିନ୍ଦଙ୍କର ଏହା ଏକ ସାର୍ବଜନୀନ ଆବେଦନ । କିପରି ବସ୍ତୁ ସହିତ ଆତ୍ମାର ସଂଯୋଗ ସ୍ଥାପିତ ହୋଇପାରିବ, କିପରି ପ୍ରାଜ୍ଞଜନଗଣ ଶୟନ, ସ୍ୱପନ, ଜାଗରଣରେ ଈଶ୍ୱରଙ୍କୁ ନିଜ ସତ୍ତାରେ ସ୍ଥାନିତ କରିପାରିବେ, କିପରି ଏହି ସମସ୍ତ କ୍ରିୟା ରୂପାନ୍ତରୀକରଣର ଏକ ଦିବ୍ୟ ମୁହୂର୍ତ୍ତରେ ସଂଘଟିତ ହେବ, କିପରି ମୃତ୍ୟୁ ଉପରେ ବିଜୟ ସାଧିତ ହେବ, କିପରି ଈଶ୍ୱରଙ୍କର ଔଜଲ୍ୟମୟ ସତ୍ତା ନିକଟରେ ମୃତ୍ୟୁରାଜଙ୍କର ନିର୍ମୋକ ସ୍ଖଳିତ ହେବ - ଏହି ସମସ୍ତ ଚିରନ୍ତନ ସତ୍ୟ ଓ ପ୍ରଶ୍ନର ସମାଧାନ ନିମନ୍ତେ 'ସାବିତ୍ରୀ' - ଏକ ଆଧ୍ୟାତ୍ମିକ, ସ୍ୱୀକାର ସୂଚକ ଭାବାତ୍ମକ ମହାକାବ୍ୟ ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,**
**ଦୂରଭାଷ : ୮୨୬୦୪୦୮୮୩୬**

# ଅଣସର ଓ ଦଇତା ନିଯୋଗ



ଡାକ୍ତର ସମ୍ରାଟ କର

ଶ୍ରୀମନ୍ଦିରରେ ପାଳନ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନ ଯାତ୍ରା ଅନ୍ୟତମ। ସ୍ନାନବେଦୀରୁ ଚତୁର୍ଦ୍ଧାମୂର୍ତ୍ତି ଓହ୍ଲାଇବା ପରେ ଅଣସର ଘରେ ବିଧି ଅନୁଯାୟୀ ପନ୍ଦର ଦିନ ପୂଜା ପାଇଥାନ୍ତି। ଅଣସର ଘର ଏକ ଅନ୍ଧାର ବା ଆବଦ୍ଧ ଘର ଏହି ଅନ୍ଧାର ଘର ମଧ୍ୟରେ ଗୋଟିଏ ମାତ୍ର ଦୀପ ଜଳୁଥାଏ। ଏହି ସମୟରେ ବିଶ୍ୱାବସୁଙ୍କ ବଂଶଧର ଦଇତା ସେବକମାନେ ଜିଉଙ୍କର ସେବା ପୂଜା କରିଥାନ୍ତି। ସାରା ବର୍ଷ ମଧ୍ୟରୁ ଏଗାର ମାସ ପତିମହାପାତ୍ର ବା ବ୍ରାହ୍ମଣ ସେବକମାନେ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ସେବାକାର୍ଯ୍ୟ ସମ୍ପାଦିତ କରୁଥିଲାବେଳେ ମାତ୍ର ଗୋଟିଏ ମାସ ଅର୍ଥାତ୍ ଆଷାଢ଼ କୃଷ୍ଣ ପ୍ରତିପଦାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ହିଁ ଦଇତାମାନେ ପ୍ରଭୁଙ୍କ ଅପୂର୍ବ ସେବା କାର୍ଯ୍ୟ ସଂପାଦିତ କରିଥାନ୍ତି।

ପ୍ରତିଅଣସର ସାଧାରଣତଃ ଦୁଇ ପ୍ରକାର। ପ୍ରତିବର୍ଷ ଅଣସର ଗୁଣ୍ଡିଚା ଆଗରୁ କରାଯାଏ। ଏହା ପନ୍ଦର ଦିନ ଧରି ପାଳିତ ହୁଏ। ଅନ୍ୟଟି ମହାଅଣସର। ନବକଳେବର ବର୍ଷ ହିଁ ପାଳିତ ହୁଏ। ମହାଅଣସର ୪୫ ଦିନ। ପ୍ରଥମ ଅଣସରରେ ପ୍ରଭୁଙ୍କର କଳେବର ପରିବର୍ତ୍ତନ ହୁଏ ନାହିଁ। ହେଲେ ମହାଅଣସରରେ ବିଗ୍ରହ ପରିବର୍ତ୍ତନ ହୋଇଥାଆନ୍ତି। ପ୍ରଭୁ ଜଗନ୍ନାଥ ମଣିଷର ପ୍ରତିନିଧିତ୍ୱ କରନ୍ତି। ସେଇଥିପାଇଁ ତାଙ୍କୁ ମଣିଷ ପରି ଭୋଗିବାକୁ ହୁଏ। ମହାବେଦୀରେ ମହାସ୍ନାନ କରିବା ପରେ ସ୍ନାନଜନିତ କ୍ଳାନ୍ତି ଯୋଗୁଁ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୁଅନ୍ତି। ସେଇଥିପାଇଁ ଜିଉଙ୍କୁ ଅଣସର ଘରେ ପୂର୍ଣ୍ଣ ବିଶ୍ରାମ ଦିଆଯାଏ। ସେହି ବିଶ୍ରାମ ସମୟରେ ଜୀଉମାନଙ୍କର ଚିକିତ୍ସା କରାଯାଏ। ସାଧାରଣ ମଣିଷଟିଏ ଚିକିତ୍ସା ସମୟରେ ଯେପରି ସଂପୂର୍ଣ୍ଣ ବିଶ୍ରାମ ନିଏ ସେପରି ପ୍ରଭୁଙ୍କ ଚିକିତ୍ସା ସମୟରେ ହିଁ ସମ୍ପୂର୍ଣ୍ଣ ନୀରବତା ରକ୍ଷା କରାଯାଏ। କୋଳାହଳ ଏବଂ ହୋହାଲ୍ଲା ଠାରୁ ଦୂରରେ ରହିବା ପାଇଁ ପ୍ରଭୁଙ୍କର ଏହି ଗୁପ୍ତ ସେବାର ବ୍ୟବସ୍ଥା କରାଯାଏ। ଏହି ପୂଜା ଓ ସେବା ସମୟରେ ଦଇତା ନିଯୋଗ ସଂପୂର୍ଣ୍ଣ ଭାବରେ ସଜାଗ ଥାଆନ୍ତି। ପ୍ରଭୁ ଜଗନ୍ନାଥଙ୍କର ଜ୍ୱର କମାଇବା ପାଇଁ ଦଇତାମାନେ ଚେରମୂଳି ପଣା ପାଣି ସହ ଜଙ୍ଗଲର ଫଳମୂଳ ଆଦି ଜଗନ୍ନାଥଙ୍କୁ ନୈବେଦ୍ୟ ଭାବରେ ଅର୍ପଣ କରିଥାନ୍ତି। ଏସବୁ କାର୍ଯ୍ୟ ଦଇତା ନିଯୋଗମାନେ ସମ୍ପାଦିତ କରିଥାଆନ୍ତି। କାରଣ ଶ୍ରୀଜୀଉମାନେ ଅଣସର ଘରେ ଥିବାବେଳେ ଶ୍ରୀମନ୍ଦିରରେ ଅଭଡ଼ା ଅନ୍ନ ଭୋଗ ହୁଏନା।

ଅଣସର ଘରେ ଜୀଉମାନେ ପନ୍ଦର ଦିନ କାଳ ରହିଥାଆନ୍ତି। ଏହି ସମୟରେ ଦଇତା ସେବାୟତମାନେ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ସେବାପୂଜା, ରୀତିନୀତି କରିଥାଆନ୍ତି। ଏହି ପୂଜା ଏକ ମହାନ ଦାୟିତ୍ୱବୋଧର ବାର୍ତ୍ତାବାହିନୀ। ଆଷାଢ଼ ପ୍ରତିପଦାରୁ ଚତୁର୍ଥୀ ଯାଏ ଅଣସର ଘରେ ଜୀଉଙ୍କ କରାଳ କର୍ମ ଅନୁଷ୍ଠିତ ହୁଏ। ଏହା ହେଉଛି ଦାରୁଦେବତାଙ୍କ ମରାମତି ଓ ଅଙ୍ଗଫିଟା କର୍ମ। ଜୀଉଙ୍କ ଅଙ୍ଗରେ ଥିବା ପୁରୁଣା ବସ୍ତ୍ରକୁ ଫିଟାଇ କରାଳ କର୍ମ ସମ୍ପାଦିତ କରିଥାନ୍ତି। ସେପରି କ୍ରମିକ ସଂଖ୍ୟା ୧୬ରେ ଉଲ୍ଲେଖ ଅଛି ଦତ୍ତ ଖଟଣି ନିଯୋଗମାନେ ଶ୍ରୀମୁଖ ଶୃଙ୍ଗାର କାର୍ଯ୍ୟ ସମ୍ପାଦନା କରିଥାନ୍ତି। ଧର୍ମପଦରେ ଉଲ୍ଲେଖ ଅଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କର ସ୍ନାନ ପୂର୍ଣ୍ଣିମାର ଗୁପ୍ତପୂଜା ଠାରୁ ଆରମ୍ଭ କରି ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପରେ ପୁନରାୟ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ ପୂଜାପାଠ ଏହି ଦଇତା ନିଯୋଗଙ୍କ ଦ୍ୱାରା ସମାପନ ହୋଇଥାଏ। ଆଦିବାସୀ ସଂସ୍କୃତିରେ ଉଲ୍ଲେଖ ଅଛି ପୁରୀରେ ବସବାସ କରୁଥିବା ସମସ୍ତ ଦଇତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବକ। ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣରେ ଏହି ଦଇତାମାନେ ବିନିଯୋଗ ହୋଇଥିଲେ। ଏପରି ମନ୍ଦିର ନିର୍ମାଣ ପାଇଁ ପଥରଖଣ୍ଡ ସେ ବୋହିଥିଲେ। କଥିତ ଅଛି - ଦଇତାମାନେ ହିଁ ଶବର ରାଜ ବିଶ୍ୱାବସୁଙ୍କ ବଂଶଧର। ଏହି ସମୟରେ ପ୍ରତି ମହାପାତ୍ରମାନେ ଭୋଗ ଲଗାନ୍ତି। ପତିମହାପାତ୍ରଙ୍କୁ ବିଦ୍ୟାପତିଙ୍କ ବଂଶଧର ବୋଲି କହନ୍ତି। ପ୍ରଭୁ ଜଗନ୍ନାଥ ଶବର ଦେବତା। ନବକଳେବର ସମୟରେ ତିନି ବାଡ଼ରେ ରହି ଆଜ୍ଞାମାଳ ନେଇ ଦାରୁ ଖୋଜିବା କାର୍ଯ୍ୟ ଆରମ୍ଭ କରନ୍ତି। ଏପରିକି ବନଜାଗ ବେଳେ ବିଦ୍ୟାପତି ରୂପରେ ବରଣ ହୋଇଥାନ୍ତି। ଜାଗ ସମାପନ ପରେ ସୁନା କୁରାଢ଼ିରେ ଦାରୁ ସ୍ପର୍ଶ କରନ୍ତି। ସୁଦର୍ଶନ ଦାରୁର ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତି ଏହି ପତି ମହାପାତ୍ର। ତେବେ ବର୍ଷକରେ ଏହି ଗୋଟିଏ ମାସ ଦଇତା ନିଯୋଗଙ୍କ ସେବା ଓ ପୂଜାରେ ଶ୍ରୀଜୀଉମାନେ ସୁସ୍ଥ ହୋଇ ପୁନରାୟ ଏଗାର ମାସ କାଳ ଭକ୍ତଜନଙ୍କୁ ନିବିଡ଼ ଭକ୍ତିଡୋରିରେ ବାନ୍ଧି ଦିଅନ୍ତି।

**ମାନସିକ ରୋଗ ବିଶେଷଜ୍ଞ,**
**ଦି'ବ୍ରେନ, ପୁରୀଘାଟ ରୋଡ଼,**
**କଟକ, ଦୂରଭାଷ :**
**୯୧୩୨୪୩୩୩୩୩**

# ଦେଶରେ ଶିକ୍ଷାର ସ୍ଥିତି



ସୌଭାଗ୍ୟ ରଂଜନ ମହାନ୍ତି

ଏଥିରେ ଦ୍ୱିଧା ନାହିଁ ଯେ, ଦେଶରେ ସରକାରୀ ବିଦ୍ୟାଳୟଗୁଡିକର ପାଠପଢା ପରିବେଶ ଅତ୍ୟନ୍ତ ଚିନ୍ତାଜନକ । ସରକାରୀ ବିଦ୍ୟାଳୟରେ କେଉଁଠି ଗୋଟିଏ କକ୍ଷରେ ୩ଟି ଶ୍ରେଣୀ ଚାଲିଛି ତ କେଉଁଠି ପିଲା ନାହାଁନ୍ତି। ଶିକ୍ଷକ ଅଭାବ ସରକାରୀ ବିଦ୍ୟାଳୟଗୁଡିକରେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିବାବେଳେ ଅଷ୍ଟମ ଶ୍ରେଣୀ ପିଲା ତୃତୀୟ ଶ୍ରେଣୀ ଗଣିତ କରିପାରୁନାହାଁନ୍ତି। ନିକଟରେ ଜାତିସଂଘ ଓ ଅସର ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହି ଚିନ୍ତାଜନକ ତଥ୍ୟ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଶିକ୍ଷାର ବିକାଶ ଲାଗି କେନ୍ଦ୍ର ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଣୟନ କରିଛନ୍ତି। ଜାତୀୟ ଶିକ୍ଷାନୀତିରେ ଥିବା ତ୍ରିଭାଷୀ ପ୍ରସଙ୍ଗକୁ ନେଇ ଏବେ କେତେକ ରାଜ୍ୟରେ ବିରୋଧ ମୁଣ୍ଡ ଟେକିଛି। ଏହା ସତ୍ତ୍ୱେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ୨.୦ ଗ୍ରେଡିଂ ଢାଂଚା ଏବେ ଶିକ୍ଷାର ବିକାଶ ନେଇ କେତେକ ସୁଖଦ ଖବର ଆଣିଛି। ୨୦୧୭-୧୮ ରୁ ୨୦୨୨-୨୩ ମଧ୍ୟରେ ଉଚ୍ଚ ର୍‌୍ୟାଙ୍କି ଏବଂ ନିମ୍ନ ର୍‌୍ୟାଙ୍କିରେ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ସରକାରୀ ବିଦ୍ୟାଳୟଗୁଡିକର ସଫଳତା ନେଇଥିବା ତାରତମ୍ୟ ୫୧ ପ୍ରତିଶତରୁ ୪୨ପ୍ରତିଶତକୁ ହ୍ରାସ ପାଇଛି। ଏହା ନିସନ୍ଦେହ ଯେ, ଏହା ଏକ ଆଖିଦୃଷ୍ଟିଆ ସଫଳତା ବୋଲି କୁହାଯାଇପାରେ। କିନ୍ତୁ ଦୁର୍ଭାଗ୍ୟର କାରଣ ଏହା ଯେ, କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଂଚଳ କୌଣସି ଟପ୍ ଗ୍ରେଡ ଦକ୍ଷ, ଉତ୍କର୍ଷ, ଉତମ ଓ ଅତି ଉତମ ହାସଲ କରିପାରନାହାଁନ୍ତି। ସେମାନେ 'ପ୍ରଚେଷ୍ଟା' ଏବଂ 'ଆକାଂକ୍ଷୀଂ' ସ୍ତରରେ ରହିଯାଇଛନ୍ତି। ଏପରିକି କେନ୍ଦ୍ରଶାସିତ ଅଂଚଳ ଚଣ୍ଡିଗଡ, ଯେ କି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକ ମଧ୍ୟରେ ୧୦୦୦ରୁ ସର୍ବାଧିକ ସ୍କୋର କରିଥିବା ସତ୍ତ୍ୱେ ଏବେ କେବଳ ପ୍ରଚେଷ୍ଟା ଲେଭୁଲ-୧ ସ୍ତରରେ ପ୍ରବେଶ କରିବାକୁ ସମର୍ଥ ହୋଇଛି। ପୂର୍ବରୁ ଚଣ୍ଡିଗଡ ପ୍ରଚେଷ୍ଟା ଲେଭୁଲ-୨ସ୍ତରରେ ଥିଲା। ନିକଟରେ ୬ଟି କ୍ଷେତ୍ର ତଥା ଶିକ୍ଷା ଫଳାଫଳ, ସୁବିଧା ସୁଯୋଗ, ଭିତିଭୂମି, ସମାନତା ପ୍ରଶାସନିକ ପ୍ରକ୍ରୀୟା ଏବଂ ଶିକ୍ଷକ ତାଲିମ ଉପରେ ଦେଶବ୍ୟାପୀ ହୋଇଥିବା ପିଜିଆଇ ପରୀକ୍ଷାରେ କେରଳ ହେଉଛି ଏକାମତ୍ର ରାଜ୍ୟ ଯେ କି, ଶିକ୍ଷକ, ପ୍ରଶିକ୍ଷଣ ଓ ତାଲିମରେ କେବଳ ଦକ୍ଷ ସ୍ତରରେ ପହଁଚିବାକୁ ସମର୍ଥ ହୋଇଥିବାବେଳେ ଅନ୍ୟ କୌଣସି କ୍ଷେତ୍ରରେ ଉତମ ଫଳାଫଳ ପ୍ରଦର୍ଶନ କରିପାରିନାହିଁ। କହିବା ବାହୁଲ୍ୟ ଯେ, ଏହି କ୍ଷେତ୍ରଗୁଡିକରେ ସଫଳତା ନେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକ ମଧ୍ୟରେ କେରଳ ମଧ୍ୟମ ସ୍ତରରେ ରହିବାକୁ ସକ୍ଷମ ହୋଇଛି। ର୍‌୍ୟାଙ୍କିର ସବା ତଳ ସ୍ତରରେ ପାଂଚଟି ରାଜ୍ୟ ତଥା ମେଘାଳୟ, ଅରୁଣାଚଳ ପ୍ରଦେଶ, ମିଜୋରାମ, ନାଗାଲାଣ୍ଡ ଏବଂ ବିହାର ରହିଥିବାବେଳେ ର୍‌୍ୟାଙ୍କିର ଉପର ତଥା ଉଚ୍ଚ ସ୍ତରରେ ଚଣ୍ଡିଗଡ, ପଞ୍ଜାବ, ଦିଲ୍ଲୀ, ଗୁଜରାଟ ଓ ଓଡିଶା ରହିଛି। ଓଡିଶା ସମାନତା କ୍ଷେତ୍ରରେ ଜାତି, ଲିଙ୍ଗ ଓ ଆଂଚଳିକ କ୍ଷେତ୍ରରେ ଥିବା ତାରତମ୍ୟକୁ ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କିନ୍ତୁ ଶିକ୍ଷା ଫଳାଫଳ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକ ଗୁରୁତର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା କୁହାଯାଇଛି। ଉଲ୍ଲେଖ କରାଯାଇପାରେ ଏହି କ୍ଷେତ୍ରରେ ଗୁରୁତର ନିଅଂଟିଆ ସ୍ଥିତିର ସମ୍ମୁଖୀନ ହୋଇଥିବା ଆନୁଆଲ ଷ୍ଟାଟସ ଅଫ ଏଜୁକେଶନ (ଅସର) ୨୦୨୪ ରିପୋର୍ଟରେ ଦର୍ଶାଇଥିଲା। ଅନ୍ୟ କେତେକ ରାଜ୍ୟ ବିଶେଷ କରି ଛତିଶଗଡ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ଲକ୍ଷ୍ୟ ହାସଲ ସ୍ତରର ତଳେ ରହିଛନ୍ତି। ପଶ୍ଚିମବଙ୍ଗରେ ହଠାତ ଶିକ୍ଷକ ସଂଖ୍ୟା ହ୍ରାସ ଏବଂ ଅସ୍ଥିରତା ଏହା କାରଣ ହୋଇପାରେ। ତେବେ ୨୦୧୮ରୁ ୨୦୨୪ ମଧ୍ୟରେ ଓଡିଶା ସମେତ ହିମାଚଳ ପ୍ରଦେଶ, ଗୋଆ, ଚଣ୍ଡିଗଡ, ତେଲେଙ୍ଗାନା ଉଲ୍ଲେଖନୀୟ ଲକ୍ଷ୍ୟ ସାଧନ କରିବାରେ ସକ୍ଷମ ବେଳେ ବିହାର ଏବେ ବି ଭିତିଭୂମି ସହ ସଂଗ୍ରାମ କରୁଛି। ବିହାର ଏବେ ଆକାଂକ୍ଷିଂ ସ୍ତର-୨ରେ ସୀମିତ ରହିଛ। ଅନ୍ୟପକ୍ଷରେ ଥିବା ତଳ ର୍‌୍ୟାଙ୍କ ଆକାଂକ୍ଷିଂ ସ୍ତର-୩ରେ ମେଘାଳୟ ଏକମାତ୍ର ରାଜ୍ୟ ରହିଛି। ଏହା ନିସନ୍ଦେହ ଯେ, ଗ୍ରେଡିଂ ଏବଂ ଏହି ୬ଟି ପ୍ରସଙ୍ଗ ଦେଶରେ ଶିକ୍ଷାର ବିକାଶ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନେହୁଏ। କାରଣ ଏହା ରାଜ୍ୟ କେନ୍ଦ୍ରଶାସିତ ଅଂଚଳଗୁଡିକର ଶିକ୍ଷା କ୍ଷେତ୍ରରେ ଥିବା ସାମର୍ଥ୍ୟ ଏବଂ ଦୁର୍ବଳତାକୁ ଲୋକ ଲୋଚନକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛି। ୟୁନିଫାଏଡ ଡିଷ୍ଟ୍ରିକ୍ଟ ଏନଫରମେସନ ସିଷ୍ଟମ ଫର ଏଜୁକେଶନ ପ୍ଲସ ରାଜ୍ୟଗୁଡିକର ଶିକ୍ଷାର ବିକାଶ ଲାଗି ତଥା ସେମାନଙ୍କର ଦୁର୍ବଳତା ଦୂର କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଆଧାରରେ ପ୍ରମାଣ ଯୋଗାଇଥାଏ। ଦେଶରେ ଗ୍ରେଡିଂ-୨.୦ରେ ଶିକ୍ଷାକ୍ଷେତ୍ରରେ ତାରତମ୍ୟ ହ୍ରାସ ପାଉଥିବା ସତ୍ତ୍ୱେ ପଦ୍ଧତିବଦ୍ଧ ପ୍ରକ୍ରୀୟାରେ ପରିବର୍ତନର ଆବଶ୍ୟକତା ରହିଛି। ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକର ଟାର୍ଗେଟ ହେବା ଉଚିତ୍।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨,**
**ମୋବାଇଲ ନଂ-୭୯୭୮୬୬୬୪୦୩**

# କାଦୁଅ ପଚପଚ୍ ରାସ୍ତାରେ ଖଟିଆରେ ଗର୍ଭବତୀଙ୍କୁ ବୋହିଲେ ବିଧାୟକ ପ୍ରତିନିଧି ଓ ମଣ୍ଡଳ ସଭାପତି



**ଫିରିଙ୍ଗିଆ,(ଡିକେ ନ୍ୟୁଜ୍):** କାଦୁଅ ପଚପଚ ରାସ୍ତାରେ ୬ କିଲୋମିଟର ବାଟ ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଛନ୍ତି ସ୍ଥାନୀୟ ବିଧାୟକ ଓ ମଣ୍ଡଳ ସଭାପତି । ତତ୍ପରେ ରାସ୍ତାର ଦୁରାବସ୍ଥା ଦେଖି ଦୁଃଖ ପ୍ରକାଶ କରିବା ସହ ଯଥାଶୀଘ୍ର ରାସ୍ତା କାମ ସାରିବାକୁ ଦାବି ମଧ୍ୟ କରିଛନ୍ତି । କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତ ଅନ୍ତର୍ଗତ କଟାପଙ୍ଗା ଠାରୁ ଡମାଙ୍ଗପଦର ଗ୍ରାମ ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା ବର୍ଷା ଦିନମାନଙ୍କରେ କାଦୁଅରେ ଭରି ଯାଇଛି । ଏହି ରାସ୍ତାଟି ପ୍ରଥମେ ଏକ ପାଦଚଲା ରାସ୍ତା ଭାବେ ବ୍ୟବହୃତ ହେଉଥିଲା । ସୁମରବନ୍ଧ ପଞ୍ଚାୟତର ୧୧ ଗୋଟି ଗ୍ରାମର ୪୦୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭରଶୀଳ । ବିଗତ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ରାସ୍ତା ନିର୍ମାଣ ପାଇଁ ୪ କୋଟିରୁ ଉର୍ଦ୍ଧ ଟଙ୍କା ମଞ୍ଜୁର ହେବା ପରେ ଆର ଡି ବିଭାଗ ରାସ୍ତା ତଦାରଖ କାର୍ଯ୍ୟ ନିଜେ ମୁଣ୍ଡେଇଥିଲା । ସୁମରବନ୍ଧ ପଞ୍ଚାୟତ ଫିରିଙ୍ଗିଆ ବ୍ଲକର ଶେଷ ମୁଣ୍ଡରେ ଥିବା ପଞ୍ଚାୟତ ହୋଇଥିବା ବେଳେ ଅଞ୍ଚଳଟି ଏକ ଦୁର୍ଗମ ଅଞ୍ଚଳ ତଥା ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ରାସ୍ତା ନିର୍ମାଣ ହେଉଥିବା ଜାଣି ଅଞ୍ଚଳବାସୀ ବେଶ ଆନନ୍ଦିତ ହୋଇଥିଲେ । ହେଲେ ବର୍ଷ ବର୍ଷ ବିତିଯାଉଥିଲେ ସୁଦ୍ଧା ରାସ୍ତା କାମ ଆଗକୁ ଆଗେଇ ପାରୁନଥିବାରୁ ରାସ୍ତାକୁ ନେଇ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । କାର୍ଯ୍ୟ କରୁଥିବା ଠିକାଦାର ୬ କିଲୋମିଟର ଯାଏ କେବଳ ମାଟି ପକେଇ ଦେଇ ଚୁପ୍ ବସିଛି । ବର୍ଷାଦିନ ଆସିଲେ ଏହି ରାସ୍ତା ଉପରେ ଚଳପ୍ରଚଳ କରିବା ସେମାନଙ୍କ ପାଇଁ ବଡ଼ କଷ୍ଟ କାର୍ଯ୍ୟ ହୋଇ ପଡ଼ିଛି । ରାସ୍ତା ଉପରେ ଗାଡି ମଟର ଚଲିବା ତ ଦୂରର କଥା ସାଧାରଣ ଲୋକ ମଧ୍ୟ ଚଲିବା କାଠିକର ପାଠ ହୋଇପଡ଼ିଛି । ଅନେକ ସମୟରେ ଗୁରୁତର ରୋଗୀ, ଗର୍ଭବତୀ ମହିଳା ଓ ପ୍ରସୂତି ମହିଳାମାନଙ୍କୁ ଖଟିଆ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇଲେ ଯାଇକି ଡାକ୍ତରଖାନା ନେବା ସମ୍ଭବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଅଞ୍ଚଳବାସୀ ପ୍ରଶାସନକୁ ଯେତେ ଗୁହାରି କରିଥିଲେ ମଧ୍ୟ ସେମାନଙ୍କ ସମସ୍ୟା ବୁଝିବାକୁ କେହି ହେଲେ ଆଗେଇ ଆସୁନାହାନ୍ତି । ଆଜି ମୁରଡ଼ି ଗ୍ରାମର ଝିମି ମଲିକ (୨୬)ନାମକ ଜଣେ ଗର୍ଭବତୀ ମହିଳା ପ୍ରସବ ବେଦନା ପାଇବାରୁ ସ୍ଥାନୀୟ ନୁଆ ପଦର ମଣ୍ଡଳ ସଭାପତି ଦେବେଶ୍ୱର ଦ୍ୱୀପଙ୍କୁ ସୂଚନା ଦେଇଥିଲେ ମହିଳାଙ୍କ ସ୍ୱାମୀ ରାମଚନ୍ଦ୍ର କହଁର କୌଣସି ଏକ ଭୁଲ କରି କାରାଗାରରେ ବନ୍ଦୀ ରହିଥିବା ବେଳେ ମହିଳାଙ୍କ ସାହାଯ୍ୟ ପାଇଁ ପରିବାରରେ ଆଉ କୌଣସି ସଦସ୍ୟ ନାହାନ୍ତି । ଏପରି ସ୍ଥିତିରେ ତାଙ୍କୁ କିଏ ସାହାଯ୍ୟ କରିବ ? ଏ ଖବରଟି ଦେବେଶ୍ୱର ଦ୍ୱୀପଙ୍କ କର୍ଣ୍ଣରେ ବାଜିବା କ୍ଷଣି ସେ ଘଟଣା ସ୍ଥଳରେ ଆସି ପହଞ୍ଚିଥିଲେ । ପରେ ବିଧାୟକ ପ୍ରତିନିଧି ପ୍ରଶାନ୍ତ କର୍ମ, ସୁମରବନ୍ଧ ସରପଞ୍ଚ ସୁଶୀଳା କହଁର, ଆଶା ଦିଦି ରଜନୀ କହଁର, ସମାଜସେବୀ ବିଗ କହଁର ପ୍ରମୁଖ ଝିମିଙ୍କ ଘରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହାୟତାରେ ଖଟିଆ ଭାର କରି ବୋହିକେ ଝିମିଙ୍କୁ ଶୁଏଇ କାଦୁଅ ପଚପଚ ରାସ୍ତାରେ ୬ କିଲୋମିଟରେ ବୋହି ଆମ୍ବୁଲାନ୍ସ ପାଖରେ ପହଞ୍ଚାଇଥିଲେ । ସମସ୍ତେ ଜନ ପ୍ରତିନିଧି ରାସ୍ତାର ଏଭଳି ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିବା ସହିତ ଯଥାଶୀଘ୍ର ରାସ୍ତା ମରାମତି ପାଇଁ ଦାବି ମଧ୍ୟ କରିଛନ୍ତି । ଜନ ପ୍ରତିନିଧି ମାନଙ୍କ ଏଭଳି ମହାନ କାର୍ଯ୍ୟକୁ ଅଞ୍ଚଳବାସୀ ବେସ ପ୍ରଶଂସା କରିବା ସହିତ ରାସ୍ତା କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଅନୁରୋଧ କରିଛନ୍ତି ।

# ବଙ୍ଗଳାଗୁଡା ନିକଟରେ ଥିବା ଅସ୍ଥାୟୀ ବ୍ରିଜ ଉପରେ ଏକ ଫୁଟର ପାଣି ପ୍ରବାହିତ



**କୋରାପୁଟ,(ଡିକେ ନ୍ୟୁଜ୍):** ଲଘୁଚାପ ଜନିତ ଲଗାଣ ବର୍ଷା ରାଜ୍ୟରେ ଲାଗି ରହିଛି । ଏହାର ପ୍ରଭାବ କୋରାପୁଟ ଜିଲ୍ଲାରେ ଦେଖିବାକୁ ମିଳିଛି । କୋରାପୁଟ ସଦର ଅନ୍ତର୍ଗତ ବଙ୍ଗଳାଗୁଡା ନିକଟରେ ଥିବା ଅସ୍ଥାୟୀ ବ୍ରିଜ ଉପରେ ଏକ ଫୁଟର ପାଣି ପ୍ରବାହିତ ହେଉଛି । ବିଶେଷ କରି ଏଇ ବ୍ରିଜଟି କୋରାପୁଟରୁ ରାୟଗଡ଼ାକୁ ଯିବାକୁ ମୁଖ୍ୟ ରାସ୍ତା ଅଟେ । ଏବଂ ଏଇ ରାସ୍ତା ୩୨୬ ନମ୍ବର ରାଜ୍ୟ ରାଜପଥକୁ ବି ସଂଯୋଗ କରିଥାଏ । ବଙ୍ଗଳାଗୁଡା ବ୍ରିଜ ବହୁ ପୁରାତନ ବ୍ରିଜ ଅଟେ କିନ୍ତୁ ତିନି ବର୍ଷ ତଳେ ଏଇ ବ୍ରିଜ ଟି ଭାଙ୍ଗି ଯାଇଥିଲା । କିନ୍ତୁ ବର୍ତ୍ତମାନ ଏଇ ନୂତନ ବ୍ରିଜର କାମ ଚାଲୁ ରହିଛି । ବ୍ରିଜ କାମ ଚାଲୁ ରହିଥିବାରୁ ବ୍ରିଜ ପାର୍ଶ୍ୱ ଦେଇ ଏକ ଅସ୍ଥାୟୀ ବ୍ରିଜ କରାଯାଇଛି । କିନ୍ତୁ ବର୍ଷା ଲାଗି ରହୁଥିବାରୁ ଏଇ ବ୍ରିଜ ଉପରେ ପାଣି ପ୍ରବାହିତ ହେଉଛି । ଛୋଟ ଛୋଟ ଯାନ ଯାଉଥିଲେ ମଧ୍ୟ ଗରିଚକିଆ ଓ ବଡ ଗାଡ଼ିକୁ ଯିବାକୁ ଦିଆଯାଉନାହିଁ । ଯଦି ଏଭଳି ବର୍ଷା ଲାଗି ରହେ ତାହା ହେଲେ ଆଉ କିଛି ଘଣ୍ଟା ପରେ ହୁଏତ ଅଧିକ ପାଣି ପ୍ରବାହିତ ହେବ ।

# ଛତ୍ରପୁରରେ ହେରା ପଞ୍ଚମୀ ପାଳିତ



**ଛତ୍ରପୁର,(ଡିକେ ନ୍ୟୁଜ୍):** ଚାଲିଛି ପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳା । ରଥଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମାଉସୀ ମା' ମନ୍ଦିରରେ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ମଙ୍ଗଳବାର ହେରା ପଞ୍ଚମୀ ଥିବାରୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରର ବିଭିନ୍ନ ସ୍ଥାନରେ ଏହା ଧୁମଧାମ ସହକାରେ ପାଳିତ ହୋଇଛି । ଠାକୁରଙ୍କ ରିତୀ ନିତୀ ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ମହାପ୍ରଭୁଙ୍କ ନରସିଂହ ଅବତାର ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ରିତୀନିତୀ ଏବଂ ପରମ୍ପରା ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦେବୀ ମହାଲକ୍ଷ୍ମୀଙ୍କୁ ଏକ ସୁସଜ୍ଜିତ ବିମାନ ଯୋଗେ ଆଡପ ମଣ୍ଡପ ନିଆଯାଇଥିଲା । ସେଠାରେ ମା ମହାଲକ୍ଷ୍ମୀ ରାଗରେ ଜଗନ୍ନାଥଙ୍କ ରଥକୁ ଭାଙ୍ଗିଥିଲେ । ଘଣ୍ଟ, କାହାଳୀର ଶବ୍ଦରେ ସାରା ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା । ପୂର୍ବାହ୍ନରେ ଓଲିଉଡ ଜଗତର ସୁପରିଚିତ ହାସ୍ୟଭିନେତା ହରିହର ମହାପାତ୍ର ଛତ୍ରପୁର ମଝିବଜାର ସ୍ଥିତ ଆଡପ ମଣ୍ଡପରେ ପହଞ୍ଚି ଚତୁର୍ଦ୍ଧାମୁର୍ତ୍ତୀଙ୍କୁ ମନଭରି ଦର୍ଶନ କରିଥିଲେ । ଆଗାମୀ ଦିନରେ ତାଙ୍କ ଚଳଚିତ୍ର ଆଇ ଏମ କାଳିଆର ଲୋକ ପ୍ରିୟତା ଏବଂ ତାହା କିପରି ବେଶ ଲୋକାଦୃତ ହୋଇପାରିବ ସେଥିଲାଗି ଜଗନ୍ନାଥଙ୍କ ଆଶିଷ ଭିକ୍ଷା କରିଥିଲେ । ଏହା ସହ ଆଇ ଏମ କାଳିଆ ଚଳଚିତ୍ର ପ୍ରଭୁ ଜଗନ୍ନାଥଙ୍କୁ ନେଇ ହିଁ ତିଆରି କରାଯାଇଛି । ଏଣୁ ଉକ୍ତ ଚଳଚିତ୍ରକୁ ଦେଖିବା ସହ ଭଲପାଇବା ଦେବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ । ମନ୍ଦିର କମିଟି ପକ୍ଷରୁ ତାଙ୍କୁ ବାଜା ବଜାଇ ସ୍ୱାଗତ କରାଯାଇଥିଲା । ମନ୍ଦିର ପରିଚାଳନା କମିଟିର ସଭାପତି ସୁଧିର କାନ୍ତ ରଥ, ଆଦିକନ୍ଦ ପାଣିଗ୍ରାହୀ, ରାମ ଚନ୍ଦ୍ର ପଟ୍ଟନାୟକ, ଭାଗବତ ପ୍ରସାଦ ମହାପାତ୍ର, କିଶୋର ଚନ୍ଦ୍ର ସେନାପତି, ଓମ ପ୍ରକାଶ ମହାପାତ୍ର, କାଠପାଦ ନୃତ୍ୟ ଶିଳ୍ପୀ ସମୀର କୁମାର ବେହେରା ଓ ଦିବାକର ବିଶୋୟୀ, ନରେଶ ସାହୁ, ରବି ରଥ, ମନ୍ଦିର ମୁଖ୍ୟ ପୂଜକ ରାଜେନ୍ଦ୍ର ଶତପଥି, କୃଷ୍ଣ ଚନ୍ଦ୍ର ସାହୁ, ଏନ୍. ପ୍ରଭାକର ରାଓ, ଆଇନଜିବୀ ତଥା କବି ପ୍ରଶାନ୍ତ କୁମାର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

# ଅତିରିକ୍ତ କମିଶନରଙ୍କ ଆକ୍ରମଣ ପ୍ରତିବାଦରେ ବଲାଙ୍ଗିର ଓଡ଼ିଶା ପ୍ରଶାସନିକ ସେବା ଓ ଓଡ଼ିଶା ରାଜସ୍ୱ ସେବା ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ



**ବଲାଙ୍ଗିର,(ଡିକେ ନ୍ୟୁଜ୍):** ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦରେ ବଲାଙ୍ଗିର ଓଡ଼ିଶା ପ୍ରଶାସନିକ ସେବା ଓ ଓଡ଼ିଶା ରାଜସ୍ୱ ସେବା ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଇଛି । ଜିଲ୍ଲା ସଂଘ ସଭାପତି ତଥା ଏଡିଏମ ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ପ୍ରତିବାଦ ସଭା କରାଯାଇ କାର୍ଯ୍ୟରତ ବିଏମସି ଅତିରିକ୍ତ କମିଶନର ସାହୁଙ୍କୁ ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି । ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ସଂଘ ଦାବି କରିବା ସହ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇସାଲଓ୍ୱାରଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି ସଭାରେ ବଲାଙ୍ଗୀର ଜିଲାର ସମସ୍ତ ଓଏଏସ ଓ ଓଆରଏସ ଯୋଗଦାନ କରିଥିଲେ । ସଭାରେ ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ ପଟେଲ, ପାଟଣାଗଡ ଉପଜିଲ୍ଲାପାଳ ସୁନିଲ କୁମାର ମେହେରଙ୍କ ସହ ବିଭିନ୍ନ ବ୍ଲକ୍‌ର ବିଡ଼ିଓ, ତହସିଲଦାର ଓ ଓଆରଏସ ଅଧିକାରୀ ଯୋଗଦାନ କରିଥିଲେ ।

# ଡାକ୍ତରଙ୍କୁ ସମ୍ବର୍ଦ୍ଧନା କଲେ ସଚେତନ ନାଗରିକ ମଞ୍ଚ



**ଯାଜପୁର,(ଡିକେ ନ୍ୟୁଜ୍):** ସାରା ବିଶ୍ୱ ଆଜି ଦ୍ୱିତୀୟ ଭଗବାନ କୁହାଯାଉଥିବା ଡାକ୍ତରଙ୍କୁ ମନେ ପକାଇ ବିଶ୍ୱ ଡାକ୍ତର ଦିବସ ପାଳନ କରୁଥିବା ବେଳେ ସେମିତି ଜଣେ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଥିବା ଜଣେ ଡାକ୍ତରଙ୍କୁ ସଚେତନ ନାଗରିକ ମଞ୍ଚ ଭୁଲି ଯାଇ ନାହିଁ । କରୋନା କାଳରେ ହେଉ ମହାମାରୀ ସମୟରେ ନିଜର କର୍ତ୍ତବ୍ୟକୁ ସୁଚାରୁ ରୂପେ ସମ୍ପାଦନ କରି ଚର୍ଚ୍ଚାରେ ରହିଥିବା କବାଟବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ନିହାର ରଞ୍ଜନ କରଙ୍କୁ ତାଙ୍କର ସେବା ପ୍ରତି ସମର୍ପଣ ମନୋଭାବ ସମର୍ଥନ ଜଣାଇ ତାଙ୍କୁ ଉତ୍ସାହିତ କରିବା ପାଇଁ ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ ତାଙ୍କର ଦୀର୍ଘ ଜୀବନ କାମନା କରାଯାଇଛି । ଡା. କର କବାଟବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତ୍ୟହ ୨୦୦ରୁ ଅଧିକ ରୋଗୀଙ୍କୁ ସେବା ପ୍ରଦାନ କରୁଥିବା ସହ ବିଭିନ୍ନ ଅସହାୟ ଓ ଆର୍ଥିକ ସମ୍ବଳରେ ଦୃବଳ ଥିବା ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସହଯୋଗ କରି ପୁରା ଜିଲାରେ ପ୍ରଶଂଶିତ ହୋଇଛନ୍ତି । ସେ କୋଭିଡ ସମୟରେ ହେଉ କିମ୍ବା ହଇଜା ମହାମାରୀ ସବୁ ସମୟରେ ତାଙ୍କର କର୍ତ୍ତବ୍ୟରେ କେବେ ଅବହେଳା କରିନାହାନ୍ତି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ବିଶ୍ୱ ଡାକ୍ତର ଦିବସରେ ତାଙ୍କର ଏହି ପ୍ରକାର ସେବା ପ୍ରତି ସମର୍ପିତ ମନୋଭାବକୁ ସମ୍ମାନ ଜଣାଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ପୂର୍ବାହ୍ନରେ ଉତ୍ତରୀୟ ସହ ବିଭିନ୍ନ ଉପହାର ପ୍ରଦାନ କରି ସମ୍ବର୍ଦ୍ଧନା ଓ ଡ଼ାକ୍ତର ଦିବସର ଶୁଭେଚ୍ଛା ଅଭିନନ୍ଦନ ଜଣା ଯାଇଛି । ମଞ୍ଚ ପକ୍ଷରୁ ଆବାହକ ସରୋଜକାନ୍ତ ବେହେରା, ସୁବ୍ରତ ସାହୁ, ଯଶୋବନ୍ତ ସାହୁ, ସନ୍ତୋଷ ତରାଇ, ଡାକ୍ତର ଖାନା ପକ୍ଷରୁ ସ୍ମିତାରାଣୀ ଓଝା, କ୍ଷିତୀଶ ବରାଳ ,ମାନସ ମେହେଣା ,ସୁରେଶ ସାହୁ, ମମତା ଓଝା,ପ୍ରଶାନ୍ତ ପଲେଇ, ବନମାଳୀ ପଲେଇ, ଅମ୍ବୁଜ ସାହୁ, ମଧୁସୁଧନ ରଣା ପ୍ରମୁଖ ଉପସ୍ଥିତ ରହି ତାଙ୍କର ଦୀର୍ଘ ଜୀବନ କାମନା କରିବା ସହ ଅଭିନନ୍ଦନ ଜଣାଇଥିଲେ ।

# ଚନ୍ଦ୍ର ଶେଖର ପରିଡା ପୁଣି କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି



**ଫୁଲବାଣୀ,(ଡିକେ ନ୍ୟୁଜ୍):** ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟର ସମସ୍ତ ଜିଲ୍ଲା କଂଗ୍ରେସ କମିଟିର ନୂତନ ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ଚନ୍ଦ୍ର ଶେଖର ପରିଡାଙ୍କୁ କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି ଭାବେ ପୁନଃ ଦାୟିତ୍ୱ ଦିଆଯାଇଛି । ସୂଚନାଯୋଗ୍ୟ, ଶ୍ରୀ ପରିଡା ଗତ ୨୦୨୪ ଫେବୃଆରୀରେ କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । କିଛି ମାସ ତଳେ କଂଗ୍ରେସର ସମସ୍ତ କମିଟି ଭଙ୍ଗ କରି ଦିଆଯିବା ପରେ ସେ ଭାରପ୍ରାପ୍ତ ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ । ନୂତନ ସଭାପତି ପାଇଁ ଗତ କିଛି ଦିନ ଧରି ଜିଲ୍ଲାରେ ଅଙ୍କକଷା ଚାଲିଥିବା ବେଳେ ଚନ୍ଦ୍ର ଶେଖରଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରିଛନ୍ତି ରାଜ୍ୟ ସଭାପତି । ଛାତ୍ର ରାଜନିତିରୁ କଂଗ୍ରେସ ସହିତ ସଂଶ୍ଳିଷ୍ଟ ଶ୍ରୀ ପରିଡା ଜିଲ୍ଲା କଂଗ୍ରେସର ଜଣେ ଦକ୍ଷ ସଂଗଠକ ଭାବେ ଜଣାଶୁଣା । ପୁଣିଥରେ ଜିଲ୍ଲା ସଭାପତି ଦାୟିତ୍ୱ ମିଳିଥିବାରୁ ସେ ରାଷ୍ଟ୍ରୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇବା ସହିତ କନ୍ଧମାଳ ଜିଲ୍ଲାରେ ଦଳର ସଙ୍ଗଠନକୁ ଅଧିକ ମଜବୁତ କରିବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି ।

# ଗ୍ରାମ କମିଟି ଗଠନକୁ ନେଇ ସଂଘବଦ୍ଧ ଆକ୍ରମଣ : ଜଣେ ଗୁରୁତର

**ଛତ୍ରପୁର,(ଡିକେ ନ୍ୟୁଜ୍):** ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଗୋବା ଗ୍ରାମରେ ଗ୍ରାମ କମିଟି ଗଠନକୁ ନେଇ ସଂଘବଧ ଭାବେ ଆକ୍ରମଣ ହୋଇଛି । ଏଥିରେ ଜଣେ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି । ଗୁରୁତର ଆହତ ଜଣକ ହେଲେ ଗୋବା ଗ୍ରାମର ତୋଫାନ ସ୍ୱାଇଁ ଆଉ ଆହତ ମାନେ ହେଲେ ସୁଧୀର ସ୍ୱାଇଁ, ନନ୍ଦ ବାରିକ, ରାହୁଲ ସ୍ୱାଇଁ । ସୂଚନା ମୁତାବକ ଗ୍ରାମରେ ଗ୍ରାମ କମିଟି ଗଠନକୁ ନେଇ ଗୋବା ଗ୍ରାମ ଛକ ନିକଟରେ ଏକ ବାଇକ ଯୋଗେ ୧୦ ଜଣ ଆସି ଠେଙ୍ଗା ଓ ଖଣ୍ଡାରେ ଆକ୍ରମଣ କରିଥିଲେ । ଗୁରୁତର ଆହତମାନଙ୍କୁ ପ୍ରଥମେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଛତ୍ରପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମେଡ଼ିକାଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି ।

# ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ମାରଣାନ୍ତକ ଆକ୍ରମଣ ଘଟଣା: ଆସାମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି




**କୋରାପୁଟ,(ଡିକେ ନ୍ୟୁଜ୍):** ବିଏମସି କାର୍ଯ୍ୟାଳୟରେ ଜନ ଶୁଣାଣି ଚାଲିଥିବା ବେଳେ କର୍ପୋରେଟଙ୍କ ସମେତ କିଛି ଯୁବକ ବିଏମସି କାର୍ଯ୍ୟାଳୟ ଭିତରେ ପଶି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ କଲର ଧରି ଘୋଷାରି ଘୋଷାରି ବାହାରକୁ ଆଣି ଜୀବନରୁ ମାରି ଦେବା ପାଇଁ ଚେଷ୍ଟା କରିଥିଲେ । ଏହି ଘଟଣାକୁ ନେଇ ସବୁ ମହଲରେ ନିନ୍ଦା କରାଯାଉଛି । ଏହି ଘଟଣାକୁ ନେଇ ଓଡିଶା ପ୍ରଶାସନିକ ତରଫରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ସଂଘ ଚେତାବନୀ ଦେଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ପରେ ସଂଘ ଆନ୍ଦୋଳନରୁ ଓହରିଥିଲା । ଆଜି କୋରାପୁଟ ଜିଲ୍ଲା ଓଡିଶା ପ୍ରଶାସନିକ ସେବା ସଂଘ ତରଫରୁ ସ୍ଥାନୀୟ ସଦଭାବନା ସଭା ଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ମାନେ ଯୋଗ ଦେଇଥିଲେ । ଅତିରିକ୍ତ କମିସନର ରତ୍ନାକର ସାହୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ସଂଘ ଘୋର ନିନ୍ଦା କରିବା ସହିତ ଯେଉଁ ମାନେ ଆକ୍ରମଣ କରିଛନ୍ତି ଆଉ ଏହାର ପଛରେ ରହିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କଠୋର ଦଣ୍ଡ ଦେବା ପାଇଁ ସଂଘ ଦାବି କରିଛି ।

# କୁତ୍ରାରେ ଡାକ୍ତର ଦିବସ ପାଳିତ



**କୁତ୍ରା,(ଡିକେ ନ୍ୟୁଜ୍):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଏରବାହାଲ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଆଜି ଡାକ୍ତର ଦିବସ ପାଳିତ ହୋଇଯାଇଛି । ଏଥିନିମନ୍ତେ ଆୟୋଜିତ ସଭାରେ ଏଠାରେ ଅବସ୍ଥାପିତ ମହିଳା ଡାକ୍ତର ଡା.ସୁଶ୍ରୀ ରଶ୍ମିପ୍ରିୟା ଡୁଙ୍ଗଡୁଙ୍ଗ ଅଧ୍ୟକ୍ଷତା କରି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ମାନଙ୍କ ସାମୂହିକ ସେବା ଦାନ ପାଇଁ ସମସ୍ତଙ୍କୁ ପ୍ରସଂଶା କରିଥିଲେ । 'ରୋଗୀସେବା' ହିଁ ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ତେଣୁ ଏଥିରେ ଆଦୌ ଅବହେଳା କରିବା ଉଚିତ୍ ନୁହେଁ ବୋଲି ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ ଫାର୍ମାସୀ ଅଫିସର ସଚିନ୍ଦ୍ର ସାହୁ, ଉଦୁଆ ଓରାମ, ପ୍ରମୋଦ ସ୍ୱାଇଁ ପ୍ରମୁଖ ଡା.ଡୁଙ୍ଗଡୁଙ୍ଗଙ୍କ ନିରନ୍ତର ସ୍ୱାସ୍ଥ୍ୟ ସେବାଦାନ ଯୋଗୁଁ ସେ ଅଞ୍ଚଳବାସୀଙ୍କ ପ୍ରିୟ ଏବଂ ଆସ୍ଥା ଭାଜନ ହୋଇପାରିଥିବା କଥା ନିଜ ବକ୍ତବ୍ୟ ମାଧ୍ୟମ ରେ ପ୍ରକାଶ କରିଥିଲେ । ଡାକ୍ତର ଦିବସ ଉପଲକ୍ଷେ ଡା.ସୁଶ୍ରୀ ଡୁଙ୍ଗଡୁଙ୍ଗଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥଲେ । ଏଥିସହ ଉପହାର ଏବଂ ଉପଢୌକନ ମଧ୍ୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସୂଚନାଯୋଗ୍ୟ ଏହିକି ଓଡିଶା – ଝାରଖଣ୍ଡ ସୀମାନ୍ତ ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଉପାନ୍ତ ଅଞ୍ଚଳରେ ଅବସ୍ଥିତ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବସ୍ଥାପିତ ଡାକ୍ତର ତଥା କର୍ମଚାରୀମାନେ ବିପରୀତ ପରିସ୍ଥିତିର ସମ୍ମୁଖୀନ ହେଉ ଥିଲେ ହେଁ ସ୍ୱାସ୍ଥ୍ୟସେବା ପ୍ରଦାନ କରିଆସୁଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସରୋଜିନୀ ନାଏକ, ନମିତା ତନ୍ତି, ସୁକମଣି ତରୁଆର ପ୍ରମୁଖଙ୍କ ସହ ବହୁ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

# ଘର ଉପରେ ପଡ଼ିଲା ବିରାଟ ଗଛ : ଅଳ୍ପକେ ବର୍ତ୍ତିଲେ ପରିବାର



**କୋରାପୁଟ,(ଡିକେ ନ୍ୟୁଜ୍):** ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଗଛଟି ଘର ଉପରେ ପଡିଥିଲା । ଭୋର ପାହାନ୍ତିଆ ଚାରି ଟା ସମୟର ଘଟଣା । ଘଟଣା ଘଟିଛି କୋରାପୁଟ ଜିଲ୍ଲା ସିମିଳିଗୁଡା ବ୍ଲକ ପୁଜାରୀପୁଟ ଗାଁ ର ବଳରାମ ପୁଜାରୀଙ୍କ ଘରେ । ସରପଞ୍ଚ ପିତାମ୍ବର କିର୍ସାନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ରାଜସ୍ୱ ବିଭାଗ ଅଧିକାରୀଙ୍କୁ ଅବଗତ କରେଇଛନ୍ତି । ପାହାନ୍ତିଆ ଚାରି ଘଟିକା ସମୟରେ ଗଛ ପଡି ଘର ଆଜବେଷ୍ଟ ସବୁ ଭାଙ୍ଗି ନଷ୍ଟ । ଭିତରେ ରଖିଥିବା ଧାନ ମଣ୍ଡିଆ ଚାଉଳ ଘର ସାମଗ୍ରୀ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି । ରାଜୁପୁଟ ସରପଞ୍ଚ ପିତାମ୍ବର କିର୍ସାନୀ ପହଞ୍ଚି ଘର ପରିବାର ବର୍ଗଙ୍କୁ ପଲିଥିନ ଆଣି ଦେଇଛନ୍ତି । ବଳରାମ ପୁଜାରୀ ଅତ୍ୟନ୍ତ ଗରିବ ଶ୍ରେଣୀର ହେଇଥିବାରୁ ସରକାରଙ୍କ ପକ୍ଷରୁ ସାହାଯ୍ୟ ଓ ସହାୟତା ପାଇଁ ସାଧାରଣରେ ଦାବି ହୋଇଛି ।

# ବିଏମସି ଅଧିକାରୀଙ୍କୁ ମାଡ଼ ଘଟଣା: ସାମୁହିକ ଛୁଟିରେ ଗଲେ ଜିଲ୍ଲାର ସମସ୍ତ ଓଏଏସ୍ ଅଧିକାରୀ

**କେନ୍ଦୁଝର,(ଡିକେ ନ୍ୟୁଜ୍):** ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣର କଡ଼ା ପ୍ରତିକ୍ରିୟା ସ୍ୱରୂପ, ଓଡ଼ିଶା ପ୍ରଶାସନିକ ସେବା ଆସୋସିଏସନ, କେନ୍ଦୁଝର ୟୁନିଟର ସମସ୍ତ ଓଏଏସ ଅଧିକାରୀ ସାମୁହିକ ଭାବେ ଅନିର୍ଦ୍ଦିଷ୍ଟକାଳ ପାଇଁ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏନେଇ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓଏଏସ ଅଧିକାରୀଙ୍କ ଦସ୍ତଖତ ସମ୍ବଳିତ ଦରଖାସ୍ତ ମାଧ୍ୟମରେ ଜିଲ୍ଲାପାଳଙ୍କୁ ସୂଚିତ କରାଯାଇଛି । ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ଓଏଏସ ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଦସ୍ୟମାନଙ୍କ ମଧ୍ୟରେ ସର୍ବସମ୍ମତ କ୍ଷୋଭ ପ୍ରକାଶ ପାଇଥିଲା । ଏହି ଆକ୍ରମଣକୁ କେବଳ ଏକ ଅପରାଧିକ କାର୍ଯ୍ୟ ନୁହେଁ ବରଂ ସାର୍ବଜନୀନ ସେବାର ମର୍ଯ୍ୟାଦା ଉପରେ ଏକ ସ୍ୱଷ୍ଟ ଆକ୍ରମଣ ବୋଲି କହିଥିଲେ । ସଂଘ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଧନ୍ୟବାଦ ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ସମସ୍ତ ଅପରାଧୀଙ୍କ ବିରୁଦ୍ଧରେ କଠୋର ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଏକ ପ୍ରସ୍ତାବ ଗୃହୀତ କରାଯାଇଛି । ଆକ୍ରମଣକୁ ବିରୋଧ କରି ଏହି ଆନ୍ଦୋଳନକୁ ଜିଲ୍ଲା ଓଡ଼ିଶା ରାଜସ୍ୱ ସଂଘ ଏବଂ ରାଜସ୍ୱ ଅମଲା ସଂଘ ମଧ୍ୟ ସମର୍ଥନ ଜଣାଇଛନ୍ତି ।

# କନ୍ଧମାଳ ଓଏଏସ୍ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ଫୁଲବାଣୀ,(ଡିକେ ନ୍ୟୁଜ୍):** ବିଏମସି କାର୍ଯ୍ୟାଳୟ ଭିତରେ ପଶି ସହକାରୀ କମିଶନର ରତ୍ନାକର ସାହୁଙ୍କୁ ଚେୟାରରୁ ଘୋଷାଡି ଆଣି ସର୍ବସମ୍ମୁଖରେ ମାଡ଼ ମାରିବା ଘଟଣାକୁ କନ୍ଧମାଳ ଓଏଏସ ସଙ୍ଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏଥିସହ ସହ କାର୍ଯ୍ୟରତ ଅଫିସର ସୁରକ୍ଷା ଦାବି କରି ମଙ୍ଗଳବାର ଠାରୁ କଳା ବ୍ୟଚ ପିନ୍ଧିବା ନିବା ସହ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏ ନେଇ ଏକ ସ୍ମାରକ ପତ୍ର ସଂଘ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଜିଲ୍ଲାପାଳ ଆମ୍ରିତ ମ୍ରିତ ଋତୁରାଜଙ୍କୁ ଭେଟି ପ୍ରଦାନ କରିଥିଲେ । ଏ ନେଇ ମଙ୍ଗଳବାର ସଂଘ ସଭାପତି ରମେଶ ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଅନୁଷ୍ଠିତ ସଭାରେ ଜିଲ୍ଲାର ସମସ୍ତ ଓଏଏସ ଅଫିସର୍ ଯୋଗ ଦେଇ ଏହି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରିବା ସହ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ କୁଶ ଚନ୍ଦ୍ର ନାୟକ, ସଂଘ ଉପ ସଭାପତି ତଥା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଜିଲ୍ଲା ପରିଷଦ ଶମ୍ଭୁ ନାଥ ନନ୍ଦୀ, ସମ୍ପାଦକ ତଥା ଉପଜିଲ୍ଲାପାଳ ପାଳ ଭିକାରୀ ସାହୁ, ଫୁଲବାଣୀବିଡ଼ିଓ ସୌମ୍ୟ ରଂଜନ ପାତ୍ର, ଚକାପାଦ ପାଦ ବିଡ଼ିଓ, କୋଟଗଡ ବିଡ଼ିଓ ଶୁଭ କାନ୍ତ ନାୟକ, ଫିରିଙ୍ଗିଆ ବିଡ଼ିଓ ଅନୁପ ଅଭିଷେକ ବେହେରାଙ୍କ ସମେତ ତହସିଲଦାର ଓ ସମସ୍ତ ବିଡ଼ିଓ ଉପସ୍ଥିତ ଥିଲେ ।

# ସତ୍ୟନାରାୟଣପୁର ୧୦ ନଂ ୱାର୍ଡ ପଛପଟେ ରହିଥିବା ନାଳର ପରିମଳ ବିପର୍ଯ୍ୟସ୍ତ



**ରଙ୍ଗେଇଲୁଣ୍ଡା,(ଡିକେ ନ୍ୟୁଜ୍):** ରଙ୍ଗେଇଲୁଣ୍ଡା ବ୍ଲକ ନାରାୟଣ ପୁର ପଞ୍ଚାୟତ ସତ୍ୟନାରାୟଣ ପୁର ୧୦ ନଂ ୱାର୍ଡ ପଛପଟେ ରହିଥିବା ନାଳ ନିୟମିତ ସଫେଇ ହେଉନଥିବା ନେଇ ୱାର୍ଡ ବାସିନ୍ଦାଙ୍କ ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକ ଉନୟନ ଅଧିକାରୀ ଫେରାଦ ହୋଇଛନ୍ତି । ଅଭିଯୋଗ ଅନୁଯାୟୀ ଗତ ଦୁଇମାସ ହେବ ୱାର୍ଡ ସଫେଇ ନିୟମିତ ହେଉନଥିବା ଅଳିଆ ଆବର୍ଜନା ପଡିରହିଥିବା ଦେଖିବାକୁ ମିଳିଛି । ଫଳରେ ରାସ୍ତା ସମେତ ନାଳ ଗୁଡ଼ିକ ଠିକ୍ ଭାବେ ସଫେଇ ହେଉନାହିଁ, । ପାଣି ଜମି ରାସ୍ତାରେ ଭାସୁଛି, ବର୍ତ୍ତମାନ ବର୍ଷା ଋତୁ ଆରମ୍ଭହୋଇ ଯାଇଥିବାବେଳେ ବର୍ଷା ପାଣି ନିଷ୍କାସନରେ ଅସୁବିଧା ହେଉଥିବାରୁ ସାହିରେ ମଶା ଓ ମାଛିଙ୍କ ଉପଦ୍ରବ ବଢ଼ିଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ହଇଜା ବ୍ୟାପୁଥିବାବେଳେ ନାଳ ସଫେଇ ନହେବା ସହ ଦୂଷିତ ଜଳ ଜମି ରହିବା ଯୋଗୁଁ ଗାଁ ଗହଳିରେ ମଧ୍ୟ ହଇଜା ସହ ବିଭିନ୍ନ ଜ୍ୱର ବ୍ୟାପିବା ଆଶଙ୍କା ବଢି ଯାଇଛି । ଏହା ସହ ବିଭିନ୍ନ ଘରକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ପାଇପ ସଂଯୋଗ ଗୁଡ଼ିକ ମଧ୍ୟ ନାଳ ଉପରେ ଯାଇଥିବାରୁ ଘରକୁ ଯୋଗାଣ ହେଉଥିବା ପିଇବା ପାଣି ଦୂଷିତ ହେବା ଆଶଙ୍କା ବଢି ଯାଇଥିବା ଅଭିଯୋଗ ହୋଇଛି । ଏଥି ମଧ୍ୟରେ ପାନୀୟ ଜଳ ଆସୁନଥିବା ମଟର ଖରାପ ହୋଇଯିବର ସମ୍ମୁଖୀନ ହୋଇଆସୁଛନ୍ତି । ଏ ସମ୍ପର୍କରେ ସାହି ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିବା ସତ୍ତ୍ୱେ କୌଣସି ସୁଫଳ ମିଳିପାରିନାହିଁ । ଜିଲ୍ଲା ପ୍ରଶାସନ ସମେତ ରଙ୍ଗେଇଲୁଣ୍ଡା ବ୍ଲକ ଉନୟନ ଅଧିକାରୀ ଏବଂ ନାରାୟଣପୁର ପଞ୍ଚାୟତର ସରପଞ୍ଚ ଏଥିପ୍ରତି ଦୃଷ୍ଟି ଦେଇ ସଫେଇ କାମ ତୁରନ୍ତ କରିବାକୁ ନିବେଦନ କରାଯାଇଛି ।

## ସେବକ ମାନେ ଅନଧିକୃତ ନୁହଁନ୍ତି : ଆଇନ ମନ୍ତ୍ରୀ

**ପୁରୀ,(ଡିକେ ନ୍ୟୁଜ୍):** ରଥଯାତ୍ରା ଦିନ ରଥ ଉପରେ ଅନଧିକୃତ ସେବକ ଚଢ଼ିନଥିଲେ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେବାୟତଙ୍କ ସହ ବୈଠକ ପରେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା ସ୍ପଷ୍ଟ କରିଛନ୍ତି। ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ସେବାୟତମାନେ ଯୋଗ ଦେଇଥିଲେ। ସେବାୟତଙ୍କ ସହ ବୈଠକ ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସେବକମାନଙ୍କ ଅସନ୍ତୋଷର ସମାଧାନ ହୋଇଛି ବୋଲି କହିଥିଲେ। ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ଶୃଙ୍ଖଳିତ କରିବାକୁ ସେବକମାନେ ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ବୈଠକରେ ସେବକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରତି ୩ ମାସରେ ଛତିଶା ନିଯୋଗରେ ସେବକଙ୍କ ସମସ୍ୟା ଆଲୋଚନା ହେବ। ରଥଯାତ୍ରା ଦିନ ରଥ ଉପରେ ଅନଧିକୃତ ଚଢ଼ିନଥିଲେ ବୋଲି ଓ ସେବକ ମାନେ ଅନଧିକୃତ ନୁହଁନ୍ତି ବୋଲି ସେ ସ୍ପଷ୍ଟ କରିଥିଲେ। ଆଇନ ମନ୍ତ୍ରୀ ସରକାରଙ୍କ ପକ୍ଷରୁ ସେବକଙ୍କୁ କ୍ଷମା ମାଗିଥିବା ବେଳେ ଅନଧିକୃତ ଶବ୍ଦ ବ୍ୟବହାର ନେଇ ଆଇନ ମନ୍ତ୍ରୀ ଦୁଃଖ ପ୍ରକାଶ କରିଥିବା ଜଣାଯାଇଛି।

## ପ୍ରେମିକାକୁ ଛୁରି ଭୂଷି ହତ୍ୟା କଲା ପ୍ରେମିକ




**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୁଆଁ ବସଷ୍ଟାଣ୍ଡ ନିକଟରେ ଥିବା ପୁଷ୍ପାଞ୍ଜଳି ଗେଷ୍ଟ ହାଉସରେ ଜଣେ ଯୁବତୀଙ୍କୁ ହତ୍ୟା କରାଯାଇଛି। ଖବର ପାଇ ଘଟଣା ସ୍ଥଳରେ ବ୍ରହ୍ମପୁର ଏସପି ପହଞ୍ଚି ଘଟଣା ତଦନ୍ତ କରୁଥିବା ଜଣାପଡିଛି। ଅନ୍ୟପକ୍ଷରେ ପୁଲିସ କବଜାରେ ଅଭିଯୁକ୍ତ ରହିଥିବା ଜଣାପଡିଛି । ସୂଚନା ଅନୁଯାଇ ଆଜି ଦିନ ୧୧ ଟା ସମୟରେ ଯୁବତୀ ଜଣକ ନିଜ ପ୍ରେମିକା ସହ ନୁଆଁ ବସଷ୍ଟାଣ୍ଡ ଆଗରେ ଥିବା ପୁଷ୍ପାଞ୍ଜଳୀ ରେଷ୍ଟ ହାଉସକୁ ଆସି ୧୧୨ ନମ୍ବର ରୁମରେ ରହିଥିଲେ। ପରେ ଯୁବକ ଜଣଙ୍କ ସେଠାରୁ ଏକା ଚାଲିଯାଇଥିଲା। ପରେ ସନ୍ଧ୍ୟା ସମୟରେ ପୋଲିସ ଆସିଲା ପରେ ଜଣାପଡିଲା ଯେ ଯୁବକ ଜଣକ ତାର ପ୍ରେମିକାକୁ ଛୁରୀ ଭୁସି ହତ୍ୟା କରିଛି। ମୃତ ଯୁବତୀ ଜଣକ ଘର ଲାଞ୍ଜିପଲ୍ଲି ଅଞ୍ଚଳର ବୋଲି ଜଣାପଡିଛି। ପିୟା କୁମାରୀ ମହାରଣା। ଯୁବକ ଜଣକ ଅଭୟ ମହାରଣା।

## ଗଞ୍ଜେଇ ଚୋରା ଚାଲାଣ ବେଳେ ୬ ଗିରଫ



**ଫୁଲବାଣୀ,(ଡିକେ ନ୍ୟୁଜ୍):** ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରା ଯାଇ ୪୪ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଗଞ୍ଜେଇ ଚାଲାଣରେ ବ୍ୟବହାର ହୋଇଥିବା କାର, ସ୍କୁଟି ଏବଂ ବାଇକ ଜବତ ହୋଇଛି। ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ଗାଡି ଉଦୟଗିରି ଥାନା କଳିଙ୍ଗା ଘାଟିରେ ପହଞ୍ଚିଲା ବେଳେ ଅବକାରୀ ଅଧିକାରୀ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୧୭ କେଜି ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରା ଯାଇଛି। ସେମାନେ ହେଲେ ଗୋଛାପଡା ଥାନା କଟ୍ରିଙ୍ଗିଆ ପଞ୍ଚାୟତ କାଣାପାଟି ଗ୍ରାମର ଦୁଃଶାସନ ଦିଗାଳ ଓ ରାଜେନ୍ଦ୍ର ଦିଗାଳ, ବେଲପଦର ଅଞ୍ଚଳର ସୁଧୀର ବେହେରା। ସେହିପରି କଳିଙ୍ଗା ଛକରେ ଏକ ସ୍କୁଟିରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବ୍ରହ୍ମପୁର ରମ୍ଭା ଅଞ୍ଚଳର ମୁକେଶ ବେହେରାଙ୍କୁ ଗିରଫ କରାଯାଇଛି। ଅନ୍ୟ ଏକ ଘଟଣାରେ ସାରଙ୍ଗଗଡ଼ ଥାନା ବଣ୍ଡଗୁଡା ଛକରେ ଏକ ବାଇକରୁ ୧୭ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବଣ୍ଡଗୁଡା ଅଞ୍ଚଳର ସୁଦୟ ଦିଗାଳ ଓ ରଞ୍ଜନ ଦିଗାଳଙ୍କୁ ଗିରଫ କରା ଯାଇଛି। ଅବକାରୀ ଅଧିକ୍ଷକ ସୁଶାନ୍ତ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା, ଏସଆଇ ଭବାନୀ ଶଙ୍କର ସେଠି ଓ ସୁମିତ୍ରା ଦଳେଇ ଏହି ଚଢ଼ାଉ କରିଥିଲେ। ଏନେଇ ୭୭/୨୫, ୭୮/୨୫ ଓ ୬୨/୨୫ରେ ପୃଥକ ଭାବେ ମାମଲା ରୁଜୁ ହୋଇଛି।

## ରଥାରୂଢ଼ ଦିଅଁଙ୍କ ଆଗରେ ଅଶ୍ଳୀଳ ନୃତ୍ୟ ପରିବେଷଣ

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଜଗନ୍ନାଥ ଧାମ ପୁରୀ ଠାରୁ ଆରମ୍ଭ କରି ସାରା ଓଡିଶା ଏବଂ ଓଡିଶା ବାହାରେ ମଧ୍ୟ ଜଗନ୍ନାଥମ ପରିବେଶ ସୃଷ୍ଟି ହୋଇଥିଲା। ତେବେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଟାଙ୍ଗଣା ପଲ୍ଲୀ ଠାରେ ରଥାରୂଢ଼ ଦିଅଁଙ୍କ ଆଗରେ ଚାଲିଛି ସୁନ୍ଦରୀ ତରୁଣୀଙ୍କ ଉଦଣ୍ଡ ନୃତ୍ୟ। ରଥ ଉପରେ ବିଜେ କରିଛନ୍ତି ଜଗନ୍ନାଥ। ଆଉ ରଥ ଆଗରେ ଚାଲିଛି ମହାଭାରତ ନାଟକ। ତେବେ ମହାଭାରତ ନାଟକରେ ଆଇଟମ୍ ଗାର୍ଲ ମାନଙ୍କୁ ଅଣାଯାଇଅଛି। ଆଉ ଖୋଦ୍ ରଥଯାତ୍ରା ପରି ପବିତ୍ର ଦିନରେ ଆଇଟମ୍ ଡ୍ୟାନ୍ସରେ ଥେଇ ଥେଇ ହେଉଛନ୍ତି ଯୁବତୀ ମାନେ। ଆଉ ଏହାକୁ ବେଶ୍ ମନଭରି ଉପଭୋଗ କରୁଛନ୍ତି ପିଲାଠାରୁ ଆରମ୍ଭ କରି ବୁଢା ପର୍ଯ୍ୟନ୍ତ। କେହି ବି ଏଭଳି ନୃତ୍ୟକୁ ପ୍ରତିବାଦ କରୁ ନାହାଁନ୍ତି। ଏପରିକି କିଛି ମଦୁଆ ଜଗନ୍ନାଥଙ୍କ ରଥ ଆଗରେ ଆଇଟମ୍ ଡ୍ୟାନ୍ସର ତାଳେ ତାଳେ ନାଚୁଛନ୍ତି। ଗଞ୍ଜାମ ଜିଲ୍ଲାରେ ବାରମ୍ବାର ସଂସ୍କୃତି ନାମରେ ଅପ ସଂସ୍କୃତି ଚାଲୁଥିବା ବେଳେ ଖୋଦ୍ ରଥଯାତ୍ରାରେ ଏଭଳି ଦୃଶ୍ୟ ଜଗନ୍ନାଥ ପ୍ରେମୀ ତଥା ବୁଦ୍ଧିଜୀବୀଙ୍କୁ ମର୍ମାହତ କରିଛି।

## ଗ୍ୟାସ୍ ଟ୍ୟାଙ୍କର-କାର ମୁହାଁମୁହିଁ ଧକ୍କା : ଜଣେ ମୃତ



**ପାରାଦ୍ୱୀପ,(ଡିକେ ନ୍ୟୁଜ୍):** ଗ୍ୟାସ ଟ୍ୟାଙ୍କର ସହିତ କାର ମୁହାଁମୁହିଁ ଧକ୍କା। ଜଣେ ମୃତ। ଘଟଣା ଘଟିଛି କଟକ- ପାରାଦୀପ ରାସ୍ତାର ଭୁତମୁଣ୍ଡାଇ ନିକଟରେ। ଦ୍ରୁତ ଗତିରେ ଆସୁଥିବା ଟ୍ୟାଙ୍କର ସହିତ ଏକ ୱାଗନର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏପରି ଥିଲା ଯାହାର ଶବ୍ଦରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବର ପ୍ରସାରିତ ହେବାପରେ ସ୍ଥାନୀୟ ଲୋକେ ପହଞ୍ଚିବା ସହିତ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିବା ସହିତ କାରଚାଳକଙ୍କୁ ଉଦ୍ଧାର କରି କୁଜଙ୍ଗ ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ସ୍ଥାନୀୟ ଜଗତି ଗ୍ରାମର ପ୍ରଜ୍ଞା ପ୍ରକାଶ ପତି। ବାରମ୍ବାର ଦ୍ରୁତ ଗତିରେ, ବେପରୁଆ ଭାବରେ ଗାଡି ଚାଳନା ଦ୍ୱାରା କଟକ ପାରାଦୀପ ରାସ୍ତାରେ ଦୈନନ୍ଦିନ ଅନେକ ଦୁର୍ଘଟଣା ଘଟି ଅନେକ ଧନଜୀବନ ଅକାଳରେ ଚାଲିଯାଉଛି। ହେଲେ ଏଥିପ୍ରତି ପ୍ରଶାସନର ନିଘା ନାହିଁ।

# ଦୁଇ ଶହ ଟଙ୍କାରେ ବିକ୍ରୀ ହେଉଛି ଦଶମ ଶ୍ରେଣୀ ପାସ୍ ସାର୍ଟିଫିକେଟ୍

**ସୁନ୍ଦରଗଡ଼,(ଡିକେ ନ୍ୟୁଜ୍):** ଦୁଇ ଶହ ଟଙ୍କାରେ ବିକ୍ରୀ ହେଉଛି ଦଶମ ଶ୍ରେଣୀ ପାସ୍ ସାର୍ଟିଫିକେଟ। ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା ବ୍ଲକରେ ଥିବା ଏକ ସ୍କୁଲରେ ଦୁଇ ଶହ ଟଙ୍କା ଦେଲେ ଦଶମ ଶ୍ରେଣୀ ପାସ୍ ସାର୍ଟିଫିକେଟ ମିଳୁଛି ଆଜ୍ଞା। କଥାଟି ଆପଣଙ୍କୁ ଅଡୁଆ ଲାଗୁଥିଲେ ମଧ୍ୟ ଏହା ନିରାଟ ସତ। ଏହି ସାର୍ଟିଫିକେଟ ବିକ୍ରୀ କରୁଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ସାହୁ। ହଁ ଆଜ୍ଞା ଏହା ହେଉଛି ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର କୁତ୍ରା ବ୍ଲକ ଅଧିନସ୍ଥ ତୁନମୁରା ଶର୍ଗୁ କିଶାନ ହାଇସ୍କୁଲର ଘଟଣା। ୧୯୮୨ରେ ପ୍ରତିଷ୍ଠିତ ହୋଇଥିବା ଏହି ବିଦ୍ୟାଳୟରେ ବହୁତ ସୁନ୍ଦର ପରିବେଶ ରହିଥିବା ବେଳେ ଏଠାରେ ବହୁତ ବଢ଼ିଆ ମଧ୍ୟ ପାଠପଢ଼ା ଚାଲିଥିବାର ନଜିର ରହିଛି। କୁତ୍ରା ଉଚ୍ଚ ବିଦ୍ୟାଳୟ ସହିତ ଏହି ବିଦ୍ୟାଳୟ ସଦାବେଳେ ଟକ୍କର ଦେଇ ଆସୁଛି। ତେଣୁ ଏହି ବିଦ୍ୟାଳୟ ପ୍ରତି ଆକୃଷ୍ଟ ହୋଇ ଆଖପାଖ ଅଞ୍ଚଳ ତଥା ନିକଟବର୍ତ୍ତୀ ସମ୍ବଲପୁର ଜିଲ୍ଲାର ଛାତ୍ର ଛାତ୍ରୀ ମଧ୍ୟ ଏଠାକୁ ପଢିବାକୁ ଆସୁଛନ୍ତି। ହେଲେ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ସାହୁ ଚଳିତ ବର୍ଷ ଦଶମ ଶ୍ରେଣୀ ପାଶ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଦୁଇଶହ ଟଙ୍କା ଦିଅ ସାର୍ଟିଫିକେଟ ନିଅ ବୋଲି ରୋକ୍ ଠୋକ୍ କହିଥିଲେ। ଯିଏ ଟଙ୍କା ନ ଦେବ ତାଙ୍କୁ ସାର୍ଟିଫିକେଟ ଦିଆଯିବ ନାହିଁ। ଏହି କଥା ଶୁଣି ପାସ୍ କରିଥିବା ଛାତ୍ର ଛାତ୍ରୀ ତଥା ଅଭିଭାବକ ମାନେ କାନମୁଣ୍ଡ ଆଉଁସି ଦୁଇଶହ ଟଙ୍କା ଦେଇ ସାର୍ଟିଫିକେଟ ନେଉଥିବା ଦେଖି ବାକୁ ମିଳିଛି। ଏହି ଖବର ସତ୍ୟାସତ୍ୟ ଜାଣିବା ପାଇଁ ଆମ ପ୍ରତିନିଧି ଦଶରଥ ପୋଢ଼ ଶର୍ଗୁ କିଶାନ ହାଇସ୍କୁଲ ଗେଟ ପାଖରେ ଜଗି ରହିଥିଲେ। ପରେ ପାସ କରିଥିବା ଛାତ୍ର ଛାତ୍ରୀମାନେ ସାର୍ଟିଫିକେଟ ଆଣିବାକୁ ବିଦ୍ୟାଳୟକୁ ଯାଇଥିଲେ ଏବଂ ସାର୍ଟିଫିକେଟ ନେଇ ଫେରିବା ବେଳେ ସମ୍ପୃକ୍ତ ଛାତ୍ର ଛାତ୍ରୀଙ୍କୁ ସାର୍ଟିଫିକେଟ ବାବଦକୁ କେତେ ଟଙ୍କା ଦେଇଛ ବୋଲି ପଚାରି ଥିଲେ। ଛାତ୍ରଛାତ୍ରୀ ତଥା ଅଭିଭାବକ ମାନେ ଦୁଇ ଶହ ଟଙ୍କା




ଦେଇଛୁ ବୋଲି କହିଥିଲେ। ଆମ ପ୍ରତିନିଧି ତାଙ୍କୁ କାହିଁକି ଟଙ୍କା ଦେଲ ଏବଂ କେଉଁ କାରଣ ପାଇଁ ଦେଲ ତା'ର ରସିଦ ମାଗିଲେ କି ବୋଲି ପଚାରି ବାରୁ ସେମାନେ କହିଲେ ରସିଦ୍ ଫସିଦ୍ ନାହିଁ ଟଙ୍କା ଦିଅ ସାର୍ଟିଫିକେଟ ନିଅ ବୋଲି ପ୍ରଧାନ ଶିକ୍ଷକ କହିଲେ ବୋଲି ଡରି ଡରି ଆମ ପ୍ରତିନିଧିଙ୍କୁ କହିଲେ। ଠିକ୍ ଅଧ ଘଣ୍ଟା ପରେ ଆମ ପ୍ରତିନିଧି ସ୍କୁଲ ବାହାରେ ପଇସା ବାବଦକୁ ପଚରାଉଚରା କରୁଥିବା ପ୍ରଧାନ ଶିକ୍ଷକ ଜାଣିପାରି ସାଙ୍ଗେ ସାଙ୍ଗେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଡାକି ଏକ ବୈଠକ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନାଲି ଆଖି ଦେଖାଇ ସ୍କୁଲ ଭିତର କଥା ବାହାରେ କେମିତି ପ୍ରଘଟ ହେଲା, ମୁଁ ଛାତ୍ର ଛାତ୍ରୀ ମାନଙ୍କଠୁ ଯେଉଁ ଟଙ୍କା ଆଦାୟ କରୁଛି ତାହା ସର୍ବ ଶିକ୍ଷା ଅଭିଯାନ ପାଇଁ କରୁଛି। ଆଦାୟ କରିଥିବା ଟଙ୍କା ସବୁ ମୋ ପାଖରେ ଅଛି ବୋଲି କହିଥିବା ଅସମର୍ଥିତ ସୂତ୍ରରୁ ଜାଣିବାକୁ ମିଳିଛି। ଏଠାରେ ପ୍ରଶ୍ନ ଉଠେ ଯେ, ପିଲାମାନଙ୍କ ସାର୍ବଜନୀନ ଶିକ୍ଷା ପାଇଁ ସରକାର ଅଜସ୍ର ଟଙ୍କା ଖର୍ଚ୍ଚ କରୁଛନ୍ତି। ପିଲାଙ୍କ ଖାଇବା, ପିନ୍ଧିବା, ପଢ଼ିବା ସହିତ ଖେଳକୁଦ କରିବାପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏମିତି କି ଅଧାରୁ ପାଠ ଛାଡ଼ିଥିବା ଛାତ୍ର ଛାତ୍ରୀଙ୍କୁ ପୁଣି ବିଦ୍ୟାଳୟକୁ ଫେରେଇ ଆଣି ପାଠ ପଢେଇବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଉଥିବା ବେଳେ ସର୍ବଶିକ୍ଷା ବାବଦକୁ ମାଆ ବାପାଙ୍କ ଆଶା ପୂରଣ କରି ବଡ଼ ଅଫିସର ବନିବାକୁ ଚେଷ୍ଟା କରୁଥିବା ଛାତ୍ରଛାତ୍ରୀଙ୍କ ହସଖୁସିରେ ସାର୍ଟିଫିକେଟ ଦେଇ ପ୍ରଧାନ ଶିକ୍ଷକ ଆଗକୁ ବଢିବା ପାଇଁ ଆଶୀର୍ବାଦ ଦେବା ସ୍ଥାନରେ ଦୁଇଶହ ଟଙ୍କା ନେଇ ଛାତ୍ର ଛାତ୍ରୀ ମାନଙ୍କ ମନୋବଳ ବଢ଼ାଇବା ଜାଗାରେ ଦୁର୍ନୀତିକୁ ପ୍ରଶୟ ଦେବାକୁ ଛାତ୍ର ଛାତ୍ରୀମାନଙ୍କୁ ପରୋକ୍ଷରେ ଶିକ୍ଷା ଦେଉଥିବା ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଉଛି। ଏ ସଂପର୍କରେ ଆମ ପ୍ରତିନିଧି କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପାଖକୁ ଯାଇ ପଚାରିବାରୁ ସେ କହିଲେ କୌଣସି ଛାତ୍ର ଛାତ୍ରୀଙ୍କ ଠାରୁ ଟଙ୍କା ନେବାର କୌଣସି ନିୟମ ନାହିଁ। ସର୍ବ ଶିକ୍ଷା ଅଭିଯାନ ଆଲୋମିନା ବିଷୟରେ କହି ଆମ ପ୍ରତିନିଧିଙ୍କୁ ଗୋଲଗୋଲ ବୁଝାଇବାକୁ ଚେଷ୍ଟା କରୁଥିବା ଜଣା ଯାଇଥିଲା। ସେ ଯାହା ହେଉ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଏହାର ତଦନ୍ତ କରିବା ପାଇଁ ସମସ୍ତ ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାକୁ ଭଦ୍ରକ ଓଏଏସ୍ ସଂଘ ତରଫରୁ ତୀବ୍ର ନିନ୍ଦା



**ଭଦ୍ରକ,(ଡିକେ ନ୍ୟୁଜ୍):** ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟଠାରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ଭଦ୍ରକ ଓଏଏସ୍ ସଂଘ ତୀବ୍ର ନିନ୍ଦା କରିଛି। ଜଣେ କର୍ତ୍ତବ୍ୟରତ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟରେ ଆକ୍ରମଣ କରି ମାଡ଼ ମାରିବା ଘଟଣାକୁ ଜିଲ୍ଲା ଓଏଏସ୍ ସଂଘ ନିନ୍ଦା କରିବା ସହିତ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନିମନ୍ତେ ଜିଲ୍ଲା ସଂଘ ତରଫରୁ ଏକ ଦାବିପତ୍ର ଜିଲ୍ଲାପାଳ ଭଦ୍ରକଙ୍କ ମାଧ୍ୟମରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଗୋଚରାର୍ଥେ ପ୍ରଦାନ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରି ଜିଲ୍ଲାର ସମସ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ମାସ୍ ଲିଭରେ ରହିଥିବା ସୂଚନା ମିଳିଛି। ଏଥିରେ ଜିଲ୍ଲାର ଓ.ଆର.ଏସ୍. ସଂଘ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଆଜି ରାଜ୍ୟ ଓଏଏସ୍ ସଂଘର ଉପ ସଭାପତି ଶାନ୍ତନୁ ମହାନ୍ତି, ଜିଲ୍ଲା ଓଏଏସ୍ ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ନେତୃତ୍ୱରେ ସମସ୍ତ ଓଏଏସ୍ ଓ ଓ.ଆର୍,ଏସ୍ ଅଧିକାରୀଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସଂଘର ସଭ୍ୟ, ସଭ୍ୟାଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏହାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲ୍ଲା ଓଏଏସ୍ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ବରଗଡ଼ ଜିଲ୍ଲା ଓଏଏସ୍ ସଂଘ ସାମୂହିକ ଛୁଟି



**ବରଗଡ଼,(ଡିକେ ନ୍ୟୁଜ୍):** ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମ୍‌ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ସହିତ ଜଡିତ ଦୁଃଖଦ ଘଟଣାର ପରିପ୍ରେକ୍ଷୀରେ, ବରଗଡ଼ ଜିଲ୍ଲାର ୪୨ ଜଣ ଓଏଏସ୍ ଏବଂ ୨୨ ଜଣ ଓଆର୍‌ଏସ୍ ସମେତ ୬୫ ଜଣ ଅଧିକାରୀ, ଜିଲ୍ଲା କଲେକ୍ଟରଙ୍କୁ ଏକ ଆନୁଷ୍ଠାନିକ ଅନୁରୋଧ ଦାଖଲ କରିଛନ୍ତି ଯାହା ତୁରନ୍ତ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଓଏଏସ୍ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରମାନେ ଯୋଗ ଦେଇଥିଲେ। ଯାହା ଆମ ପଦାଧିକାରୀଙ୍କ ସାମୂହିକ ଚିନ୍ତାକୁ ପ୍ରକାଶ କରିଥିଲା। ଓଡ଼ିଶା ପ୍ରଶାସନିକ ସେବା ସଂଘ ପ୍ରାରମ୍ଭରେ ଆମର ସମ୍ମାନନୀୟ ସହକର୍ମୀଙ୍କ ଉପରେ ଆକ୍ରମଣ ବିରୁଦ୍ଧରେ ପ୍ରତିବାଦ ସ୍ୱରୂପ ଏକ ସାମୂହିକ ଛୁଟିକୁ ବିଚାର କରିଥିଲା। ତଥାପି, ଉପଯୁକ୍ତ ପଦକ୍ଷେପ କାର୍ଯ୍ୟକାରୀ କରିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ, ଓଏଏସ୍ ସଂଘ ଏହି କାର୍ଯ୍ୟକୁ ସ୍ଥଗିତ ରଖିଥିଲେ। ଯଦିଓ ଓଏଏସ୍ ଅଧିକାରୀମାନେ ସାମୂହିକ ଛୁଟି ନେବାର ଅଧିକାର ମଧ୍ୟରେ ଅଛନ୍ତି, ସେବା ନିୟମାବଳୀ ଏବଂ ସାଧାରଣ ପ୍ରଶାସନ ଉପରେ ଏପରି କାର୍ଯ୍ୟର ସମ୍ଭାବ୍ୟ ପ୍ରଭାବକୁ ସ୍ୱୀକାର କରିବା ଅତ୍ୟନ୍ତ ଜରୁରୀ। ଓଡ଼ିଶାର ପରିସ୍ଥିତି ମତଭେଦ ପ୍ରକାଶ କରିବାର ଅଧିକାର ଏବଂ ସାର୍ବଜନୀନ ସେବା ଦାୟିତ୍ୱ ମଧ୍ୟରେ ଥିବା ସୂକ୍ଷ୍ମ ସନ୍ତୁଳନକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ମରଣ କରାଉଛି।

## ରାସାୟନିକ ଓ ଶିଳ୍ପାଞ୍ଚଳ ବିପର୍ଯ୍ୟୟ ପ୍ରଶମନ ଉଚ୍ଚସ୍ତରୀୟ କର୍ମଶାଳା ଆୟୋଜିତ



**ପାରାଦୀପ,(ଡିକେ ନ୍ୟୁଜ୍):** ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଗତସିଂହପୁର ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ପାରାଦୀପସ୍ଥିତ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ରାସାୟନିକ ଓ ଶିଳ୍ପାଞ୍ଚଳ ବିପର୍ଯ୍ୟୟ ପ୍ରଶମନ ଉଚ୍ଚସ୍ତରୀୟ କର୍ମଶାଳା ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲାର ପାରାଦୀପଠାରେ ଛୋଟବଡ ବହୁ ଶିଳ୍ପସଂସ୍ଥା ଗୁଡିକ ଗଢି ଉଠିଛି । ଏଣୁ ରାସାୟନିକ ଓ ଶିଳ୍ପାଞ୍ଚଳ ବିପର୍ଯ୍ୟୟ ହେବାର ସମ୍ଭାବନା ରହିଛି । ଏହାକୁ କିଭଳି ଭାବେ ତୁରନ୍ତ ପ୍ରଶମନ କରାଯିବ ସେ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲାପାଳ ଜେ. ସୋନାଲ,ଓସଡମାର କାର୍ଯ୍ୟନିର୍ବାହୀ ଅଧିକାରୀ ଡ.କମଳ ଲୋଚନ ମିଶ୍ର, ଓସଡମାର ପ୍ରବନ୍ଧକ ମଳୟ କୁମାର ପ୍ରଧାନ, ସୁନୀଲ କୁମାର ସାହୁ, ଇଫକୋର ୟୁନିଟ୍ ହେଡ୍ ପି.କେ.ମହାପାତ୍ର, ଏଫଆଣ୍ଡବିର ଉପ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ଏଫଆଣ୍ଡବିର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା, ଏସପିସିବିର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ଆପଦକାଳୀନ ପରିସ୍ଥିତିରେ କିପରି ଏହାକୁ ନିୟନ୍ତ୍ରଣ କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ରାଜ୍ୟ ସରକାରଙ୍କ ଓଡରାଫ, ଅଗ୍ନିଶମ ବାହିନୀ, ଭାରତୀୟ ତଟରକ୍ଷୀ ବାହିନୀ, ଆଇଓସିଏଲ୍, ଇଫକୋ,ପିପିଏଲ, ବିପିସିଏଲ୍, ଏଚପିସିଏଲ୍, ପାରାଦୀପ ବନ୍ଦରର ପ୍ରତିନିଧିମାନେ ଯୋଗ ଯୋଗ ଦେଇଥିଲେ । ଶେଷରେ ଏଫଆଣ୍ଡବିର ଉପ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତେ ଏକତ୍ରିତ ହୋଇ ବିପର୍ଯ୍ୟୟ ମୁକାବିଲାରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

## ସାଲେପୁର ବ୍ଲକ୍ ପରିସରରେ ଜିଲ୍ଲାପାଳଙ୍କ ଜନ ଶୁଣାଣି




**ସାଲେପୁର,(ଡିକେ ନ୍ୟୁଜ୍):** କଟକ ଜିଲ୍ଲା ସାଲେପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ, ଗ୍ରାମାଞ୍ଚଳ ଏସପି, ପିଡି, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ସହ ଜିଲ୍ଲା ସ୍ତରୀୟ ପ୍ରାୟ ସବୁ ବିଭାଗର ଅଧିକାରୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଏହି ଶିବିରରେ ମୋଟ ୧୯୩ଟି ଅଭିଯୋଗ ନେଇ ଜନ ସାଧାରଣ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ରାସନ୍ କାର୍ଡ, ଭତ୍ତା ବଣ୍ଟନ, ଡ୍ରେନେଜ୍ ବ୍ୟବସ୍ଥା ବିଷୟରେ ଅଭିଯୋଗ ଆସିଥିଲା। ଜିଲ୍ଲାପାଳ ଯେତେକ ଆଇନିଗତ ଅଭିଯୋଗ ରହିଛି ତାକୁ ବିଚାର କରି ତୁରନ୍ତ ତଦନ୍ତ କରି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଓ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କିଛି ସମସ୍ୟା ପ୍ରସଙ୍ଗରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ତତ୍କାଳ ସମାଧାନ କରିଥିବା ବେଳେ ଆଉ କିଛି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଇଫକୋ ଡିଏଭି ସ୍କୁଲର ପ୍ରତିଷ୍ଠା ଦିବସ

**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପ ସ୍ଥିତ ଇଫକୋ ଡିଏଭି ପବ୍ଲିକ ସ୍କୁଲର ୨୦ତମ ପ୍ରତିଷ୍ଠା ଦିବସ ଇଫକୋର କମ୍ୟୁନିଟି ସେଣ୍ଟର ଠାରେ ସୋମବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଇଫକୋ ପାରାଦୀପ ୟୁନିଟର ମୁଖ୍ୟ ତଥା ନିର୍ଦ୍ଦେଶକ ପି.କେ.ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାରାଦୀପ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଫେସର ଗଣେଶ୍ୱର ପାତ୍ର ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଡିଏଭିସ୍କୁଲର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରାଙ୍କ ସ୍ୱାଗତ ଭାଷଣ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ତାଙ୍କ ପ୍ରେରଣାଦାୟକ ଭାଷଣରେ ଉଲ୍ଲେଖ କରିଥିଲେ ଯେ ଛାତ୍ରଛାତ୍ରୀ ମାନଙ୍କର ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଶଂସା ଏବଂ ଉତ୍ସାହ ଆବଶ୍ୟକ। ସେ ଶିକ୍ଷା କ୍ଷେତ୍ରରେ ସେମାନଙ୍କର ଅକ୍ଳାନ୍ତ ପ୍ରୟାସ, ସଫଳତା ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରି ଆଗକୁ ବଢିବା




ପାଇଁ ପରାମର୍ଶ ଦେଇଥିଲେ।ସେମାନଙ୍କୁ ଗଢ଼ି ତୋଳିବା ପାଇଁ ଶିକ୍ଷକମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ପାତ୍ର ତାଙ୍କ ଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ ଜୀବନରେ ଉନ୍ନତି ପାଇଁ ଏବଂ ଲକ୍ଷ୍ୟ ହାସଲ ପାଇଁ ପ୍ରେରଣା ଓ ଉତ୍ସାହ ଆବଶ୍ୟକ ଏବଂ ଦକ୍ଷତା ବିକାଶ ପାଇଁ ପ୍ରୟାସ ଉଦ୍ଦେଶ୍ୟମୂଳକ ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଫକୋର ପ୍ରଥମ ମହିଳା ସୁପ୍ରିୟା ମହାପାତ୍ର, ଜେଜିଏମ (ଏଫ୍ ଆଣ୍ଡ ଏ) ଡି.ନାୟକ, ଚିଫ୍ ମ୍ୟାନେଜର (ପି ଆଣ୍ଡ ଏ) ବିଜୟ କୁମାର ପରିଡା, ଇଫକୋ ଡିଏଭି ସ୍କୁଲ ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରା, ପିପିଏଲ ଡିଏଭି ସ୍କୁଲ ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ, ପିପିଟି ଡିଏଭି ସ୍କୁଲର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ପାରାଦୀପ ୟୁନିଟର ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସୁମଧୁର ସ୍ୱାଗତ ସଂଗୀତ, ମନୋରମ ନୃତ୍ୟ ଏବଂ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମକୁ ଏକ ଉଲ୍ଲେଖନୀୟ ରଙ୍ଗ ପ୍ରଦାନ କରିଥିଲା। ସେହିପରି ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଯେଉଁଠାରେ ଅସହାୟ ଲୋକଙ୍କ ଜୀବନ ରକ୍ଷା କରିବା ପାଇଁ ମୋଟ ୭୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ସ୍କୁଲର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରା ସମସ୍ତ ବ୍ୟକ୍ତିଙ୍କୁ ସେମାନଙ୍କର ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇଥିଲେ। ପରମ୍ପରା ଅନୁଯାୟୀ, ଶିକ୍ଷକ ମନୋଜ କୁମାର ଜେନା ସମସ୍ତ ଅତିଥି ଏବଂ ଦର୍ଶକଙ୍କୁ କାର୍ଯ୍ୟକ୍ରମକୁ ସଫଳତା ପାଇଁ ସେମାନଙ୍କର ଉପସ୍ଥିତି ପାଇଁ ଧନ୍ୟବାଦ ଜଣାଇଥିଲେ। ଡକ୍ଟର କେଶବ ଚନ୍ଦ୍ର ଶତପଥୀ, ଆଞ୍ଚଳିକ ନିର୍ଦ୍ଦେଶକ, ଡିଏଭି ଅନୁଷ୍ଠାନ, ଓଡ଼ିଶା ଜୋନ୍ ଏବଂ ଡକ୍ଟର ସୁଜାତା (ଆର୍ ଓ), ଡିଏଭି ଅନୁଷ୍ଠାନ, ଓଡ଼ିଶା ଜୋନ୍ ସି, କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ଶୁଭେଚ୍ଛା ଜଣାଇଥିଲେ। ସମସ୍ତ ନିମନ୍ତ୍ରିତ ଏବଂ ପରିଦର୍ଶକଙ୍କ ପ୍ରଶଂସା ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଭାରତ ବନ୍ଦ: ଜାତୀୟ ରାଜପଥ ୨୬ ଅବରୋଧ




ଧର୍ମଗଡ଼, (ଡିକେ ନ୍ୟୁଜ୍): ଭାରତ ମୁକ୍ତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ୱାମନ ମେଶ୍ରାମଙ୍କ ନେତୃତ୍ୱରେ ମଙ୍ଗଳବାର ଦେଶବ୍ୟାପୀ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଅବସରରେ କଳାହାଣ୍ଡି ଜିଲ୍ଲା କାଲୋପଲା ଛକରେ ଜାତୀୟ ରାଜପଥ ୨୬କୁ ଅବରୋଧ କରାଯାଇଛି। ମୂଳନିବାସି ବହୁଜନ ସମାଜର ଲୋକମାନେ ଏହି ଆନ୍ଦୋଳନରେ ସାମିଲ ହୋଇ ନିଜର ଦାବିଗୁଡ଼ିକୁ ଦୃଢ଼ ଉପସ୍ଥାପନ କରିଛନ୍ତି। ଭାରତ ମୁକ୍ତି ମୋର୍ଚ୍ଚା ଓ ଅନ୍ୟାନ୍ୟ ସହଯୋଗୀ ସଂଗଠନମାନେ ଏହି ବନ୍ଦ ମାଧ୍ୟମରେ ଦାବି ଉତ୍ଥାପନ କରିଛନ୍ତି ଯେ ନିର୍ବାଚନରେ ଇଭିଏମ୍ ବନ୍ଦ କରି ବାଲଟ୍ ପେପର ପ୍ରଚଳନ କରାଯାଉ। ଜାତି ଆଧାରିତ ଜନଗଣନା କରିବା, ୱାକଫ୍ ଆଇନ ୨୦୨୫ ରଦ୍ଦ କରିବା, ଗଞ୍ଜାମ ଧରାକୋଟରେ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ଉପରେ ଅମାନବୀୟ ଅତ୍ୟାଚାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ତଥା ୟୁପିରେ ପଛୁଆବର୍ଗର କଥାବାଚକ ଉପରେ ହୋଇଥିବା ଅମାନବୀୟ ଅତ୍ୟାଚାର ଓ ମଧ୍ୟ ପ୍ରଦେଶରେ ଅନୁସୂଚିତ ଜନଜାତି ଉପରେ ହୋଇଥିବା ଅମାନବୀୟ ଅତ୍ୟାଚାରକୁ ଦୃଢ଼ ନିନ୍ଦା କରାଯାଇଛି। ମଙ୍ଗଳବାର ସକାଳ ୮ଟାରୁ ଆନ୍ଦୋଳନ କାରୀମାନେ ଜାତୀୟ ରାଜପଥ ୨୬ରେ ରାସ୍ତା ଅବରୋଧ କରି ନିଜର ପ୍ରତିବାଦ ଜାହିର କରିଛନ୍ତି। ଏହି ଅବରୋଧ ଯୋଗୁଁ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହୋଇଛି। ପ୍ରତିବାଦକାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ନିଜର ଦାବି ଉପସ୍ଥାପନ କରୁଛନ୍ତି ଏବଂ ସରକାରଙ୍କୁ ଏହି ଦାବିଗୁଡ଼ିକ ଶୀଘ୍ର ପୂରଣ କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ପୋଲିସ ଓ ପ୍ରଶାସନ ଆନ୍ଦୋଳନ ସମୟରେ ନିରାପତ୍ତା ଓ ଶାନ୍ତି ବଜାୟ ରଖିବା ପାଇଁ କଡ଼ା ବ୍ୟବସ୍ଥା ଗ୍ରହଣ କରିଛନ୍ତି। କାଲୋପଲା ଠାରେ କୁଶ ଶବର, କ୍ଷୀରସିନ୍ଧୁ ବୋଡକିଆ, ଦୁର୍ଯୋଧନ ଜାଲ ଓ ଅନ୍ୟ କର୍ମକର୍ତ୍ତା ବନ୍ଦ ପାଳନ କରିଥିଲେ।

# 'ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ସମନ୍ୱୟ ରକ୍ଷା ହିଁ ଉଭୟଙ୍କ ବିକାଶର ଲକ୍ଷଣ'

ଟିଟିଲାଗଡ଼, (ଡିକେ ନ୍ୟୁଜ୍): କେଉଁଠାରେ ଭଲ ଶିକ୍ଷକ ଶିକ୍ଷୟତ୍ରୀ ଅଛନ୍ତି? କେଉଁ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ ଭଲ ବ୍ୟବହାର ଦେଇ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି। କେଉଁ ସ୍କୁଲରେ ଭଲ ବାତାବରଣରେ ପାଠପଢ଼ା ଯାଉଚି? କେଉଁ ସ୍କୁଲର ଛୁଆ ଖୁସିରେ ପାଠ ପଢିବାକୁ ଘରୁ ଯିବାକୁ ଇଚ୍ଛା କରୁଛି। ଏବେ ସବୁ ଏ ବିଷୟରେ ଲୋକଙ୍କ ସହ ଆଲୋଚନା କରି ସ୍କୁଲ ଖୋଜା ଚାଲିଛି ତର୍ଜମା କରି। ଦେଖିବାକୁ ଗଲେ ଯେଉଁ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ହୃଦୟକୁ ଜାଣି ତାଙ୍କୁ ସେଭଳି ବ୍ୟବହାର ପ୍ରଦର୍ଶନ କଲେ ହିଁ ଛାତ୍ରଛାତ୍ରୀ ଉଚିତ ଶିକ୍ଷା ଗ୍ରହଣ କରିପାରିବେ। ଏ ଦିଗରେ ସ୍କୁଲ କର୍ତ୍ତୃପକ୍ଷ ଥରେ ବିଚାର କରନ୍ତୁ। ଅଭିଭାବକଙ୍କ ମତ ନିଅନ୍ତୁ, କ'ଣ ଅସୁବିଧା ରହୁଛି ସେ ବିଷୟରେ କଥା ହୋଇ ପିଲାଙ୍କୁ ଭୟର ବାତାବରଣ ନୁହେଁ ଖୁସିର ବାତାବରଣରେ ଶିକ୍ଷା ଦେଲେ ଉଭୟଙ୍କ ଭବିଷ୍ୟତ ଉଜ୍ଜ୍ୱଳ। କେବଳ ନାମଲେଖା ସରିଗଲେ ହେବନି, ଯେଉଁ ଅଭିଭାବକ ନିଜ ଛୁଆର ଭବିଷ୍ୟତ ଗଢି ତୋଳିବା ପାଇଁ କେତେ ସ୍ୱପ୍ନ ଦେଖି ବିଭିନ୍ନ ସ୍କୁଲ ତଥ୍ୟ ସଂଗ୍ରହ କରି ନାମ ଲେଖାଉଛନ୍ତି, ସେ ବିଷୟରେ ଚିନ୍ତା କରନ୍ତୁ। କୌଣସି ଅଭିଭାବକ ଚହେଁ ନିଜେ ତାର ଛୁଆ ସ୍କୁଲରେ ମାଡ ଖାଉ କି ଖରାପ ପ୍ରତିଶତ ରଖୁ ବୋଲି, ସବୁ ଛାତ୍ରଛାତ୍ରୀ ସମାନ ନୁହନ୍ତି ଯେମିତି ସବୁ ସ୍କୁଲରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମାନ ଶିକ୍ଷା ଗ୍ରହଣ କରି ନ ଥାଆନ୍ତି କି ସମସ୍ତଙ୍କ ବ୍ୟବହାର ମଧ୍ୟ ସମାନ ନୁହେଁ। ସେଥିପାଇଁ ଉଭୟ ପକ୍ଷରୁ ସମ୍ମାନ ଜଣାଇ ଛାତ୍ରଛାତ୍ରୀ କିପରି ନିର୍ଭୟରେ ପାଠ ପଢି ନିଜର ନିଜ ସ୍କୁଲ ତଥା ଅଭିଭାବକଙ୍କ ମାନ ସମ୍ମାନ ବୃଦ୍ଧି କରିବେ ସେ ନେଇ ସ୍କୁଲ କର୍ତ୍ତୃପକ୍ଷ କାର୍ଯ୍ୟ କରନ୍ତୁ। ସ୍କୁଲ ଫିସ ବଡ ଜିନିଷ ନୁହେଁ ବରଂ ଉଚିତ ଗୁଣାତ୍ମକ / ଖୁସିର ବାତାବରଣରେ କେତେ ସ୍କୁଲରେ ଶିକ୍ଷା ପ୍ରଦାନ କରାଯାଉଛି ତାହାର ଆକଳନ କରାଯାଉ, କେତେ ଛାତ୍ରଛାତ୍ରୀଙ୍କ ମନମୋହି ନେଉଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ? ସକାଳୁ ଉଠି କେତେ ପ୍ରତିଶତ ଛୁଆ ଖୁସିରେ ସ୍କୁଲ ଯିବାକୁ ନିଜର ଅଭିଭାବକମାନଙ୍କୁ କହୁଛନ୍ତି? କେତେ ଛୁଆ ନିଜର କ୍ଲାସ ଟିଚରଙ୍କୁ ଭଲ ପାଉଛନ୍ତି? କେତେ ଛୁଆ ନିଜର ଶ୍ରେଣୀ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ସମ୍ମାନ ଜଣାଇ ଖୁସିରେ ପାଠ ପଢୁଛନ୍ତି ଏ ବିଷୟରେ ଅନୁଧ୍ୟାନ କରାଯାଉ। ସ୍କୁଲ କର୍ତ୍ତୃପକ୍ଷ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ଛାତ୍ରଛାତ୍ରୀଙ୍କ ଉଚିତ ଶିକ୍ଷାଦାନ ପାଇଁ, ତେବେ କିଛି ମାତ୍ରାରେ ଅସନ୍ତୋଷ ରହିବ ଯେହେତୁ ମଣିଷର ମନ କେବେ ସନ୍ତୁଷ୍ଟ ନୁହେଁ। ସ୍କୁଲ କର୍ତ୍ତୃପକ୍ଷ ସଦାବେଳେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଚେଷ୍ଟା କରିଥାନ୍ତି ସେଥିରେ କିଛି ସନ୍ଦେହ ନାହିଁ କିନ୍ତୁ ଭିତିରିଆ ଏ ବିଷୟରେ ଅଭିଭାବକଙ୍କ ପ୍ରତିକ୍ରିୟା ନିଅନ୍ତୁ ଏବଂ ପ୍ରତି ବର୍ଷ ଶେଷରେ ଯେଉଁ ଶିକ୍ଷକ ନିଜ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସର୍ବୋଚ୍ଚ ଶିକ୍ଷା, ବିଭିନ୍ନ ଆକର୍ଷିତିରେ ଭଲ ପ୍ରଦର୍ଶନ କରାଇ ପାରିଛନ୍ତି? ଶ୍ରେଣୀରେ ପିଲାଙ୍କ ପ୍ରଦର୍ଶନ ଭଳି ବିଭିନ୍ନ ଦିଗକୁ ଆଖି ଆଗରେ ରଖି ବାର୍ଷିକ ସର୍ବୋଚ୍ଚ ଶିକ୍ଷକ ଶିକ୍ଷୟିତ୍ରୀ ପୁରସ୍କାର ଘୋଷଣା କରାଯାଉ। ଯାହା ଫଳରେ ସବୁ ବିଭାଗକୁ ସୁହାଇଲା ଭଳି ସମସ୍ତଙ୍କର ଉନ୍ନତି ସାଧନ ହୋଇ ପାରିବ ଓ ଛୁଆଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ।

# ୱାର୍ଡ଼ ମେମ୍ବରଙ୍କୁ ସରପଞ୍ଚଙ୍କ ମାଡ ଅଭିଯୋଗ

ବରପାଲି, (ଡିକେ ନ୍ୟୁଜ୍): ଜଣେ ୱାର୍ଡ଼ ମେମ୍ବରଙ୍କୁ ସରପଞ୍ଚଙ୍କ ମାଡ ହୋଇଥିବା ଘଟଣା ବରପାଲି ଥାନାରେ ଅଭିଯୋଗ ହୋଇଛି। ଲିଖିତ ଅଭିଯୋଗ ଅନୁସାରେ ଭଟିଗାଁ ଗ୍ରାମ ପଞ୍ଚାୟତର ୧୩ ନମ୍ବର ୱାର୍ଡ଼ର ୱାର୍ଡ ମେମ୍ବର ପ୍ରଭାକର ଶିକା ତାଙ୍କ ୱାର୍ଡ଼ ଅନ୍ତର୍ଗତ ରେଟା ମୁଣ୍ଡାରୁ ଗୁଲିହା ପଦରର ରାସ୍ତାକୁ ବିଭାଗୀୟ ଅଧିକାରୀମାନେ କରୁଥିବା ବେଳେ ୱାର୍ଡ଼ ମେମ୍ବର ହିସାବରେ ସେ କାର୍ଯ୍ୟର ତଦାରଖ କରୁଥିଲେ। ମଙ୍ଗଳବାର ସକାଳେ ସେ କୌଣସି କାର୍ଯ୍ୟ ପାଇଁ ବରପାଲି ବ୍ଲକ ଅଫିସକୁ ଆସିଥିବା ବେଳେ ଭଟି ଗାଁ ସରପଞ୍ଚ ହିମାଞ୍ଚଲ୍ ସାହୁ ସେଠାରେ ପହଞ୍ଚି ତାଙ୍କୁ ପିସି ମାଗିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇ ହଠାତ ହିମାଞ୍ଚଲ୍ ତାଙ୍କୁ ଜାତିଆଣ ଗାଳି ଗୁଲଜ କରି ଆକ୍ରମଣ କରିଥିଲେ ବୋଲି ସେ ବରପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ବରପାଲି ପୋଲିସ ଏକ ମକଦ୍ଦମା (କେସ ନମ୍ବର ୧୮୪/୨୫) ରୁଜୁ କରି ୨୯୬, ୧୧୫(୨), ୩୫୧(୨) ତଥା ଏସସି ଏକ୍ଟ ଲାଗି ଥିବାରୁ ବରଗଡ଼ ଏସଡିପିଓଙ୍କୁ ଘଟଣାର ତଦନ୍ତ ପାଇଁ ଅନୁରୋଧ କରିଛନ୍ତି।

# ପୋଖରୀରେ ବୁଡ଼ି ଯୁବକ ମୃତ



ଧର୍ମଗଡ଼ (ଡିକେ ନ୍ୟୁଜ): ସୋମବାର ପୋଖରୀକୁ ଗାଧୋଇବା ପାଇଁ ଯାଇ ଜଣେ ଯୁବକଙ୍କ ମୃତ୍ୟୁବରଣ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ ଧର୍ମଗଡ଼ ଥାନା ଅନ୍ତର୍ଗତ କଦଳିମୁଣ୍ଡା ଗ୍ରାମର ଦିଜବଳ ନାଏକଙ୍କ ବଡ ପୁଅ ଲଳିତ ନାଏକ, ବୟସ ପ୍ରାୟ ୨୨ ବର୍ଷ ମଧ୍ୟାହ୍ନ ସମୟରେ ନିକଟସ୍ଥ ଚରିଖୁଟିଆ ବନ୍ଧକୁ ଗାଧୋଇ ବାକୁ ଯାଇ ଫେରି ନ ଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି ପରେ ବନ୍ଧ୍ ହୁଡ଼ାରେ ଉକ୍ତ ଯୁବକର ପ୍ୟାଣ୍ଟ୍ ସାର୍ଟ ଥିବା ଦେଖିବାକୁ ପାଇଥିଲେ। ଏଣୁ ସନ୍ଦେହରେ ପାଣି ଭିତରେ ଖୋଜିବାରୁ ଉକ୍ତ ଯୁବକ ପାଣିରେ ବୁଡି ଯାଇ ମୃତ୍ୟୁ ବରଣ କରି ଥିବା ଦେଖିବାକୁ ପାଇଥିଲେ। ଏ ନେଇ ଧର୍ମଗଡ଼ ଥାନାରେ ଏକ ମାମଲା ରୁଜୁ କରାଯାଇ ଥିବା ବେଳେ ପୋଲିସ ଥାନା ଯୁଡି କେଶ ନମ୍ବର ୩/୨୫ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇଥିବା ଧର୍ମଗଡ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବ୍ଲକର ହାତୀ ଜୋରର ପାଣି ନିଷ୍କାସନ ପାଇଁ ତହସିଲଦାରଙ୍କୁ ଦାବିପତ୍ର



ନାଉଗାଁ, (ଡିକେ ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ମୁଣ୍ଡାଳ, ବେଣାପଡା, ଖଇରାବସ୍ତର ଆଦି ଗ୍ରାମର ଚାଷୀମାନେ ମୁଣ୍ଡାଳ ଦେଇ ପ୍ରବାହିତ ହାତୀଜୋରରୁ ଜଳ ନିଷ୍କାସନ ପାଇଁ ମଙ୍ଗଳବାର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତାବକ ଏହି ଜୋରଟି ଭାତପଡାରୁ ବାହାରି ଉକ୍ତ ଗ୍ରାମ ଦେଇ ପ୍ରବାହିତ ହେବା ସହ ଜାମୁଗାଁ ଦେଇଯାଇଛି। ଏହି ଜୋର ମାଧ୍ୟମରେ ବର୍ଷା ଦିନେ ଉଦବୃତ ଜଳ ଚାଷ ଜମିରୁ ନିଷ୍କାସିତ ହୋଇଥାଏ। କାଳକ୍ରମେ କିଛି ସ୍ୱାର୍ଥବାଦୀ ଲୋକ ଜୋରର ତଳପାର୍ଶ୍ୱରେ ମାଟି ପକାଇ ଅବରୋଧ କରିବା ସହ ବାସ ଗୃହ ନିର୍ମାଣ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଖଇରାବସ୍ତ ନିକଟରେ ଜୋରର ଦକ୍ଷିଣ ପାର୍ଶ୍ୱରେ ଏକ ମାଟି ବନ୍ଧ ନିର୍ମାଣ କରାଯାଇଛି। ଯାହା ସଂପୂର୍ଣ୍ଣ ବେଆଇନ ଅଟେ। ବନ୍ଧ ପକାଯାଇଥିବା ସ୍ଥାନରୁ ପାଣି ଆବଶ୍ୟକ ସମୟରେ ଖଇରାବସ୍ତ, ଚମ୍ପେଶ୍ୱର, ଦାନ୍ତୁଆଳ ଆଦି ଚାଷ ଜମିକୁ ଯାଇଥିବା ଭୂଲେଖ ମାନଚିତ୍ରରେ ଦର୍ଶାଯାଇଛି। ଦକ୍ଷିଣ ପାର୍ଶ୍ୱରେ ୫୦ମିଟର ମାଟି ବନ୍ଧ ରହିବା ଯୋଗୁ ବର୍ଷା ହେଲେ ଉତ୍ତର ପାର୍ଶ୍ୱର ଜଳ ନିଷ୍କାସିତ ନ ହୋଇ ଚାଷ ଜମିରେ ଜମି ରହୁଛି। ଯାହା ଫଳରେ ଚଳିତ ବର୍ଷ ମୁଣ୍ଡାଳ, ବେଣାପଡା, ମଧୁପୁର ଆଦି ଚାଷୀମାନେ କିପରି ଚାଷ କରିବେ ଚିନ୍ତାରେ ରହିଛନ୍ତି। ସାମାନ୍ୟ ବର୍ଷାରେ ବର୍ଷା ପାଣି ଜମି ରହିବା ଫଳରେ ଚାଷୀ ଚିନ୍ତାରେ ପଡିଯାଇଛି। ଜୋରକୁ ବେଆଇନ ଭାବେ ଅବରୋଧ କରାଯାଇଥିବା ସ୍ଥାନକୁ ଅବରୋଧ ମୁକ୍ତ କରିବା ସହ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯଦି ଏହାର ସ୍ଥାୟୀ ସମାଧାନ କରା ନଯାଏ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ରକୁ ନବ ନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ ନବ କିଶୋର ମହାନ୍ତି, ସୁଜିତ ମଲିକ, ତ୍ରନାଥ ମହାନ୍ତି, ଅମରେନ୍ଦ୍ର ମହାନ୍ତି, ଜଗନ୍ନାଥ ବେହେରା, ଦେବେନ୍ଦ୍ର ମଲିକ ଆଦି ତହସିଲଦାରଙ୍କ ଅନୁପସ୍ଥିତିରେ ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଅଶୋକ କୁମାର ସାହୁଙ୍କୁ ପ୍ରଦାନ କରିଛନ୍ତି। ଏସଂପର୍କରେ ହତସିଲଦାର ଅକ୍ଷୟ କୁମାର ବଡୁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

# ଭଉଣୀକୁ ଦୁଷର୍ମ କଲେ ଭାଇ

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସଦର ସବ ଡିଭିଜାଲ ଅଧୀନରେ ଦିନକୁ ଦିନ ଦୁଷର୍ମ ଓ ଗଣଦୁଷର୍ମ ବଢି ଚାଲିଛି। ଏହାକୁ ନେଇ ପୋଲିସ ପାଇଁ ମୁଣ୍ଡ ବିନ୍ଧା ପାଲଟିଛି। ଗତ ଏକ ମାସ ମଧ୍ୟରେ ଗୋଳନ୍ଥରା ଓ ଗୋପାଳପୁର ଥାନା ଅଞ୍ଚଳରେ ଗଣଦୁଷର୍ମ ଘଟଣା ସାରା ରାଜ୍ୟରେ ହାଇଚାଇ ହୋଇଥିଲା। ପୁଣି ଏକ ଲଜ୍ୟା ଘଟଣା ଦେଖିବାକୁ ମିଳିଛି। ଗୋଳନ୍ଥରା ଥାନା ଅଞ୍ଚଳ ଏକ ଛାତ୍ରୀଙ୍କୁ ଗୋଡ଼ ହାତ ବାନ୍ଧି ପାଇଖାନାରେ ଦୁଷର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣା ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣ ହେଲେ ଭୁବନା ପ୍ରଧାନ (୧୯) ବୋଲି ସୂଚନା ମିଳିଛି। ଖବର ଅନୁସାରେ ଗତ ୨୮ ତାରିଖରେ ଗୋଳନ୍ଥରା ଥାନା ଅଞ୍ଚଳ ୭ ଶ୍ରେଣୀ ଛାତ୍ରୀ ଜଣକ ମାଉସୀ ଘର ବାରିପଟକୁ ପିଜୁଳି ଖାଇବାକୁ ଯାଇଥିଲେ। ସେହି ଗ୍ରାମର ସମ୍ପର୍କୀୟ ଭାଇ ଭୁବନା ପ୍ରଧାନ ଛାତ୍ରୀଙ୍କୁ ଟାଣି ଟାଣି ନେଇ ନିକଟରେ ବିଦ୍ୟାଳୟର ପାଇଖାନାରେ ହାତଗୋଡ଼ ବାନ୍ଧି ଛାତ୍ରୀଙ୍କୁ ଦୁଷର୍ମ କରିଥିଲେ। ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ଛାତ୍ରୀଙ୍କୁ ଭୁବନା ଧମକଚମକ ଦେଇଥିଲେ। କିନ୍ତୁ ନିଜ ମା'ଙ୍କୁ ଛାତ୍ରୀ ଜଣକ କହିଥିଲେ। ସୋମବାର ପୀଡ଼ିତ ମା' ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନଂ ୨୮୦/୨୫ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଛାତ୍ରୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀମାଇନା କରିଥିବା ସୂଚନା ମିଳିଛି। ସନ୍ଧ୍ୟାରେ ଅଭିଯୁକ୍ତ ଭୁବନାଙ୍କୁ ଗ୍ରାମରୁ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରି ମଙ୍ଗଳବାର ସକାଳେ ଗିରଫ କରି ଡାକ୍ତରୀମାଇନା କରି ସନ୍ଧ୍ୟାରେ କୋର୍ଟଚାଲାଣ କରାଯିବା ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୧୪ରେ ଓଡ଼ିଶା ଆସିବେ...

ସମାବର୍ତ୍ତନ ଉତ୍ସବରେ ଯୋଗ ଦେବେ। ଏହାସହ ରେଭେନ୍ସା ବାଳିକା ବିଦ୍ୟାଳୟର ଶିଳାନ୍ୟାସ କରିବେ। ଜୁଲାଇ ୧୪ରେ ସନ୍ଧ୍ୟା ୫ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ରାଷ୍ଟ୍ରପତି ମୁର୍ମୁ। ଏହା ପରେ ସିଧାସଳଖ ଏମ୍ସ ଅଭିମୁଖେ ଯିବେ। ସେଠାରେ ଏମ୍ସର ୫ମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଏହା ପରେ ରାଜଭବନ ଫେରି ସେଠାରେ ରାତ୍ରୀଯାପନ କରିବେ। ତା' ପରଦିନ ଅର୍ଥାତ ୧୫ ଜୁଲାଇରେ କଟକ ଅଭିମୁଖେ ଗସ୍ତ କରିବେ। କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ।

### 'ବାହୁଡ଼ାଯାତ୍ରା ଓ ସୁନାବେଶ...

କରୁଛନ୍ତି। ଆଗାମୀ ଦିନରେ କୌଣସି ଅଘଟଣ ନଘଟୁ। ମହାପ୍ରଭୁଙ୍କ ଇଚ୍ଛା ପୂରଣ ହେଉ। ରଥଯାତ୍ରା ସୂଚାରୁ ରୂପେ ସଂପାଦନ ହେବାକୁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ରଥଯାତ୍ରାରେ ଘଟିଥିବା ଅଘଟଣ ପାଇଁ ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରି ଶନିବାର ଓ ରବିବାର ଛୁଟି ଥିବାରୁ ଶରଧାବାଲିରେ ପ୍ରବଳ ଶ୍ରଦ୍ଧାଳୁଙ୍କର ଭିଡ଼ ହୋଇଥିଲା। ପୋଲିସ ସୁରକ୍ଷା ଦୃଷ୍ଟିରୁ ତ୍ରୁଟି ଥିଲା। ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତଦନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଆଗାମୀ ଦିନରେ ତ୍ରୁଟି ନହେବା ପାଇଁ ଆଲୋଚନା କରାଯାଇଛି।

### ନିଯୁକ୍ତି-ସଂଯୁକ୍ତ ପ୍ରୋତ୍ସାହନ...

ଉଚ୍ଚସ୍ତରୀୟ ସ୍ତର ପର୍ଯ୍ୟନ୍ତ କ୍ରୀଡ଼ା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ସେ ଏହା ମଧ୍ୟ କହିଛନ୍ତି ଯେ ଏହା ପ୍ରତିଯୋଗିତାମୂଳକ ଲିଗ୍ ଏବଂ ପ୍ରତିଯୋଗିତା ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ଏବଂ ସହରାଞ୍ଚଳ ଉଭୟ କ୍ଷେତ୍ରରେ କ୍ରୀଡ଼ା ଭିତ୍ତିଭୂମି ବିକାଶ କରିବାକୁ ଚେଷ୍ଟା କରିବ। ସେ କହିଛନ୍ତି, ତାଲିମ, ପ୍ରଶିକ୍ଷଣ ଏବଂ ସାମଗ୍ରିକ କ୍ରୀଡ଼ାବିତ ସମର୍ଥନ ପାଇଁ ବିଶ୍ୱସ୍ତରୀୟ ବ୍ୟବସ୍ଥା ନିର୍ମାଣ କରିବା ଏହି ନୀତିର ପ୍ରମୁଖ ଉଦ୍ଦେଶ୍ୟ ମଧ୍ୟରୁ ଗୋଟିଏ। ଶ୍ରୀ ବୈଷ୍ଣବ ଉଲ୍ଲେଖ କରିଛନ୍ତି ଯେ ଏହି ନୀତି କ୍ରୀଡ଼ା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ଦେଶରେ ପ୍ରମୁଖ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକୁ ଆକର୍ଷିତ କରିବାରେ ମଧ୍ୟ ସାହାଯ୍ୟ କରିବ। ସୂଚନା ସମୟରେ ଶ୍ରୀ ବୈଷ୍ଣବ କହିଥିଲେ ଯେ କେନ୍ଦ୍ର କ୍ୟାବିନେଟ ତାମିଲନାଡୁରେ ଏକ ହଜାର ୮୫୩ କୋଟି ଟଙ୍କା ବ୍ୟୟରେ ଚାରି ଲେନ୍ ପରମାକୁଡି-ରାମନାଥପୁରମ ସେକ୍ସନ ନିର୍ମାଣ ପାଇଁ ମଧ୍ୟ ମଞ୍ଜୁରୀ ପ୍ରଦାନ କରିଛି। ଏହି ପ୍ରକଳ୍ପର ମୋଟ ଲମ୍ବ ୪୬.୭ କିଲୋମିଟର ହେବ ଏବଂ ଏହା ପ୍ରମୁଖ ଧାର୍ମିକ ଓ ଆର୍ଥିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରି ସୁଗମ ସଂଯୋଗୀକରଣ ପ୍ରଦାନ କରିବ ଓ ରାମେଶ୍ୱରମ୍ ଏବଂ ଧନୁଷକୋଡିକୁ ପର୍ଯ୍ୟଟନକୁ ବୃଦ୍ଧି କରିବ।

### ଓଡ଼ିଶା ଆସିବେ...

ଏହି ସୂଚନା ଦେଇଛନ୍ତି। ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖଡ଼ଗେ ଓ ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ମଧ୍ୟ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗ ଦେବେ। କଂଗ୍ରେସର ବରିଷ୍ଠ ନେତାମାନେ ବରମୁଣ୍ଡା ପଡ଼ିଆରେ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେବେ। ଏହାର ପ୍ରସ୍ତୁତି ପାଇଁ କଂଗ୍ରେସ ଭବନରେ ବୈଠକ ଶେଷ ହୋଇଛି। ବୈଠକରେ ପିସିସି ସଭାପତିଙ୍କ ସହ ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

### ୫ ଯାଏ...

ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୩ ତାରିଖ ସକାଳ ତ୍‌୮ଟାରୁ ୪ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ଝାରସୁଗୁଡ଼ା ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ଏହି ସମୟ ମଧ୍ୟରେ ନୂଆପଡ଼ା, ବଲାଙ୍ଗିର ଓ ବରଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୪ ତାରିଖ ସକାଳ ସାଢେ ୮ଟାରୁ ୫ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୋନପୁର, ବଲାଙ୍ଗିର ଓ ବରଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୫ ତାରିଖ ସକାଳ ସାଢେ ୮ଟାରୁ ୬ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଆଇସିଆଇସିଆଇ, ଆକ୍ସିସ୍...

ଆଗ୍ରହୀ ଅଛନ୍ତି ଏବଂ ଖୁବଶୀଘ୍ର ଏହି ପ୍ରଦର୍ଶନରେ ଉନ୍ନତି ଆସିବ ବୋଲି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଭରସା ଦେଇଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ବ୍ୟାଙ୍କମାନଙ୍କ ପ୍ରଦର୍ଶନ ବିଷୟରେ ଅବଗତ କରିଥିଲେ। ବୈଠକରେ ଆକ୍ସିସ୍ ବ୍ୟାଙ୍କର କାର୍ଯ୍ୟକାରୀ ନିର୍ଦ୍ଦେଶକ ମୁନୀଷ ସାରଦା, ସରକାରୀ ବିଜନେସ କଣ୍ଟ୍ରିହେଡ୍ ଅନୀଲ ଅଗ୍ରୱାଲ୍, ଇଷ୍ଟ ରିଜିଓନାଲ ହେଡ୍ ସୌରଭ ଦତ୍ତା, ଏଚଡିଏଫସି ବ୍ୟାଙ୍କ ପକ୍ଷରୁ କଣ୍ଟ୍ରି ହେଡ୍ ସ୍ମିତା ଭଗତ, ବ୍ରାଞ୍ଚ ବ୍ୟାଙ୍କିଙ୍ଗ ହେଡ୍ ଇଷ୍ଟ ସନ୍ଦୀପ କୁମାର, ରିଜିଓନାଲ ହେଡ୍ ଦୀପକ ସିଂହ ଏବଂ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବିଜନେସ ହେଡ୍ ସୁମିତ ମେହେରୋତ୍ରା, ଓଡ଼ିଶା ସିଟି ବିଜିନେସ ହେଡ୍ ବିନୋଦ ଏଲ୍ ଏବଂ ରିଜିଓନାଲ ହେଡ୍ ଅମୀୟ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ଫାର୍ମା ପ୍ଲାଣ୍ଟ ବିସ୍ଫୋରଣ...

କେମିକାଲ ରିଆକ୍ସନ ଯୋଗୁ ବିସ୍ଫୋରଣ ହୋଇଥିବା ଆଶଙ୍କା କରାଯାଉଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ପ୍ଲାଣ୍ଟ ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସେହିପରି ସେଠାରେ କାମ କରୁଥିବା ଶ୍ରମିକମାନେ ପ୍ରାୟ ୧୦୦ ମିଟର ଦୂରକୁ ଛିଟିକି ପଡ଼ିଥିଲେ। ବିସ୍ଫୋରଣ ପରେ ବିଲଡିଂରେ ନିଆଁ ମଧ୍ୟ ଲାଗି ଯାଇଥିଲା। ମିଆଁପୁରରେ ଥିବା ପ୍ରଣାମ ହସ୍ପିଟାଲରେ ସୋମବାର ୨୧ ଜଣଙ୍କୁ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣ ତୁରନ୍ତ ପ୍ରାଣ ହରାଇଥିବା ବେଳେ ଜଣେ ମଙ୍ଗଳବାର ସକାଳେ ଆଖି ବୁଜିଛନ୍ତି। ଅନ୍ୟ ଗୁରୁତରଙ୍କ ଚିକିତ୍ସା ଚାଲିଛି। ସେହିପରି ଧ୍ରୁବ ହସ୍ପିଟାଲରେ ୧୧ ଜଣଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ସୁପର ସ୍ପେଶାଲିଟୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାକି ୯ ଜଣଙ୍କ ମଧ୍ୟରୁ ୫ ଜଣଙ୍କ ଚିକିତ୍ସା ଭେଣ୍ଟିଲେଟରରେ ଚାଲିଛି। ୭ ଜଣଙ୍କ ଶରୀର ୪୦ରୁ ୮୦% ପୋଡ଼ି ଯାଇଥିବା ବେଳେ ଦୁଇ ଜଣଙ୍କ ଶରୀର ୧୦% ପୋଡ଼ି ଯାଇଛି। ରାଜସ୍ୱ ବିଭାଗ ମୃତକଙ୍କ ମଧ୍ୟରୁ ୯ ଜଣଙ୍କୁ ଚିହ୍ନଟ କରାଯାଇଥିବା କହିଛି। ବାକି ମୃତକଙ୍କ ପରିଚୟ ଜାଣିବା ପାଇଁ ଡିଏନଏ ଟେଷ୍ଟ କରାଯିବ। ଅଧିକାଂଶ ମୃତକ ଓଡ଼ିଶା, ବିହାର ଓ ବେଙ୍ଗଲର ବୋଲି ବିଭାଗ ଆକଳନ କରିଛି।

### ସୁବର୍ଣ୍ଣରେଖାରେ ବନ୍ୟା...

କରିଥିଲେ। ଏଥିସହିତ, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକ୍ ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଆରଡିସିଙ୍କ ସହ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଉପସ୍ଥିତ ଥିଲେ। ସେହିପରି, ଜଳସମ୍ପଦ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ସଚିବ ଶ୍ରୀ ବେରା ମଧ୍ୟ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟା ସମୟରେ ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ପହଞ୍ଚି ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଶ୍ରୀ ବେରାଙ୍କ ସହ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ନବ କୁମାର ମହାଳିକ ଉପସ୍ଥିତ ଥିଲେ। ଜଳସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ଚିତ୍ତ ରଞ୍ଜନ ଭୂୟାଁ, ଜଳ ନିଷ୍କାସନ ବିଭାଗର ଆଡିସନାଲ୍ ଚିଫ୍ ଇଞ୍ଜିନିୟର ଦୀପକ ରଞ୍ଜନ ବେହେରା, ବାଲେଶ୍ୱର ଏସଡିଓ ତାପସ କୁମାର ନାୟକ, ସହକାରୀ ଯନ୍ତ୍ରୀ ମହେଶ୍ୱର ସିଂ, ରାଜଘାଟସ୍ଥିତ କେନ୍ଦ୍ର ଜଳ ଆୟୋଗ ଦ୍ୱାରା ପରିଚାଳିତ ବନ୍ୟା ପୂର୍ବାନୁମାନ କେନ୍ଦ୍ରର ଜେଇ ତଥା ସୁପରଭାଇଜର ପୀୟୂଷ ନନ୍ଦୀ ପ୍ରମୁଖ ମଧ୍ୟ ସୁବର୍ଣ୍ଣରେଖା ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ଅପରପକ୍ଷରେ ବୁଢାବଳଙ୍ଗ ନଦୀର ଜଳସ୍ତର ବିପଦ ସଙ୍କେତଠାରୁ ବେଶ୍ ତଳେ ରହିଥିବାବେଳେ ଜଳକା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି। ବୁଢାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ ମିଟର ଥିବା ବେଳେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୬.୦୪ ମିଟରରେ ପ୍ରବାହିତ ହୋଇଛି। ସେହିପରି, ଜଳକା ନଦୀର ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ସନ୍ଧ୍ୟା ସମୟରେ ୬.୬୮ ମିଟର ଉଚ୍ଚରେ ଜଳ ପ୍ରବାହିତ ହେଉଛି।

# ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ପାରାଦ୍ୱୀପ, (ଡିକେ ନ୍ୟୁଜ୍): କୁଜଙ୍ଗ ବନଖଣ୍ଡ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସପ୍ତାହବ୍ୟାପି ବନ ମହୋତ୍ସବ ଉପଲକ୍ଷେ ଏରସମା ବ୍ଲକ ଅନ୍ତର୍ଗତ ଇରିବୀଣା ଗ୍ରାମ ଠାରେ ପ୍ରାରମ୍ଭିକ ଭାବେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ସୁଶାନ୍ତ ଶେଖର ସ୍ୱାଇଁ, ଜପା ପଞ୍ଚାୟତ ସରପଞ୍ଚ ବିଦ୍ୟୁଲତା ରାଉତ, ସମାଜସେବୀ ସନ୍ତୋଷ ଦାଶ, ସରପଞ୍ଚ ପ୍ରତିନିଧି ନିଶାକର ରାଉତ, ଇରିବୀଣା ବନ କମିଟି ସଭ୍ୟ ରମେଶ ପୁହାଣ, ଧ୍ରୁବ ସ୍ୱାଇଁ, ନିତ୍ୟାନନ୍ଦ ମଲ୍ଲିକ ଓ ଗ୍ରାମବାସୀ ରଞ୍ଜନ ସ୍ୱାଇଁ, ପ୍ରଦୀପ୍ ପୁହାଣ, ଶୁଭନାରାୟଣ ସ୍ୱାଇଁ, ଉତ୍ତମ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୁଜଙ୍ଗ ପାରାଦ୍ୱୀପ ଅଞ୍ଚଳର ପ୍ରଦୂଷିତ ଜଳ-ବାୟୁକୁ ସୁଧାର ନିମିତ୍ତ ଅଞ୍ଚଳରେ ବ୍ୟାପକ ବୃକ୍ଷ ରୋପଣ କରି ଜଙ୍ଗଲ ସୃଷ୍ଟି କରିବାର ଆବଶ୍ୟକତା ଅଛିବୋଲି ଟ୍ରଷ୍ଟର ଅଧକ୍ଷ୍ୟ ଶ୍ରୀ ସ୍ୱାଇଁ ସରକାରଙ୍କ ଠାରେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବନ କର୍ମଚାରୀ ପଦ୍ମନାଭ ରାଉତ, ବାବୁଲି ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



ଜଟଣୀ, (ଡିକେ ନ୍ୟୁଜ୍): ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରୀ ଗ୍ରାମପଞ୍ଚାୟତରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରରେ ଏଡିଏମ୍ ଖୋର୍ଦ୍ଧା ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ ଓ ସିଡିଓ ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚୟତରେ ଏକ ଆଦର୍ଶ ଗୋଷ୍ଠୀ ଶୌଚାଳୟ, ପଞ୍ଚୟତ ଇ-ପାଠାଗାର, ଗ୍ରାମୀଣ ଶିଶ୍ନ ଉଦ୍ୟାନ, ପଞ୍ଚୟତ ଜିମ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ସେବା ସଦନ ଓ ମାତୃ ସ୍ତନ୍ୟପାନ କେନ୍ଦ୍ର ଓ ମୁଁ ତୁମକୁ ସାହାଯ୍ୟ କରିପାରିବି କି ଡେସ୍କର ଉଦଘାଟନ କରାଯାଇଛି। ଏହି ଅବସରରେ ପଞ୍ଚୟତ ତରଫରୁ ଲୋକଙ୍କ ସୁବିଧା ପାଇଁ ଏକ ନିଶୁଳ୍କ ନମ୍ବର ମଧ୍ୟ ଜାରି କରାଯାଇଛି। ସିଡିଓ ଏହି ଅବସରରେ ପଞ୍ଚୟତରେ ନିର୍ମାଣଧୀନ ପାର୍କ, କନକଟରା ଅମୃତ ସରୋବର ବୁଲି ଦେଖିଥିଲେ। ବେଣାପାଞ୍ଜରୀ ପଛତାୟତରେ ସବୁ ସୁବିଧା ସୁଯୋଗ ଲୋକଙ୍କ ନିକଟରେ ପହଞ୍ଚାଇବାରେ ପଂଚୟତ ସାହାଯ୍ୟ ଓ ସହଯୋଗ କରିବାରେ ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ ଅବଦାନ ରହିଛି। ଜଟଣୀ ବିଡିଓ ରଶ୍ମିତା ନାଥ ମାଡାମଙ୍କ ପଞ୍ଚୟତ ପ୍ରତି ଥିବା ଅବଦାନକୁ ପଞ୍ଚୟତବାସୀ କେବେ ବି ଭୁଲିପାରିବେନି ବୋଲି ଗ୍ରାମର ମହିଳା ସରପଞ୍ଚ ଶ୍ରୀମତୀ ଆରଜୁ ପରବିନ କହିଥିଲେ।

# ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାକୁ କଳାହାଣ୍ଡି ଓଏଏସ୍ ସଂଘ ତରଫରୁ ତୀବ୍ର ନିନ୍ଦା

କଳାହାଣ୍ଡି, (ଡିକେ ନ୍ୟୁଜ୍): ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟ ଠାରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମପରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ କଳାହାଣ୍ଡି ଓଏଏସ୍ ସଂଘ ତୀବ୍ର ନିନ୍ଦା କରିଛି। ଜଣେ କର୍ତ୍ତବ୍ୟରତ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟରେ ଆକ୍ରମଣ କରି ମାଡ଼ ମାରିବା ଘଟଣାକୁ ଜିଲ୍ଲା ଓଏଏସ୍ ସଂଘ ନିନ୍ଦା କରିବା ସହିତ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନିମନ୍ତେ ଜିଲ୍ଲା ସଂଘ ତରଫରୁ ଏକ ଦାବିପତ୍ର ଜିଲ୍ଲାପାଳ କଳାହାଣ୍ଡିଙ୍କ ମାଧ୍ୟମରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଗୋଚରାର୍ଥେ ପ୍ରଦାନ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରି ଜିଲ୍ଲାର ସମସ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ମାସେ ଲିଭରେ ରହିଥିବା ସୂଚନା ମିଳିଛି। ଏଥିରେ ଜିଲ୍ଲାର ଓଆରଏସ୍ ସଂଘ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ମଙ୍ଗଳବାର ଜିଲ୍ଲା ଓଏଏସ୍ ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନଙ୍କ ନେତୃତ୍ୱରେ ଆଠ ଦଫା ସମ୍ବିଳିତ ଅଧିକାରୀଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ସଂଘର ସଭ୍ୟ, ସଭ୍ୟାଙ୍କ ଉପସ୍ଥିତିରେ ଜିଲ୍ଲାପାଳ କଳାହାଣ୍ଡିଙ୍କୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଙ୍କ ଉଦ୍ଦେଶ୍ୟରେ ଏହାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲ୍ଲା ଓଏଏସ୍ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା।





# ଆଜିଠୁ ଇଂଲଣ୍ଡ-ଭାରତ ଦ୍ୱିତୀୟ ଟେଷ୍ଟ

## ଆର୍ଚରଙ୍କୁ ମିଳିଲାନି ସୁଯୋଗ, ଅପରିବର୍ତ୍ତିତ ବେନ୍ ସେନା



**ଚୂଡ଼ାନ୍ତ ଏକାଦଶ**

ଜ୍ୟାକ୍ କ୍ରଲି, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜାମି ସ୍ମିଥ, କ୍ରିସ ୱୋକ୍ସ, ବ୍ରାଇଡନ କାର୍ସ, ଜୋସ ଟଙ୍ଗ, ସୋହେବ ବସିର।

ବର୍ମିଂହାମ, ୧୭ (ହି.ସ): ବୁଧବାରଠାରୁ ଆରମ୍ଭ ହେବାକୁଯାଉଥିବା ଦ୍ୱିତୀୟ ଟେଷ୍ଟ। ଏହା ପୂର୍ବରୁ ସୋମବାର ଘରୋଇ ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ହେଲେ ଭାରତ ପରିସ୍ଥିତିକୁ ନେଇ ଟସ୍ ସମୟରେ ଚୂଡ଼ାନ୍ତ ଏକାଦଶ ଘୋଷଣା କରିବ ବୋଲି ଜଣାପଡ଼ିଛି। ତେବେ ଏଜବାଷ୍ଟନରେ ଭାରତ ଏକାଦଶରେ ପରିବର୍ତ୍ତନ କରିବା ଏକ ପ୍ରକାର ନିଶ୍ଚିତ ରହିଛି। ଭାରତ ୨ଜଣ ସ୍ପିନର ନେଇ ଖେଳିବାକୁ ଚିନ୍ତା କରୁଥିବା ପ୍ରାଥମିକ ପର୍ଯ୍ୟାୟରେ ସ୍ପଷ୍ଟ ହୋଇଛି। ଯଶପ୍ରୀତ ବୁମରା ମଧ୍ୟ ଦ୍ୱିତୀୟ ଟେଷ୍ଟ ପାଇଁ ପ୍ରସ୍ତୁତ ରହିଥିବା ସହକାରୀ କୋଚ୍ ର୍ୟାନ୍ ଟେନ୍ ଡୋସେଟ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ପ୍ରଥମ ଟେଷ୍ଟ ଜିତିଥିବା ଇଂଲଣ୍ଡ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଫଳରେ ଜୋଫ୍ରା ଆର୍ଚରଙ୍କ ଘାତକ ପେସ୍ ବୋଲିଂର ସାମ୍ନା କରିବାକୁ ପଡୁ ନଥିବାରୁ ଭାରତୀୟ ଦଳ ଆଶ୍ୱସ୍ତ ହୋଇଛି। ଏହି ୫ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୩ଟି ମ୍ୟାଚ୍ ଖେଳିବେ ବୋଲି ବୁମରା ପୂର୍ବରୁ ସ୍ପଷ୍ଟ କରିସାରିଥିଲେ। ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ସେ ୫ଟି ୱିକେଟ୍ ନେଇଥିଲେ। ଭାରତର ପରାଜୟ ସତ୍ତ୍ୱେ ବୁମରାଙ୍କ କାର୍ଯ୍ୟଭାର ଉପରେ ଗୁରୁତ୍ୱ ଦିଆଯିବ ବୋଲି ମଧ୍ୟ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଥିଲେ। ଶନିବାର ବୁମରା ଜୋରଦାର ଅଭ୍ୟାସ କରିଥିଲେ। ଗତ ୨ଦିନ ହେଲା ସେ ହାଲୁକା ଅଭ୍ୟାସ ଜାରି ରଖିଛନ୍ତି। ସୋମବାର ସାମ୍ବାଦିକ ସମ୍ମିଳନୀରେ ସହକାରୀ କୋଚ୍ ଡୋସେଟ କହିଛନ୍ତି, ବୁମରା ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି ଓ ଦ୍ୱିତୀୟ ଟେଷ୍ଟ ପାଇଁ ପ୍ରସ୍ତୁତ ରହିଛନ୍ତି। ତଥାପି ଆମେ ଟସ୍ ପର୍ଯ୍ୟନ୍ତ ଅପେକ୍ଷା କରିବୁ। ତାଙ୍କ ବିନା ମଧ୍ୟ ଏକ ସନ୍ତୁଳିତ ବୋଲିଂ ବିଭାଗ ପ୍ରସ୍ତୁତ କରାଯାଉଛି। ସବୁ ପରିସ୍ଥିତିକୁ ନଜର ରଖି ନିଷ୍ପତ୍ତି ନିଆଯିବ। ତେବେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ୧୫ତମ ସଦସ୍ୟ ଭାବେ ଜୋଫ୍ରା ଆର୍ଚରଙ୍କୁ ଦଳରେ ସାମିଲ କରାଯାଇଥିଲା। ଦୀର୍ଘ ୪ ବର୍ଷ ପରେ ସେ ଟେଷ୍ଟ୍ ଦଳରେ ସ୍ଥାନ ପାଇଥିଲେ। ମାତ୍ର ପ୍ରଥମ ଟେଷ୍ଟ ବିଜୟ ପରେ ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ ପାଇଁ ଦଳ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି। ଆର୍ଚର ଖେଳିଲେ ବ୍ରାଇଡନ୍ କାର୍ସ କିମ୍ବା ଜୋସ୍ ଟଙ୍ଗଙ୍କ ମଧ୍ୟରୁ ଜଣଙ୍କୁ ବାଦ୍ ଦିଆଯାଇଥାନ୍ତା। ମାତ୍ର ଉଭୟ ପ୍ରଥମ ଟେଷ୍ଟରେ ଚମତ୍କାର ବୋଲିଂ କରିଥିଲେ। ନବାଗତ ଟଙ୍ଗ ୭ଟି ୱିକେଟ୍ ନେଇଥିଲେ। ତେଣୁ ତାଙ୍କୁ ଆଉ ଏକ ସୁଯୋଗ ଦେବାକୁ ନିଷ୍ପତ୍ତି ନିଆଯାଇଛି। ସେପଟେ ନୀତିଶ ଫେରିବେ ପ୍ରଥମ ଟେଷ୍ଟ ଖେଳି ନଥିବା ଯୁବ ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀ ଦ୍ୱିତୀୟ ଟେଷ୍ଟ ଖେଳିବା ନେଇ ଯଥେଷ୍ଟ ସମ୍ଭାବନା ରହିଛି। ଗତ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ସମୟରେ ସେ ମେଲବର୍ଣ୍ଣରେ ଶତକ ଅର୍ଜନ କରିଥିଲେ। ମାତ୍ର ଇଂଲଣ୍ଡ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ତାଙ୍କୁ ସୁଯୋଗ ମିଳିନଥିଲା। ତାଙ୍କ ପରିବର୍ତ୍ତେ ଅଭିଜ୍ଞ ସର୍ଦ୍ଦୁଲ ଠାକୁରଙ୍କୁ ପ୍ରାଥମିକତା ଦିଆଯାଇଥିଲା ଓ ସେ ଉଭୟ ବ୍ୟାଟିଂ ଓ ବୋଲିଂରେ ନିରାଶ କରିଥିଲେ। ଗତ ଦୁଇ ଦିନ ହେଲା ଅଭ୍ୟାସ ଶିବିରରେ ନୀତିଶ ସ୍ଲିପରେ ଫିଲ୍ଡିଂ ଅଭ୍ୟାସ କରୁଥିବାର ନଜର ଆସିଛନ୍ତି। କରୁଣ ନାଏର ପ୍ରଥମ ସ୍ଲିପ୍, କେଏଲ ରାହୁଲ ଦ୍ୱିତୀୟ ସ୍ଲିପ୍ ଓ ଶୁଭମନ ଗିଲ୍ ତୃତୀୟ ସ୍ଲିପରେ ଫିଲ୍ଡିଂ କରୁଥିବା ଅଭ୍ୟାସ ଶିବିରରେ ଦେଖିବାକୁ ମିଳିଛି। ସାଇ ସୁଦର୍ଶନ ଓ ନୀତିଶଙ୍କୁ ଚତୁର୍ଥ ସ୍ଲିପ୍ ଓ ଗଲି ଅଞ୍ଚଳରେ ଅଦଳ ବଦଳ କରାଇ ଫିଲ୍ଡିଂ କରାଯାଉଛି। ପ୍ରଥମ ଟେଷ୍ଟରେ ଯଶସ୍ୱୀ ଜୈସ୍ୱାଲ ସ୍ଲିପ୍ ଓ ଗଲି ଅଞ୍ଚଳରେ ଫିଲ୍ଡିଂ କରି ୩ଟି କ୍ୟାଚ୍ ଛାଡ଼ିଥିଲେ। ତେଣୁ ତାଙ୍କ ସ୍ଥାନ ପରିବର୍ତ୍ତନ କରିବାକୁ ଚେଷ୍ଟା ଚାଲିଛି। ଅଭ୍ୟାସ ଶିବିରରେ ଜୈସ୍ୱାଲ୍ ସର୍ଟ ଲେଗ୍ ଅଞ୍ଚଳରେ ଫିଲ୍ଡିଂ କରୁଥିବା ଦେଖିବାକୁ ମିଳିଛି। ତେବେ ସୁନ୍ଦରଙ୍କୁ ଅଗ୍ରାଧିକାର ଏଜବାଷ୍ଟନରେ ୨ଜଣ ସ୍ପିନର ନେଇ ଖେଳିବାକୁ ଯୋଜନା କରାଯାଉଛି। ରବିନ୍ଦ୍ର ଜାଡ଼େଜା ପ୍ରଥମ ସ୍ପିନର ଭାବେ ରହିଛନ୍ତି। ଦ୍ୱିତୀୟ ସ୍ପିନର ସ୍ଥାନ ପାଇଁ ୱାସିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏଜବାଷ୍ଟନ ପିଚରେ ବର୍ତ୍ତମାନ ୧୧ମିଲିମିଟର ଉଚ୍ଚ ଘାସ ରହିଛି। ମାତ୍ର ଟସ୍ ପୂର୍ବରୁ ଏହାକୁ କାଟି ଛୋଟ କରିଦିଆଯିବ ବୋଲି କ୍ୟୁରେଟରଙ୍କ ପକ୍ଷରୁ ସୂଚନା ମିଳିଛି। ଘାସ ରହିଥିଲେ ହେଁ ପିଚ୍ ଶୁଷ୍କ ରହିଥିବାରୁ ସ୍ପିନରଙ୍କୁ ସହାୟତା କରିବା ଆଶା କରାଯାଉଛି। ତେଣୁ ଭାରତ ଦ୍ୱିତୀୟ ସ୍ପିନର ନେଇ ଖେଳିବାକୁ ଲକ୍ଷ୍ୟ ରଖିଛି। କୁଲଦୀପ ଯାଦବଙ୍କ ଅପେକ୍ଷା ସ୍ପିନ୍ ବୋଲିଂ ଅଲରାଉଣ୍ଡର ୱାସିଂଟନ ସୁନ୍ଦରଙ୍କୁ ଅଗ୍ରାଧିକାର ମିଳିପାରେ। ସୁନ୍ଦର ଖେଳିଲେ ବ୍ୟାଟିଂ ବିଭାଗ ଲମ୍ବା ହେବ। କେବଳ ସେତିକି ନୁହେଁ, ମ୍ୟାଚର ପ୍ରଥମ, ତୃତୀୟ ଓ ପଞ୍ଚମ ଦିନରେ ବର୍ଷା ହୋଇପାରେ। ଏଭଳି ସ୍ଥଳେ ସ୍ପିନ ବୋଲିଂ କାମ ନକଲେ ସୁନ୍ଦର ବ୍ୟାଟିଂରେ ସହାୟତା କରିବେ।

# ସୁନା ଝିଅ ଦିବ୍ୟାଶା ସୁନା ଜିତି ତାଳଚେରର ଗୌରବ ବଢ଼ାଇଲେ



ଅନୁଗୁଳ, ୧୭ (ହି.ସ): ଜିଲ୍ଲାର କୋଇଲା ନଗରୀ ତାଳଚେରର ସୁନାଝିଅ ଦିବ୍ୟାଶା ପ୍ରିୟଦର୍ଶିନୀ ଚୋପଦାର ବନ୍ଧୁକ ଚାଳନାରେ ସ୍ୱର୍ଣ୍ଣ ପଦକ ଜିତି ସାରା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ସମ୍ମାନ ଜନକ ରାଜ୍ୟ ୨ୟ ଓପନ ସୁଟିଂ ଚାମ୍ପିଅନସିପରେ ସୁଶ୍ରୀ ଦିବ୍ୟାଶା ଏହି ସ୍ୱର୍ଣ୍ଣ ପଦକ ହାସଲ କରି ସାରା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏ ଖବର ପ୍ରସାରିତ ହେବାପରେ ଶିଳ୍ପ ନଗରୀରୁ ତାଙ୍କୁ ଅନେକ ଶୁଭେଚ୍ଛା ଓ ସ୍ୱାଗତ କରାଯାଇଛି। ତାଳଚେର ରାଜା ବିଜୟନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ ଭୁବନେଶ୍ୱର ଠାରେ ସ୍ୱର୍ଣ୍ଣ ପଦକ ପିନ୍ଧାଇ ଏବଂ ସାର୍ଟିଫିକେଟ ଦେଇ ତାଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍ ସଭାପତି ସମୀର ମହାନ୍ତି ଏବଂ କ୍ରୀଡା ଗୁରୁ ହରିପ୍ରସାଦ ପଟ୍ଟନାୟକ ଦିବ୍ୟାଶାଙ୍କ ସୁଟିଂ ଶୈଳୀର ପ୍ରଶଂସା କରି ଶୁଭେଚ୍ଛା ଦେଇ ଉତ୍ତୋରତର ଉନ୍ନତି କାମନା କରିଛନ୍ତି। ସୂଚନା ଯୋଗ୍ୟ ଯେ, ଦିବ୍ୟାଶା ଷଷ୍ଠ ଶ୍ରେଣୀରୁ ଲଗାତାର ଭାବେ ଆଜି ପର୍ଯ୍ୟନ୍ତ ପାଞ୍ଚ ଥର ସ୍ୱର୍ଣ୍ଣ ପଦକ ଜିତି ଆସୁଛନ୍ତି। ବର୍ତ୍ତମାନ ସେ ଜାତୀୟସ୍ତର ରେ ଖେଳି ଆଇଏସଏସଏଫ କାଟାଗୋରିରେ ଖେଳି ଜାତୀୟସ୍ତରୀୟ ରୀନାଉଣ୍ଡ ସୁଟର ଯୋଗ୍ୟତା ହାସଲ ସହିତ ଭାରତୀୟ ଟିମ୍‌ରେ ସାମିଲ ହେବା ପାଇଁ ସିଲେକ୍ସନ୍ ଟ୍ରାଇଲ ଯୋଗ୍ୟତା ହାସଲ କରିଛନ୍ତି। ଦିବ୍ୟଶାଙ୍କ କହିବା କଥା ଯେ, ସୁଟିଂ ସ୍ପୋର୍ଟ ଏକ ବ୍ୟୟ ବହୁଳ ଖେଳ। ଏହାର ଟ୍ରେନିଂ ତଥା ପ୍ରତିଯୋଗିତା ଆଦିରେ ଭାଗ ନେବା ପାଇଁ ମଧ୍ୟ ବହୁ ଖର୍ଚ୍ଚ ହୁଏ। ଆଜି ପର୍ଯ୍ୟନ୍ତ ମୋର କୋଚ ମୋର ବାପା ଅଟନ୍ତି ସେ ମୋତେ ବନ୍ଧୁକ, ପିସ୍ତଲ୍ ଖେଳିବା ପାଇଁ କୋଚିଙ୍ଗ ଦେଇ ଜାତୀୟସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ଅଛନ୍ତି। ଏବେ କିନ୍ତୁ ମୋତେ ଉଚ୍ଚସ୍ତରୀୟ ଟ୍ରେନିଂ ଦରକାର ହେଉଛି ତେଣୁ ଜିଲ୍ଲାରେ ଥିବା ସରକାରୀ, ବେସରକାରୀ କର୍ପୋରେଟ ସଂସ୍ଥାମାନଙ୍କୁ ଅନୁରୋଧ ଯେ, ଟ୍ରେନିଂର ବ୍ୟବସ୍ଥା ଯଦି ହୁଅନ୍ତା ତେବେ ମୋର ସ୍ୱପ୍ନ ଯେ, ଆଗାମୀ ଦିନରେ ଅଲିମ୍ପିକ୍‌ରେ ଦେଶ ପାଇଁ ମେଡାଲ ଜିତିବାର ଆଶା ପୂରଣ ହୋଇ ପାରନ୍ତା। ତେବେ ଅନୁଗୁଳ ଜିଲ୍ଲାପାଳ ଅବ୍ଦାଲ ଏମ ଅଖତର ଏନଟିପିସି, କଣିହାଁକୁ ସୁପାରିଶ କରି ମୋର ଅନୁରୋଧ ପତ୍ର ପ୍ରେରଣ କରିଛନ୍ତି କିନ୍ତୁ ଏକ ବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ କୌଣସି ପ୍ରତ୍ୟୁତ୍ତର ଆସିନାହିଁ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ତିନି ବର୍ଷ ତଳେ ଭୋପାଳରେ ହୋଇଥିବା ଜାତୀୟ ଚାମ୍ପିୟନସିପରେ ଭାଗ ନେବା ପାଇଁ ଖର୍ଚ୍ଚ ବହନ କରିଥିଲା ସେହି ଦିନ ଠାରୁ ଆଉ କୌଣସି ସାହାଯ୍ୟ ମିଳିନାହିଁ। ଜେଏସପି ଅନୁଗୁଳ ସିଏସଆର ହେଡ ଜୟନ୍ତ ମହାନ୍ତି କୁହନ୍ତି ଯେ, ସୁଟିଂ ଖେଳ ପାଇଁ ଆମର କୌଣସି ବଜେଟ ନାହିଁ। ପ୍ରକାଶ ଥାଉକି ଦିବ୍ୟାଶା ହେଉଛନ୍ତି ନେସନାଲ ଗେମ୍‌ରେ ଭାଗ ନେଇ ଥିବା ଜିଲ୍ଲାର ପ୍ରଥମ ସୁଟର ସେ ୩୭ ନେସନାଲ ଗେମ୍, ଗୋଆରେ ଭାଗ ନେଇ ଅଲିମ୍ପିଆଁନ, ବିଶ୍ୱ ରେକର୍ଡ କରିଥିବା ସୁଟରମାନଙ୍କ ସହିତ ପ୍ରତିଯୋଗୀ ଥିଲେ। ସେମାନେ ଉନ୍ନତ ସରଞ୍ଜାମ, ଉନ୍ନତ କୋଚିଙ୍ଗ ସହିତ ଉନ୍ନତ ସୁଟିଂ ରେଞ୍ଜରେ ଅଭ୍ୟାସ କରିଥିବା ବେଳେ ସେମାନଙ୍କ ସହିତ ଦେଶୀ ସରଞ୍ଜାମ, ଜୋତା ପିନ୍ଧି ଏତେ ବଡ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧି କରୁଥିବା ବେଳେ, ଅନ୍ୟ ରାଜ୍ୟରୁ ଆସିଥିବା ପ୍ରତିଯୋଗୀମାନେ ହସି ଥିଲେ। ଏହି ସୂଚନା ପାଇଲା ପରେ ଟିଟିପିଏସ, (ଏନଟିପିସି), ଏନଟିପିସି କଣିହାଁ ପ୍ରବନ୍ଧନ ତଥା ତନଭି ସଙ୍ଗମ ତରଫରୁ ସୁଟିଂ ସରଞ୍ଜାମରେ ସାହାଯ୍ୟର ହାତ ବଢ଼ାଇ ଅଛନ୍ତି ତାଙ୍କୁ ବହୁତ ବହୁତ ଧନ୍ୟବାଦ ଅର୍ପଣ କରୁଛି ଏବଂ ତାଙ୍କ ପାଖରେ ମୁ ଋଣି ଅଟେ। ଏହା ଦ୍ୱାରା ମୋର ସୁଟିଂ ଦକ୍ଷତା ଆହୁରି ବଢ଼ିବ। ଏହି ଋଣ ତେବେ ପରିଶୋଧ ହେବ ଯେବେ ମୁଁ ଦେଶ ପାଇଁ ମେଡାଲ ଆଣି ଦେଶକୁ ଗୌରବନ୍ୱିତ କରିବି।

# ଏବେ କେବଳ ଧୋନି ହିଁ ରହିବେ 'କ୍ୟାପ୍ଟେନ୍ କୁଲ୍', ମିଳିଲା ଟ୍ରେଡମାର୍କ

ନୂଆଦିଲ୍ଲୀ, ୧୭ (ହି.ସ): କୁଲ୍ ଷ୍ଟାଇଲରେ କ୍ରିକେଟ୍ ଟିମର ନେତୃତ୍ୱ ନେବା ପାଇଁ ଏମ୍ ଏସ୍ ଧୋନି ବେଶ ଲୋକପ୍ରିୟ। ସେଥିପାଇଁ ଫ୍ୟାନ୍ ତାଙ୍କୁ ଦୀର୍ଘ ବର୍ଷ ହେଲା ସ୍ନେହରେ 'କ୍ୟାପ୍ଟେନ୍ କୁଲ୍' ନାମରେ ସମ୍ବୋଧନ କରିଆସୁଛନ୍ତି। ଏହି ଲୋକପ୍ରିୟ ନାଁକୁ ନିଜର କରିବା ଲାଗି ଧୋନି ଟ୍ରେଡମାର୍କ ଆବେଦନ ଦାଖଲ କରିଛନ୍ତି। କ୍ରୀଡ଼ା ତାଲିମ, କୋଚିଂ ସେବା ଓ ଟ୍ରେନିଂ ସେଣ୍ଟରଗୁଡ଼ିକ ନିମନ୍ତେ 'କ୍ୟାପ୍ଟେନ୍ କୁଲ୍' ନାଁ ବ୍ୟବହାର କରିବାର ବିଶେଷାଧିକାର ଚାହାନ୍ତି ଧୋନି। ସେଥିପାଇଁ ସେ ଏହି ପଦକ୍ଷେପ ନେଇଛନ୍ତି। ଟ୍ରେଡ୍ ମାର୍କସ ରେଜିଷ୍ଟ୍ରୀ ପୋର୍ଟାଲ ଅନୁସାରେ, ଧୋନିଙ୍କ ଆବେଦନକୁ ଗ୍ରହଣ କରାଯିବା ସହିତ ତାଙ୍କର ବିଜ୍ଞାପନ ମଧ୍ୟ ଦିଆଯାଇଛି। ଗତ ଜୁନ୍ ୧୬ ତାରିଖରେ ଔପଚାରିକ ଟ୍ରେଡମାର୍କ ପତ୍ରିକାରେ ଏହି ଟ୍ରେଡମାର୍କ ପ୍ରକାଶ ପାଇଥିଲା। ଧୋନିଙ୍କ ଓକିଲ ମାନସୀ ଅଗ୍ରୱାଲ କହିଛନ୍ତି, ଟ୍ରେଡମାର୍କ ଆଇନ କ୍ଷେତ୍ରରୁ ମିଳିଥିବା ସଦ୍ୟ ଖବର ପାଇଁ ଆମେ ବହୁତ ଖୁସି। ଏହି ଯାତ୍ରା ଏତେ ସହଜ ନ ଥଲା। ଧୋନିଙ୍କ ଟିମ୍ ପ୍ରଥମେ 'କ୍ୟାପ୍ଟେନ୍ କୁଲ୍' ନାଁ ଟ୍ରେଡମାର୍କ ପାଇଁ ଆବେଦନ କରିଥିଲେ। କିନ୍ତୁ ରେଜିଷ୍ଟ୍ରୀ ଟ୍ରେଡ୍ ମାର୍କ ଅଧିନିୟମର ଧାରା ୧୧(୧) ଅନ୍ତର୍ଗତ ଆପତ୍ତି କରିଥିଲା। ପୂର୍ବରୁ ରେକର୍ଡରେ ସମାନ ଧରଣର ଟ୍ରେଡମାର୍କ ଥିଲା। ତେଣୁ ଲୋକେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି ବୋଲି ଏହା ଚିନ୍ତା ଦର୍ଶାଇଥିଲା। କିନ୍ତୁ ଧୋନିଙ୍କ ନ୍ୟାୟିକ ଟିମ୍ ଯୁକ୍ତି ଦର୍ଶାଇଲା, 'କ୍ୟାପ୍ଟେନ୍ କୁଲ୍' ଶବ୍ଦର ଧୋନିଙ୍କ ସହ ସ୍ପଷ୍ଟ ଓ ଅନନ୍ୟ ସମ୍ପର୍କ ରହିଛି। ଧୋନିଙ୍କ ଫ୍ୟାନ୍ ଓ ଗଣମାଧ୍ୟମ ଦୀର୍ଘ ବର୍ଷ ଧରି ଏହି ଡାକ ନାଁକୁ ବ୍ୟାପକ ଭାବେ ବ୍ୟବହାର କରିଆସୁଛନ୍ତି। ଏହା ଧୋନିଙ୍କ ସାର୍ବଜନୀନ ପରିଚୟର ଅଂଶ ହୋଇଛି। ଧୋନିଙ୍କ ସହିତ ଦୀର୍ଘ ବର୍ଷ ଧରି ଯୋଡ଼ି ହୋଇ ରହିଥିବାରୁ 'କ୍ୟାପ୍ଟେନ୍ କୁଲ୍' ନାଁ ତାଙ୍କ ଜୀବନର ଅଭିନ୍ନ ଅଂଶ ହୋଇଛି। କ୍ରୀଡ଼ା ଓ ମନୋରଞ୍ଜନ ଜଗତ ପାଇଁ ଏହି ନାଁର ଉପଯୋଗ ହେବ ଯେହେତୁ, ଦ୍ୱନ୍ଦ୍ୱର ଆଶଙ୍କା ବହୁତ କମ୍ ବୋଲି ଧୋନିଙ୍କ ନ୍ୟାୟିକ ଟିମ୍ ସ୍ପଷ୍ଟ କଲା। ଏହି ଟ୍ୟାଗ୍ ଧୋନିଙ୍କ କମର୍ସିଆଲ ଛବି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ରେଜିଷ୍ଟ୍ରୀ ସ୍ୱୀକାର କଲା। ସେଲିବ୍ରିଟି ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷମାନେ ବ୍ୟବସାୟରେ ନିଜର ଛବିକୁ ସୁରକ୍ଷିତ ରଖିବା ପାଇଁ କିଭଳି ବ୍ୟକ୍ତିଗତ ବ୍ରାଣ୍ଡିଂ ଓ ଅନନ୍ୟ ପରିଚୟର ଶକ୍ତିକୁ ବ୍ୟବହାର କରନ୍ତି, ସଦ୍ୟ ମାମଲା ତା'ର ଉଦାହରଣ।

# ଇସଲାମିକ ଦେଶରେ କ୍ରିକେଟ ଖେଳିବାକୁ ଯିବ ନାହିଁ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ, ୧୭ (ହି.ସ): ଅଗଷ୍ଟରେ ହେବାକୁଥିବା ଭାରତ ବନାମ ବାଂଲାଦେଶ କ୍ରିକେଟ ସିରିଜକୁ ନେଇ ବର୍ତ୍ତମାନ ସସପେନ୍ସ ରହିଛି। ଭାରତକୁ ଅଗଷ୍ଟ ୧୭ ତାରିଖରୁ ବାଂଲାଦେଶ ବିପକ୍ଷରେ ୩ଟି ଦିନିକିଆ ଏବଂ ୩ଟି ଟି-୨୦ ମ୍ୟାଚ୍ ଖେଳିବାକୁ ପଡିବ, କିନ୍ତୁ ଦୁଇ ଦେଶ ମଧ୍ୟରେ ବର୍ତ୍ତମାନର ରାଜନୈତିକ ଅସ୍ଥିରତା ଯୋଗୁଁ ଏହି ଗସ୍ତକୁ ନେଇ ସନ୍ଦେହ ରହିଛି। ଏହି ସମୟରେ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଏକ ବଡ଼ ବୟାନ ଦେଇଛି ଏବଂ ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗରେ ପରିସ୍ଥିତି ସ୍ପଷ୍ଟ କରିବାକୁ ଚେଷ୍ଟା କରିଛି। ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସଲାମ ସୋମବାର ଗଣମାଧ୍ୟମକୁ କହିଛନ୍ତି ଯେ, ଭାରତୀୟ କ୍ରିକେଟ ବୋର୍ଡ (ବିସିସିଆଇ) ଏହି ଗସ୍ତ ସମ୍ପର୍କରେ ତାଙ୍କ ସରକାରଙ୍କ ଅନୁମୋଦନ ପାଇଁ ଅପେକ୍ଷା କରିଛି। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏହି ସିରିଜକୁ ନେଇ ଦୁଇ ବୋର୍ଡ ମଧ୍ୟରେ ଆଲୋଚନା ଚାଲିଛି ଏବଂ ଉଭୟ ବୋର୍ଡ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ଅମିନୁଲ ଇସଲାମ କହିଛନ୍ତି ଯେ, ଆମେ ବିସିସିଆଇ ସହିତ ଭଲ ଆଲୋଚନା କରୁଛୁ। ଏହି ସିରିଜ ଅଗଷ୍ଟ-ସେପ୍ଟେମ୍ବରରେ ହେବା ଜରୁରୀ ନୁହେଁ, ଯଦି ସରକାର ଏହାକୁ ଏବେ ଅନୁମୋଦନ ନ କରନ୍ତି, ତେବେ ଆମେ ଭବିଷ୍ୟତରେ ଅନ୍ୟ କୌଣସି ସମୟରେ ଏହି ସିରିଜ ଆୟୋଜନ କରିବୁ। ଅମିନୁଲ ଜୁନ୍ ୩୦ ତାରିଖରେ ଶେର-ଏ-ବାଂଲା ଷ୍ଟାଡିୟମରେ ଅନୁଷ୍ଠିତ ବୋର୍ଡର ୧୯ତମ ବୈଠକ ପରେ ଏହା କହିଛନ୍ତି। ଏହା ପ୍ରଥମ ଥର ହୋଇଥାନ୍ତା ଯେତେବେଳେ ବାଂଲାଦେଶ ନିଜ ଘରୋଇ ଭୂମିରେ ଭାରତ ବିପକ୍ଷରେ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ ଖେଳିଥାନ୍ତାୟ। ଏହା ପୂର୍ବରୁ ଦୁଇ ଦେଶ ମଧ୍ୟରେ ଶେଷ ଟି-୨୦ ସିରିଜ୍ ୨୦୨୪ ମସିହାରେ ଭାରତରେ ଖେଳାଯାଇଥିଲା, ଯେଉଁଠାରେ ବାଂଲାଦେଶକୁ ୩-୦ରେ ପରାଜୟର ସାମ୍ନା କରିବାକୁ ପଡିଥିଲା।

# ଆମେ ଅଧିକ କଥା ହେଉନା, କେବଳ ଆବଶ୍ୟକ କଥା: ସାନଭିକା



ମୁମ୍ବାଇ, ୧୭ (ହି.ସ): ଅଭିନେତ୍ରୀ ପୂଜା ସିଂହ, ଯିଏକି ତାଙ୍କ ଷ୍ଟେଜ୍ ନାମ ସାନଭିକା ଦ୍ୱାରା ପରିଚିତ, ପ୍ରାଇମ୍ ଭିଡିଓର 'ପଞ୍ଚାୟତ'ରେ ରିଙ୍କି ଚରିତ୍ରରେ ଅଭିନୟ କରି ନୀରବରେ କିନ୍ତୁ ପ୍ରଭାବଶାଳୀ ଭାବରେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଏହି ସିରିଜ୍ ତାଙ୍କ କ୍ୟାରିୟରରେ ଆଣିଛି ଏକ ବଡ଼ ପରିବର୍ତ୍ତନ। ବର୍ତ୍ତମାନ ସମୟରେ ଏହି ସିରିଜ୍ ଟ୍ରେଣ୍ଡରେ ଥିବାବେଳେ ଅଭିନେତ୍ରୀ ମଧ୍ୟ ଚର୍ଚ୍ଚାରେ। ଇତି ମଧ୍ୟରେ ଏକ ଜାତୀୟ ଗଣମାଧ୍ୟମ ସହ ସାକ୍ଷାତକାରରେ ସିରିଜର ସହ-କଳାକାରମାନଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ କହିଛନ୍ତି ସାନଭିକା। ଖାସ୍ କରି ଜିତେନ୍ଦ୍ର କୁମାରଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ। ସାନଭିକା ଓ ଜିତେନ୍ଦ୍ର କୁମାର ସିରିଜରେ ରିଙ୍କି ଓ ସଚିବ ଜୀ ଭୂମିକାରେ ଅଭିନୟ କରିଛନ୍ତି। ଉଭୟଙ୍କ ସୁନ୍ଦର ପ୍ରେମ କାହାଣୀ ଏବଂ ଜବରଦସ୍ତ ଯୋଡ଼ି ଦର୍ଶକଙ୍କ ଦ୍ୱାରା ଖୁବ୍ ଆଦୃତି ଲାଭ କରିଛି। ପରଦାରେ ଜିତେନ୍ଦ୍ରଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ସାନଭିକା କହିଛନ୍ତି, 'ମୋତେ ଲାଗେ ଆମ ଭିତରେ ଏକ ଅକୁହା କେମେଷ୍ଟ୍ରି ରହିଛି। ଏହା ଦେବା ଏବଂ ନେବା କରି। ଆମେ ଅଧିକ କଥା ହେଉନା, କେବଳ ଆବଶ୍ୟକ କଥା। କିନ୍ତୁ ଅଭିନୟ କରିବା ସମୟରେ ଆମେ ପରସ୍ପରକୁ ବୁଝିପାରୁ। ସେ ଆହୁରି କହିଛନ୍ତି, 'ଆମେ ମଧ୍ୟ ଅଧିକ ଅଭ୍ୟାସ କରୁନା, କେବଳ ସୁଟିଂ ପୂର୍ବରୁ ଆଲୋଚନା କରୁ। ଜିତୁ ଜଣେ ବହୁତ ସାହାଯ୍ୟକାରୀ ସହ-ଅଭିନେତା। ସେ ମୋତେ ସୁବିଧା ଅନୁଭବ କରାଇବା ପାଇଁ ସମୟ ଦେଇଥିଲେ, କେବେବି ଜଣେ ନବାଗତ ଭଳି ଅନୁଭବ କରାଇ ଦେଇ ନ ଥିଲେ। ଆମ ଭିତରେ ଥିବା ଆମ ଭିତରର ସେହି ଶାନ୍ତ ଓ ସୁନ୍ଦର ସମ୍ପର୍କ ପରଦାରେ ପ୍ରତିଫଳିତ ହୁଏ।'

# 'ହେରା ଫେରି-୩'କୁ ଫେରିଲେ ବାବୁ ରାଓ




ନୂଆଦିଲ୍ଲୀ, ୧୭ (ହି.ସ): ଫିଲ୍ମ 'ହେରା ଫେରି ୩'କୁ ନେଇ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଫିଲ୍ମକୁ ଫେରିଛନ୍ତି ବାବୁ ରାଓ ଓରଫ୍ ପରେଶ ରାୱଲ। ଫିଲ୍ମ ଟିମ୍ ମଧ୍ୟରେ ସୃଜନାତ୍ମକ ମତଭେଦ ଯୋଗୁ ପରେଶ ଫିଲ୍ମ ଛାଡ଼ିଥିଲେ। ଏହି ଖବର ଫ୍ୟାନ୍‌ଙ୍କୁ ଖୁବ୍ ନିରାଶ କରିଥିଲା। ଏବେ ଫିଲ୍ମକୁ ଫେରିବା କଥା ପରେଶ କହିଛନ୍ତି। ସମସ୍ତେ ଏକାଠି ହୁଅନ୍ତୁ ଏବଂ ପରିଶ୍ରମ କରନ୍ତୁ ବୋଲି ସେ ଚାହୁଁଥିବା କହିଛନ୍ତି। ନିକଟରେ ହିମାଂଶୁ ମେହତାଙ୍କ ପଡକାଷ୍ଟରେ 'ହେରା ଫେରି-୩' ସହ ସଂଶ୍ଳିଷ୍ଟ ବିବାଦ ଉପରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ପରେଶ କହିଥିଲେ, ବିବାଦ କିଛି ନାହିଁ। ଯେତେବେଳେ କିଛି କଥା ଲୋକଙ୍କ ମନକୁ ଏତେ ମାତ୍ରାରେ ଛୁଇଁଯାଏ, ଆପଣଙ୍କୁ ଅଧିକ ଯତ୍ନବାନ ହେବାକୁ ପଡ଼େ। ଦର୍ଶକଙ୍କ ପ୍ରତି ଆମର କିଛି ଦାୟିତ୍ୱ ଅଛି। ଦର୍ଶକ ଆମକୁ ଖୁବ୍ ପ୍ରଶଂସା କରିଛନ୍ତି। ତେଣୁ ଆମେ ଏହାକୁ ହାଲୁକାରେ ନେଇପାରିବା ନାହିଁ। ପରିଶ୍ରମ କରିବା। ସମସ୍ତେ ଏକାଠି ହୋଇ ପରିଶ୍ରମ କରିବାକୁ ମୁଁ ଚାହୁଁଥିଲି। ଆଉ କିଛି ନୁହେଁ। ଏହା ପୂର୍ବରୁ ଫିଲ୍ମରେ ବିବାଦ ପରେ ପରେଶ ଫିଲ୍ମ ଛାଡ଼ିବା କଥା ପ୍ରଡକ୍ସନ୍ ହାଉସ୍ ବଦଳରେ ଗଣମାଧ୍ୟମକୁ ଜଣାଇଥିଲେ। ଏହାକୁ ନେଇ ପ୍ରଯୋଜନା ଦାୟିତ୍ୱରେ ଥିବା ଅକ୍ଷୟ କୁମାର ମର୍ମାହତ ହୋଇଥିଲେ।

# ସୌରଭ ଗାଙ୍ଗୁଲିଙ୍କ ବାୟୋପିକରେ ରାଜକୁମାର, ନିଜେ କନଫର୍ମ କଲେ ଅଭିନେତା



ମୁମ୍ବାଇ, ୧୭ (ହି.ସ): ବଲିଉଡ୍ ଅଭିନେତା ରାଜକୁମାର ରାଓ ଖୁବଶୀଘ୍ର ପୂର୍ବତନ ଭାରତୀୟ କ୍ରିକେଟର ସୌରଭ ଗାଙ୍ଗୁଲିଙ୍କ ବାୟୋପିକରେ ନଜର ଆସିବେ। ନିକଟର ଖୋଦ ରାଜକୁମାର ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଏକଥା କହିଛନ୍ତି। ରାଜକୁମାର କହିଛନ୍ତି ଯେ, ଦାଦା ଯେତେବେଳେ କହି ସାରିଲେଣି, ମୁଁ ବି କହିଦେଉଛି। ହଁ ମୁଁ ସୌରଭ ଗାଙ୍ଗୁଲିଙ୍କ ବାୟୋପିକରେ ଅଭିନୟ କରୁଛି। ଏହା ମୋ ପାଇଁ ଗୁରୁ ଦାୟିତ୍ୱ। ଏଥିପାଇଁ ମୁଁ ନର୍ଭସ ମଧ୍ୟ ଅଛି। ଏଥିରେ ଅଭିନୟ କରିବାବେଳେ ବହୁତ ମଜା ମଧ୍ୟ ଲାଗିବ। କିଛି ଦିନ ପୂର୍ବରୁ ସୌରଭ ଏକ ସାକ୍ଷାତକାରରେ କହିଥିଲେ ଯେ, ମୋ ବାୟୋପିକ୍ ପାଇଁ ରାଜକୁମାର ସବୁଠୁ ଭଲ କଳାକାର ହେବେ। ଏହାର ସୁଟିଂ ୨୦୨୬ରେ ହେବ ଓ ଏହା ଡିସେମ୍ବର ୨୦୨୬ରେ ମୁକ୍ତିଲାଭ କରିବ ବୋଲି ସେ କହିଛନ୍ତି। ହେଲେ ଏଯାଏଁ ଫିଲ୍ମର ନିର୍ଦ୍ଦେଶକ ଅନ୍ୟ କଳାକାରଙ୍କ ସମ୍ପର୍କରେ ଘୋଷଣା କରି ନାହାଁନ୍ତି। ତେବେ ବିକ୍ରମାଦିତ୍ୟ ମୋଟୱାନି ଏହାର ମୋଟୱାନି ଏହାର ନିର୍ଦ୍ଦେଶନା ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହାପୂର୍ବରୁ ରାଜକୁମାର ବିକ୍ରମାଦିତ୍ୟଙ୍କ ଫିଲ୍ମ 'ଟ୍ରାପ୍ଡ' ରେ କାମ କରିଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik